R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୮
ତିଥି : ପଞ୍ଚମୀ
୧୪ ଅଗଷ୍ଟ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 308
14 Aug 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### 'ସମୟ' ଓ 'ସମୟ ଲାଇଭ' ପକ୍ଷରୁ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୩।୮ (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସମ୍ବାଦ ପତ୍ର 'ସମୟ' ଓ 'ସମୟ ଲାଇଭ୍' ପକ୍ଷରୁ ପ୍ରାକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ସ୍ଥାନୀୟ ଓଡ଼େଶା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । 'ଭାରତର ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ସମ୍ପର୍କରେ ବିଭିନ୍ନ ବକ୍ତାମାନେ ନିଜର ମତ ରଖିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ବିଶେଷକରି ଛାପା ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ବୋଲି ସେମାନେ କହିଥିଲେ । ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଗଣମାଧ୍ୟମ ସକରାତ୍ମକ ସମ୍ବାଦ ପରିବେଷଣ ସହ ବ୍ୟବସ୍ଥାର ତ୍ରୁଟି ବିଚ୍ୟୁତିକୁ ସାମ୍ନାକୁ ଆଣିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମୟ ଖବର କାଗଜ ଓ ୱେବ୍ ଚ୍ୟାନେଲ ସମୟ ଲାଇଭ ର ସମ୍ପାଦକ ପପୁ ମହାନ୍ତି ସଭାପତିତ୍ୱ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ସ୍ୱାଗତ ଅଭିଭାଷଣରେ ସ୍ୱାଧୀନତା ପୂର୍ବ ଓ ପରର ଗଣମାଧ୍ୟମର




ଭୂମିକା, ସ୍ଥିତି ଓ ପରିସ୍ଥିତି ଉପରେ ସୂଚନା ଦେଇଥିଲେ । ଏହା ସହିତ ପ୍ରାକ ସ୍ୱାଧୀନତାରେ କଷ୍ଟଲବ୍ଧ ସ୍ୱାଧୀନତା ଓ ମହାମନିଷୀଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋଚନା କରିଥିଲେ । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଉପରେ ଆଲୋଚନା କରିବା ସହ ବିଭିନ୍ନ ସମୟରେ ସରକାର କିପରି ଗଣତନ୍ତ୍ରକୁ କଣ୍ଠରୋଧ କରିଥିଲା ତାର ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ଅଭିଭାଷଣରେ ବର୍ତ୍ତମାନ କିପରି ନିର୍ଦ୍ଦିଷ୍ଟ ଖବର କାଗଜ ଉଦ୍ଦେଶ୍ୟମୂଳକ ଭାବେ ଖବର ପ୍ରକାଶନ କରୁଛନ୍ତି ସେ ସମ୍ପର୍କରେ ମତ ରଖିଥିଲେ । ଖବର କାଗଜ ସମାଜର ଜାଗ୍ରତ ପ୍ରହରି ଓ ଖବର ପ୍ରକାଶନ କରି ସମାଜକୁ ସୁଧାରିପାରିବ ସେ ଦିଗରେ ମତ ରଖିଥିଲେ । ଏହା ସହିତ ସମୟ ଖବର କାଗଜର ନିରପେକ୍ଷତା ଖବରର ପ୍ରଶଂସା କରିଥିଲେ । ନିଜ ବିଭାଗର ସଫଳତା ଉପରେ ମଧ୍ୟ ମନ୍ତ୍ରୀ ଶ୍ରୀ ପାତ୍ର ଅନେକ ସୂଚନା ଦେଇଥିଲେ । ସେହିପରି ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସ୍ୱାଧୀନତା ସମୟରେ କଳିଙ୍ଗର ବିଜୟ ଗାଥା, ତ୍ୟାଗ, ଧର୍ମପଦଙ୍କ ଭୂମିକା, ବକ୍ସି ଜଗବନ୍ଧୁଙ୍କ ଲଢୁଆ ମନୋବୃତ୍ତି, ପାଇକ ବିଦ୍ରୋହର ସ୍ମରଣୀୟ ମୁହୂର୍ତ୍ତର ଅବଲୋକନ କରିଥିଲେ। ଏହା ସହିତ ଆଦି କବି ସାରଳା ଦାସ ଓ ଓଡ଼ିଶାର ମହାମନିଷୀମାନେ କିପରି ପ୍ରାକ ସ୍ୱାଧୀନତା ସମୟରେ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେ ସମ୍ପର୍କରେ କହିଥିଲେ । ମନ୍ତ୍ରୀ

### ଭାରତର ସ୍ୱାଧୀନତା ଆନ୍ଦୋଳନରେ ଗଣମାଧ୍ୟମର ଭୂମିକା ଆଲୋଚନା ଚକ୍ର

ସମାଜର ମୁଖ୍ୟସ୍ରୋତରୁ ବିଚ୍ୟୁତ ବା ପଥଭ୍ରଷ୍ଟ ହେଉଥିବା ସବୁ ବର୍ଗର ଲୋକଙ୍କ ପାଇଁ କିପରି ସକାରାତ୍ମକ ଶ୍ରୀ ସ୍ୱାଇଁ କହିଥିଲେ ଯେ ଗଣତନ୍ତ୍ର ହେଉଛି ଲୋକତନ୍ତ୍ରର ଅନନ୍ୟ ପ୍ରତିଫଳନ । (୯ ପୃଷ୍ଠାରେ)

## ତେଲେଙ୍ଗାନାରେ ୩ ଓଡ଼ିଆ ଶ୍ରମିକ ମୃତ

### ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ତେଲେଙ୍ଗାନାରେ ଏକ ସଡକ ଦୁର୍ଘଟଣାରେ ନବରଙ୍ଗପୁର ଜିଲ୍ଲାରେ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଗତ ୧୧ ତାରିଖ ଦିନ ଦାଦନ ଖଟିବାକୁ ଯାଇଥିବା ଝରିଗାଁ ବ୍ଲକ୍ ଉମରକୋଟ ଥାନା ଅର୍ନ୍ତଗତ ପକୋଡାବେଡା ଗ୍ରାମର ଚେତମାନ ଭତ୍ରା, ନାରାୟଣ ଭତ୍ରା, ଜୟରାମ ଭତ୍ରା ରାସ୍ତା ପାର୍ଶ୍ୱରେ ଗଛ ଲଗାଉଥିବାବେଳେ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଏଥିରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ଶବ ତେଲେଙ୍ଗାନାରୁ ଆସି ତାଙ୍କ ଗ୍ରାମରେ ପହଞ୍ଚିବାବେଳେ ସେଠାରେ ଉତ୍ତେଜନା (୯ ପୃଷ୍ଠାରେ)

## ଏଲ୍‌ଓସିରେ ଯବାନ ସହିଦ

ନୂଆଦିଲ୍ଲୀ, ୧୩।୮ (ସବ୍ୟୁ) : ଜମ୍ମୁ-କାଶ୍ମୀରର ଉରୀ କ୍ଷେତ୍ରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନ ସେନା ପକ୍ଷରୁ କରାଯାଉଥିବା ଏକ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବାକୁ ଯାଇ ଜଣେ ଯବାନ ସହିଦ ହୋଇଛନ୍ତି । ଅନୁପ୍ରବେଶକାରୀଙ୍କୁ ଅଟକାଇବା ପାଇଁ ଗୁଳି ବିନିମୟରେ ସେନାର ଜଣେ ଯବାନଙ୍କର ଦେହାନ୍ତ ହୋଇଛି । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ପକ୍ଷରୁ ପୁଣି ଏଭଳି ଏକ ଉଦ୍ୟମ କରାଯାଇଥିବା ସୂଚନା ମିଳିଛି । ସେନାର ତଥ୍ୟ ଅନୁଯାୟୀ ଗତ ୧୨ ତାରିଖ ବିଳମ୍ବିତ ରାତ୍ରିରେ ଅନୁପ୍ରବେଶ ଲାଗି ଉଦ୍ୟମ କରାଯାଇଥିଲା । ମାତ୍ର ଯେଉଁ ଧାରରେ ଅନୁପ୍ରବେଶ ଉଦ୍ୟମ ହୋଇଥିଲା ଏହା ତାହାଠୁ ଭିନ୍ନ ଥିଲା । ପାକିସ୍ତାନ ସେନା ପକ୍ଷରୁ (୯ ପୃଷ୍ଠାରେ)

## ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ

ଭୁବନେଶ୍ୱର, ୧୩।୮ (ସବ୍ୟୁ): ୩ ଦିନ ହେଲା ଅମଲା ସଂଘ ସମୂହ ଛୁଟି ନେଇ ବିଭିନ୍ନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ପ୍ରସଙ୍ଗରେ ଅମଲା ସଂଘକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ । ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକୀୟ ପଦକ୍ଷେପ ନେବେ ସରକାର । ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ । କାମ ନ କଲେ ଦରମା ବନ୍ଦ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ୟାଡର (୯ ପୃଷ୍ଠାରେ)

## ପଞ୍ଚାୟତ ପୁନର୍ଗଠନ ହେବ : ମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ପଞ୍ଚାୟତ ଓ ବ୍ଲକର ପୁନର୍ଗଠନ କରିବେ ରାଜ୍ୟ ସରକାର । ୨୦୨୭ ମସିହା ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ । ୨୦୨୯ ପୂର୍ବରୁ ବ୍ଲକ୍ ପୁନର୍ଗଠନ ହେବ । ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ସେ କହିଛନ୍ତି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ । ଏନେଇ ଏକ କମିଟି ମଧ୍ୟ ଗଠନ କରାଯିବ । ଏହାସହ ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ ପୁନର୍ଗଠନ ହେବ । ମଙ୍ଗଳବାର ରାଜ୍ୟପାଳ ଏ ବିଷୟରେ ଆଲୋଚନା କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି । ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସଙ୍ଗରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକ ପ୍ରତିକ୍ରିୟା ରଖି କହିଛନ୍ତି, ଲୋକଙ୍କ ସୁବିଧା ଲାଗି ସରକାର ଏହା କରିଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ ସଂଶୋଧନ କରାଯାଇଥାଏ । ଲୋକଙ୍କ ହିତ ଏବଂ ରାଜ୍ୟର ବିକାଶ ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି । ଏହା କାହା ପ୍ରତି କୁଠାରଘାତ ନୁହେଁ । ଜଣେ ପ୍ରତିନିଧି ଲୋକ ଏବଂ ଅଞ୍ଚଳ ପାଇଁ ନିର୍ବାଚିତ ହୋଇଥାଏ, ଯେତେବେଳେ ଲୋକଙ୍କର କିମ୍ବା ଅଞ୍ଚଳର (୯ ପୃଷ୍ଠାରେ)

## ରାଜନଗର ଗଣଦୁଷ୍କର୍ମ ମାମଲାରେ ଆଉ ୪ ଗିରଫ

ରାଜନଗର, ୧୩।୮ (ସବ୍ୟୁ) : ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ବର୍ବର ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ପୋଲିସ ଏକା ସାଙ୍ଗରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି କେବଳ ପିଉଶାଙ୍କୁ କୋର୍ଟ ଚାଲାଣ କରିଥିଲା । ଅନ୍ୟ ୪ ଅଭିଯୁକ୍ତଙ୍କୁ ଛାଡିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ସ୍ତରରେ ଚାପ ପଡିଥିଲା। ୪ ଅଭିଯୁକ୍ତଙ୍କ ନାଁରେ ପୀଡ଼ିତା ନିଜେ ଲିଖିତ ଅଭିଯୋଗ କରିଥିଲା। ଏହି ଘଟଣାକୁ ନେଇ ପ୍ରତିକ୍ରିୟା ବଢିବାରେ ଲାଗିଥିଲା । ଶେଷରେ ଆଜି ପୋଲିସ ପଟାମୁଣ୍ଡାଇ ଗ୍ରାମଞ୍ଚଳ ଥାନା ଅନ୍ତର୍ଗତ କୁନ୍ଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ (୨୦ ବର୍ଷ ), ଦୀପକ କୁମାର ଦାଶ ( ୨୦ ବର୍ଷ ), ସୌରଭ ଦାଶ (୨୫ ବର୍ଷ) ଓ ଆଲୋକ ସାହୁ ( ୧୯ ବର୍ଷ ) ଙ୍କୁ ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫ ରେ ମାମଲା କରିବା ସହ ଆଜି (୯ ପୃଷ୍ଠାରେ)

# ୩୮ ମଡେଲ ମଣ୍ଡି ଲାଗି ୩୦୦ କୋଟି

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ଆଗାମୀ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ବିକଶିତ କରାଯିବ । ଏଥିମଧ୍ୟରୁ ୧୪ଟି ବୃହତ, ୧୭ ମଧ୍ୟମ ଓ ୭ କ୍ଷୁଦ୍ର ମଣ୍ଡି ଅନ୍ତର୍ଭୁକ୍ତ । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୬୨ ମଣ୍ଡିକୁ ଏଥିନିମନ୍ତେ ଚୟନ କରାଯିବ । ୩୮ ମଡେଲ ମଣ୍ଡି ପାଇଁ ସମବାୟ ବିଭାଗ ପ୍ରାରମ୍ଭିକ ଭାବେ ୩୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥି ମଧ୍ୟରୁ ନିୟନ୍ତ୍ରିତ ବଜାର କମିଟି ନିଜସ୍ୱ ଅର୍ଥରୁ ୧୫୦ କୋଟି ଓ ରାଜ୍ୟ ସରକାର ୧୫୦ କୋଟି ବ୍ୟବସ୍ଥା କରିବେ । ୨୦୨୫ ଆର୍ଥିକ ବର୍ଷରେ ସମବାୟ ବିଭାଗ ବଜେଟରେ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟରେ ୬



ବିଭାଗର ୭ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେ କହିଥିଲେ ଯେ କ୍ୟାବିନେଟ୍‌ରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ସମବାୟ ବିଭାଗ, ଅର୍ଥ ବିଭାଗ, ବାଣିଜ୍ୟ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଓ ନରଗ ଉନ୍ନୟନ ବିଭାଗର ଦୁଇଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କ୍ୟାବିନେଟ୍ ଅନୁମୋଦନ ଅନୁଯାୟୀ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫ ପ୍ରସ୍ତୁତ ହୋଇଛି । ଏଥିରେ କନିଷ୍ଠ ସହାୟକ କ୍ୟାଡର, ବରିଷ୍ଠ ସହାୟକ, ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ, ପ୍ରତିଷ୍ଠାନ ଅଧିକାରୀ (୯ ପୃଷ୍ଠାରେ)

- କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ମଞ୍ଜୁର
- ୨ ବର୍ଷରେ କାର୍ଯ୍ୟ ଶେଷ ହେବ
- ଭୁବନେଶ୍ୱର ବିମାନବନ୍ଦରରେ ଏମ୍‌ଆର୍‌ଓକୁ ମଞ୍ଜୁର
- ସମ୍ବଲପୁରରେ ପାନୀୟ ଜଳ ଯୋଗାଣ ଲାଗି ୩୮୨ କୋଟିର ପ୍ରକଳ୍ପ
- ଏଲ୍‌ଇଡି ରାସ୍ତା ଆଲୋକୀକରଣ ଲାଗି ୩୫୦ କୋଟି
- ଓଡ଼ିଶା ମିନିଷ୍ଟରିଆଲ ସର୍ଭିସେସ୍ ରୁଲ୍‌କୁ ଅନୁମୋଦନ
- ଓଡ଼ିଶା ନର୍ସିଂ ଏଜୁକେଶନ ସର୍ଭିସ୍ ରୁଲ୍ ଅନୁମୋଦିତ
- ଓଡ଼ିଶା ମ୍ୟୁଜିୟମ୍ କ୍ୟୁରୋଟୋରିଆଲ ସର୍ଭିସେସ୍ ରୁଲ୍ ମଞ୍ଜୁର

### ପୁନେ କୋର୍ଟରେ ଆବେଦନ

# ରାହୁଲଙ୍କ ଜୀବନ ପ୍ରତି ବିପଦ !

ନୂଆଦିଲ୍ଲୀ, ୧୩ ।୮ : ରାହୁଲ ଗାନ୍ଧିଙ୍କ ଜୀବନ ପ୍ରତି ବିପଦ ରହିଛି । ସବରକର ମାନହାନି ମାମଲାର ଅଭିଯୋଗକାରୀ ଓ ନାଥୁରାମ ଗଡ୍‌ସେଙ୍କ ପରିବାର ସହ ସମ୍ପର୍କ ଥିବାରୁ ତାଙ୍କ ଜୀବନ ପ୍ରତି ଏଭଳି ବିପଦର ଆଶଙ୍କା କରାଯାଉଛି ବୋଲି ରାହୁଲଙ୍କ ଓକିଲ ପୁନେ କୋର୍ଟରେ କହିଛନ୍ତି । ପୁନେ କୋର୍ଟରେ ତାଙ୍କ ଓକିଲ ଦର୍ଶାଇଛନ୍ତି ଯେ ରାହୁଲଙ୍କ ବିରୋଧରେ ମାନହାନି ଅଭିଯୋଗ ଆଣିଥିବା ବ୍ୟକ୍ତି ଜଣକ ଚେତାବନୀ ଦେଇ କହିଛନ୍ତି ଯେ ମହାତ୍ମା ଗାନ୍ଧି ହତ୍ୟା ଇତିହାସର ଆଉଥରେ ପୁନରାବୃତ୍ତି ନହେଉ ।

ରାହୁଲଙ୍କ ପକ୍ଷରୁ ତାଙ୍କ ଓକିଲ ମିଲଣ୍ଡ ପାୱାର କୋର୍ଟରେ ଦର୍ଶାଇଛନ୍ତି ଯେ ଅଭିଯୋଗକାରୀ



ସିଧାସଳଖ ନାଥୁରାମ ଗଡ୍‌ସେ ପରିବାରଙ୍କ ସହ ସମ୍ପର୍କରେ ଅଛନ୍ତି । ହିଂସାର ଇତିହାସ ଓ ଅଣସାମ୍ବିଧାନିକ ବ୍ୟବସ୍ଥା ସହ ସେମାନଙ୍କର ସମ୍ପର୍କ ରହିଛି । ଏହା ସହ ଅନ୍ୟ କିଛି ତଥ୍ୟ ମଧ୍ୟ ସେ ପ୍ରଦାନ କରିଛନ୍ତି । ଯାଚିକାରେ ଉଲ୍ଲେଖ କରାଯାଇଛି ଯେ ରାହୁଲ ଗାନ୍ଧିଙ୍କ ପକ୍ଷରୁ ସୁରକ୍ଷା ଲାଗି ଆଗୁଆ ସତର୍କତା ପାଇଁ ଏହି ଯାଚିକା ଦାଖଲ କରାଯାଉଛି । ବର୍ତ୍ତମାନ ରାଜନୈତିକ ପାଣିପାଗ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ । ରାହୁଲଙ୍କ ଓକିଲ ଦର୍ଶାଇଛନ୍ତି ଯେ ସାତ୍ୟକୀ ସବରକର ରାହୁଲଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନର ରାଜନୈତିକ ବାତାବରଣରେ ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ପ୍ରଭାବିତ କରିବା ପାଇଁ ଓ ଚାପ ପକାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ସାତ୍ୟକୀ ସ୍ୱୀକାର କରିଛନ୍ତି ଯେ ନାଥୁରାମ ଗଡ୍‌ସେ ଓ ଗୋପାଳ ଗଡ୍‌ସେଙ୍କ ପରିବାର ସହ ତାଙ୍କର ସମ୍ପର୍କ ରହିଛି । ଯେଉଁମାନେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ହତ୍ୟା ଅଭିଯୋଗ ସହ ସମ୍ପୃକ୍ତ । ୨୦୨୨ ନଭେମ୍ବର ୧୭ରେ ସବରକରଙ୍କ ଉପରେ ରାହୁଲ ଭାରତ ଯୋଡ୍ ଯାତ୍ରା ସମୟରେ ମହାରାଷ୍ଟ୍ରର ଆକୋଲା ଜିଲ୍ଲାରେ ଦେଇଥିବା ମନ୍ତବ୍ୟକୁ ନେଇ ମାନହାନି ମାମଲା ଦାଏର କରାଯାଇଛି । ରାହୁଲ ଉଲ୍ଲେଖ କରିଥିଲେ ଯେ ବ୍ରିଟିଶ ସରକାରଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରି ଉପନିବେଶବାଦ ସରକାରରୁ ପେନସନ ପାଉଥିଲେ । ତେଣୁ ଏହା ସତ୍ୟ ଯେ ଏବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି । ଯେଉଁ ହିଂସାର ଇତିହାସ ସୃଷ୍ଟି ହୋଇଥିଲା ତାହା ସହିତ ଆବେଦନକାରୀଙ୍କ ସମ୍ପର୍କ ରହିଛି । ଇତିହାସକୁ ପୁଣିଥରେ ପୁନରାବୃତ୍ତି ନହେଉ । ରାହୁଲ ପୁଣି ଦର୍ଶାଇଛନ୍ତି ଯେ ଭୋଟ ଚୋରି ଅଭିଯୋଗରେ ଏବେ ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ଉତ୍‌କ୍ଷିପ୍ତ ଅଛନ୍ତି । (୯ ପୃଷ୍ଠାରେ)

# ବିହାର ଏସ୍‌ଆଇଆର ଭୋଟର ଅନୁକୂଳ

ନୂଆଦିଲ୍ଲୀ, ୧୩ ।୮ : ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ଭୋଟର ଅନୁକୁଳ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଆଧାର ବାଦ୍ ପଡିଲେ ବି ପରିଚୟ ପ୍ରମାଣପତ୍ର ଲାଗି ଅନ୍ୟ ବ୍ୟବସ୍ଥା ରହିଛି । ଆଧାର ବାଦ୍ ପଡିବା ନେଇ ଯେଉଁ ଚିନ୍ତାବ୍ୟକ୍ତ କରାଯାଉଛି, ତାହାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି ।



ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ପରିଚୟ ପାଇଁ ଅଧିକ ତଥ୍ୟ ଲୋଡାଯାଇଛି । ଆମେ ବୁଝିବା ଦରକାର ଯେ ଆଧାର ବ୍ୟତୀତ ଅନ୍ୟ ତଥ୍ୟକୁ ମଧ୍ୟ ଗ୍ରହଣ କରାଯାଉଛି । ଏସ୍‌ଆଇଆର୍ ହେଉଛି ଭୋଟର ଅନୁକୁଳ ବୋଲି ଖଣ୍ଡପୀଠ ଅନୁଭବ କରୁଛନ୍ତି । ଫର୍ମ ୭ରେ ଏବେ ୧୧ ତଥ୍ୟ ମଗାଯାଉଛି । ନାମ ଦାଖଲ ପାଇଁ ଏହାକୁ ପରୀକ୍ଷାନିରୀକ୍ଷା କରାଯାଉଛି । ତାଲିକାରେ ନାମ ଯୋଡିବା ପାଇଁ ଏକ ବୈଧାନିକ ଫର୍ମରେ ରହିବା ଆବଶ୍ୟକ । ତେବେ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଆବେଦନକାରୀଙ୍କ ପକ୍ଷରୁ ତଥ୍ୟ ରଖି କହିଥିଲେ ଯେ ନିର୍ବାଚନ କମିଶନ ନାଗରିକତ୍ୱର ପ୍ରମାଣ ମାଗୁଛନ୍ତି । ନିର୍ବାଚନ କମିଶନ ନାଗରିକ ପ୍ରମାଣପତ୍ର ମାଗିପାରିବେ କି ? ଜଣେ ବ୍ୟକ୍ତି ଅଭିଯୋଗ କଲେ ତାହାକୁ ଦର୍ଶାଯାଉନାହିଁ । ଇଆର୍‌ଓ ନୋଟିସ୍ ଦେଉଛନ୍ତି ଏବଂ ସେମାନଙ୍କୁ ଏହାର ଜବାବ ଦେବାପାଇଁ ସମୟ ଦେବା ଦରକାର । ଦୁଇ ମାସ ମଧ୍ୟରେ ଏଭଳି କାର୍ଯ୍ୟ କିଭଳି ହୋଇପାରିବ । ଏସ୍‌ଆଇଆର୍ ଫର୍ମ ଡିସେମ୍ବର ପରେ ହେଉ ଓ ବର୍ଷତମାମ୍ ଚାଲିଲେ ଏହା ବିରୋଧରେ କେହି ରହିବେ ନାହିଁ । ଫର୍ମ ୬ରେ (୯ ପୃଷ୍ଠାରେ)

## ଟ୍ରାଫିକ ଜଗୁଛି ରୋବଟ

ଚୀନ ସବୁବେଳେ ତାର ଉନ୍ନତ ଜ୍ଞାନକୌଶଳ ପାଇଁ ଖୁବ ଭାଇରାଲ ହୋଇଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଦେଖିବାକୁ ମିଳୁଛି ଗୋଟିଏ ରୋବଟ ସେଠିକାର ଟ୍ରାଫିକ ଜଗୁଛି । ରୋବଟଟି ପୋଲିସ ପୋଷାକରେ ଏହି କାର୍ଯ୍ୟ କରୁଛି । ଅବିକଳ ଟ୍ରାଫିକ୍ ପୋଲିସଙ୍କ ଭଳି ହାତ ଦେଖାଇ ଗାଡି ଗୁଡିକୁ ସେ ସଙ୍କେତ ଦେଉଥିବାର ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଏହି ରୋବଟଟି ତାର ଟ୍ରାଏଲ ଫେଜରେ ଥିବା ଜଣା ପଡିଛି । ଭିଡିଓଟି ଏକ୍ସରେ ପୋଷ୍ଟ ହେବା ପରେ ଖୁବ ଭାଇରାଲ ହେଉଛି । ଲୋକମାନେ ଚୀନର ଜ୍ଞାନକୌଶଳ ବ୍ୟବହାରର ଦକ୍ଷତାକୁ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଚୀନ ବର୍ତ୍ତମାନ ୨୦୫୦ ମସିହାରେ ବଞ୍ଚିବା ଆରମ୍ଭ କରିଥିବା କିଛି ୟୁଜର୍ସ ମତ ଦେଉଛନ୍ତି ।



## ସୋସିଆଲ କୋଟ୍ସ



"ମୋତେ ମଧ ଯୋଜନା କରାଯାଇ ସମସ୍ୟାରେ ପକାଯାଇଛି । କୌଣସି କାରଣ ନଥାଇ ଏକଦା ମୋ ଉପରେ ଖରାପ ଡ୍ରାଇଭିଂର ଅଭିଯୋଗ ଲଗାଯାଇଛି ।

ରବିନା ଟଣ୍ଡନ୍, ଅଭିନେତ୍ରୀ



"ମୋତେ ବେଳେବେଳେ ସୁଶାନ୍ତଙ୍କ ଉପସ୍ଥିତି ଅନୁଭୂତ ହୋଇଥାଏ । ହେଲେ ଲୋକ ମୋତେ ସବୁବେଳେ କିଛି ଭୟ ଲାଗୁଥିବା ଘଟଣା ଘଟିଛି କି ବୋଲି ପଚାରନ୍ତି । ହେଲେ ସେଭଳି କୌଣସି ଘଟଣା କେବେ ବି ହୋଇ ନାହିଁ ।

ଅଦା ଶର୍ମା, ଅଭିନେତ୍ରୀ



"ଗୀତକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମୋତେ ପେଟରେ ରୁଟି ସେକିବାକୁ କୁହା ଯାଇଥିଲା । ହେଲେ ଏହା ମୋତେ ଅଜବ ଲାଗିଥିଲା, ତେଣୁ ମୁ ମନା କରିଦେଇଥିଲି ।

ମଲ୍ଲିକା ଶେରାବତ, ଅଭିନେତ୍ରୀ



## ବ୍ରେକଅପ୍ ହୋଇଥିଲେ ମିଳିବ ଚାକିରି

ବିଭିନ୍ନ କମ୍ପାନୀ ଗୁଡିକ ଚାକିରି ଆଶାୟୀଙ୍କ ପାଇଁ ବିଭିନ୍ନ ପ୍ରକାରର ନିୟମ ରଖିଥାଆନ୍ତି । ସେମାନଙ୍କୁ ଚାକିରିରେ ରଖିବା ପୂର୍ବରୁ ବିଭିନ୍ନ ପ୍ରକାରର ପ୍ରମାଣ ପତ୍ର ମଗାଯାଇଥାଏ ଯାହା ସେମାନଙ୍କର ଯୋଗତ୍ୟାକୁ ଦର୍ଶାଇଥାଏ । ତେବେ ବର୍ତ୍ତମାନ ଗୋଟିଏ କମ୍ପାନୀର ଚାକିରି ପ୍ରଦାନ କରିବାର ପ୍ରକ୍ରିୟା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ମୁତାବକ ଏହି କମ୍ପାନୀରେ ଚିଫ୍ ଡେଟିଂ ଅଫିସରର ପଦବୀ ପାଇଁ ବିଜ୍ଞାପନ ବାହାରିଛି । ଏହି ପୋଷ୍ଟର କାମ ଲୋକଙ୍କୁ ଡେଟିଂକୁ ନେଇ ପରାମର୍ଶ ଦେବା । ତେବେ ଏଥିପାଇଁ ପ୍ରାର୍ଥୀଙ୍କର ଜୀବନରେ ବ୍ରେକ୍ଅପ ହୋଇଥିବାର ଆବଶ୍ୟକତା ରହିଛି । ସେମାନଙ୍କ ପାଖରେ ବ୍ରେକଅପର ଅନୁଭୂତି ଥିଲେ ସେ ଏହି ପଦବୀରେ ସଠିକ୍ ଢଙ୍ଗରେ କାର୍ଯ୍ୟ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ମତ ଦିଆଯାଇଛି ।



## କେତେ ଖର୍ଚ୍ଚ କରନ୍ତି ଫାଷ୍ଟ ଫୁଡ଼ରେ

ଆଜିକାଲି ଫାଷ୍ଟ ଫୁଡ ଖାଇବା ଧୀରେଧୀରେ ବଢି ଚାଲିଛି । ସମସ୍ତେ ପ୍ରତି ସପ୍ତାହକୁ ଦୁଇ ତିନି ଦିନ ଏହାକୁ ଖାଇବା ସହିତ ଏଥିରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ତେବେ ନିକଟରେ ବିଶ୍ୱସ୍ତରରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ କେଉଁ ଦେଶର ଲୋକ ଫାଷ୍ଟଫୁଡରେ କେତେ ଖର୍ଚ୍ଚ କରନ୍ତି ସେ ନେଇ ସୂଚନା ରହିଥିଲା । ଏହି ତାଲିକାରେ ଭାରତର ସ୍ଥାନ ୧୩ତମ ସ୍ଥାନରେ ରହିଛି । ସର୍ଭେ ଅନୁସାରେ ଭାରତରେ ବାର୍ଷିକ ୭,୧୪୫.୮୪ କୋଟିର ରେଭିନ୍ୟୁ ମିଳିଥାଏ । ଯାହା ଭାରତର ଫୁଡ୍ ମାର୍କେଟର ଗ୍ରୋଥକୁ ଦର୍ଶାଉଛି । ସେହିଭଳି ଏହି ତାଲିକାରେ ଆମେରିକା, ଚୀନ, ସ୍ୱିଡେନ୍, ମେକ୍ସିକୋ, ସାଉଥ କୋରିଆ ଭଳି ରାଷ୍ଟ୍ର ସାମିଲ ଅଛନ୍ତି । ଭାରତରେ ବର୍ତ୍ତମାନ ଫୁଡ୍ ମାର୍କେଟ୍ ଖୁବ କ୍ଷୀପ୍ରଭାବେ ଗ୍ରୋଥ କରୁଥିବା ଦେଖିବାକୁ ମିଳୁଛି । ଭାରତୀୟଙ୍କ ଆଗ୍ରହ ଫାଷ୍ଟଫୁଡ ପାଇଁ ବଢୁଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି ।

## ଏ.ଆଇ ସହ ଡେଟିଂ



ଆଜିକାଲି ଏ.ଆଇର ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ଖୁବ ଅଧିକ ବଢିଛି । ଘରେ ଖାଦ୍ୟ ରାନ୍ଧିବା ଠାରୁ ଅଫିସ୍‌ରେ କାମ କରିବା ସମୟରେ ଆମେ ଏଆଇ ଠାରୁ ସାହାଯ୍ୟ ନେଉଛେ । ତେବେ ନିକଟରେ ଏକ ଘଟଣା ଖୁବ ଭାଇରାଲ ହେଉଛି, ଯେଉଁଥିରେ ଜଣେ ଯୁବତୀ ଏଆଇ ସହିତ ନିର୍ବନ୍ଧ କରିଛନ୍ତି । କିଛି ମାସର ଡେଟିଂ ପରେ ସେ ଏହି ନିଷ୍ପତ୍ତି ନେଇଥିବା ଜଣା ପଡିଛି । ନିଜର ସୋସିଆଲ ମିଡିଆରେ ସେ ଏନେଇ ସୂଚନା ଦେଇଛନ୍ତି । ତାଙ୍କ ପୋଷ୍ଟଟି ଖୁବ ଭାଇରାଲ ହେବାରେ ଲାଗିଛି, ଲୋକମାନେ ଏଭଳି ନିଷ୍ପତ୍ତି ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ମଣିଷଙ୍କ ଜୀବନରେ ଚାଟ୍ ଜିପିଟିର ଏଭଳି ଦଖଲ କିଛିଜଣଙ୍କୁ ଚିନ୍ତାରେ ମଧ ପକାଇଛି ।

- ୧୭୬୨– ବମ୍ବେ ହାଇକୋର୍ଟର ସ୍ଥାପନା ।
- ୧୯୧୭– ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଚୀନ୍‌ର ଯୁଦ୍ଧ ଘୋଷଣା ।
- ୧୯୨୪– ପ୍ରସିଦ୍ଧ ଲେଖକ ଏବଂ ପତ୍ରକାର କୁଲଦୀପ ନାୟରଙ୍କ ଜନ୍ମ ।
- ୧୯୩୫– ସାମାଜିକ ସୁରକ୍ଷା ଅଧିନିୟମ ଉପରେ ଆମେରିକୀୟ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ବେଲ୍ଟଙ୍କ ସ୍ୱାକ୍ଷର ।
- ୧୯୩୮– ବିବିସିର ପ୍ରଥମ ଫିଚର ଫିଲ୍ମ ଷ୍ଟୁଡେଣ୍ଟ୍ ଅଫ୍ ପ୍ରାଗ୍ ଟେଲିଭିଜନ୍‌ରେ ପ୍ରସାରିତ ।
- ୧୯୪୫– ମହମ୍ମଦ ଅଲ୍ଲୀ ଜିନ୍ନା ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ହେଲେ ।
- ୧୯୪୭– ଭାରତ–ପାକିସ୍ତାନ ବିଭାଜନ ।
- ୧୯୬୮– ମୋରାରଜୀ ଦେଶାଇଙ୍କୁ ପାକିସ୍ତାନର ସର୍ବୋଚ୍ଚ ନାଗରିକ ସମ୍ମାନ ନିଶାନ–ଏ–ପାକିସ୍ତାନରେ ସମ୍ମାନିତ କରାଗଲା ।
- ୧୯୭୧– ୧୧୦ ବର୍ଷ ପରେ ବାହରିନ୍‌କୁ ବ୍ରିଟିଶ ଶାସନରୁ ସ୍ୱାଧୀନତା ମିଳିଲା ।
- ୨୦୧୦– କାବୁଲରେ ସହିଦ ହୋଇଥିବା ଭାରତୀୟ ସେନା ଚିକିତ୍ସା କୋର୍‌ର ମେଜର ଏଲ୍ ଜ୍ୟୋତିନ ସିଂହଙ୍କୁ ଅଶୋକ ଚକ୍ର ଏବଂ ବିନୋଦ ଚୋବେ ଓ ମେଜର ଦବିନ୍ଦ୍ର ସିଂହ ଜସଙ୍କୁ କୀର୍ତ୍ତି ଚକ୍ର ପ୍ରଦାନ ପାଇଁ ଘୋଷଣା ।
- ୨୦୧୨– ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖଙ୍କ ଦେହାନ୍ତ ।

## ଅସରପା କ୍ଷୀର ପୁଷ୍ଟିକର !

ଅସରପାକୁ ଘରେ ଦେଖିଲେ ସମସ୍ତେ ଘୃଣା କରିବା ସହିତ ଏହାକୁ ମାରିବାକୁ ଚେଷ୍ଟା କରନ୍ତି । ଏହାକୁ ରୋଗର ଗନ୍ତାଘର ବୋଲି ତୁଳନା କରାଯାଇଥାଏ । ହେଲେ ଅସରପାର ଖୀର ବେଶ ପୁଷ୍ଟିକର ବୋଲି ନିକଟରେ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହା ଗାଈ ଖୀରଠାରୁ ମଧ ପୁଷ୍ଟିକର ବୋଲି ବୈଜ୍ଞାନିକ ଦାବି କରିଛନ୍ତି । ଅସରପାର ଡିପ୍ଲୋପେଟରା ପୁଂକଣ୍ଟାଟା ପ୍ରଜାତିର ଅସରପାଙ୍କ ପାଖରୁ ମିଳୁଥିବା ଖୀରରେ ଅଧିକ ପୋଷକ ତତ୍ତ୍ୱ ରହୁଥିବା ନେଇ ଦାବି ହେଉଛି । ଏହି ଖୀରରେ ପ୍ରୋଟିନ୍, ଫ୍ୟାଟ୍ ଓ ସୁଗାର ଭରପୁର ମାତ୍ରାରେ ରହିଥାଏ । ହେଲେ ଏହାକୁ ମଣିଷଙ୍କ ଖାଦ୍ୟ ଭାବେ ବ୍ୟବହାରର କରିବା ନେଇ କୌଣସି ତଥ୍ୟ ନାହିଁ ।



ସେହିଭଳି ଏହାକୁ ମଣିଷଙ୍କ ଖାଦ୍ୟ ଭାବେ ବ୍ୟବହାର ପାଇଁ ପରାମର୍ଶ ମଧ ନାହିଁ । ସେହିଭଳି ଏହାର ସେଭଳି ବଡଧରଣର ଟେଷ୍ଟିଂ ମଧ ହୋଇନାହିଁ ତେଣୁ ଏହା ଏକ ତଥ୍ୟ ହୋଇ ରହିଯାଇଛି । ଏହା ମଣିଷଙ୍କ ପାଇଁ ସୁରକ୍ଷିତ କି ନାହିଁ ସେ ନେଇ ମଧ ପ୍ରମାଣ ମିଳି ପାରି ନାହିଁ ।



## ବଢୁଛି ବାଣୀଙ୍କ ଅଡୁଆ

ଫିଲ୍ମ ଗୁଲାଲକୁ ନେଇ ଦୀର୍ଘ ଦିନରୁ ବିବାଦ ଜାରି ରହିଛି । ଏଥିରେ ପାକିସ୍ତାନ ଅଭିନେତା ଫବାଦ ଖାନ୍‌ଙ୍କ ସହିତ ବଲିଉଡ ଅଭିନେତ୍ରୀ ବାଣୀ କପୁର ଅଭିନୟ କରିଛନ୍ତି । ହେଲେ ପହଲଗାମ୍ ଆକ୍ରମଣ ପରେ ଫିଲ୍ମଟିକୁ ଭାରତରେ ରିଲିଜ୍ କରିବାକୁ ମନା କରିଦିଆଯାଇଛି, ଯାହାପରେ ବିବାଦ ଲାଗି ରହିଛି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଏହି ଫିଲ୍ମଟିକୁ ବିଶ୍ୱସ୍ତରୀୟ ରିଲିଜ୍ କରାଯିବ । ୨୯ ଅଗଷ୍ଟରେ ଏହି ରିଲିଜ୍ ହେବା ନେଇ ସୂଚନା ରହିଛି । ଭାରତରେ ବ୍ୟାନ ଲାଗିଥିବାରୁ ଭାରତ ଛଡା ଅନ୍ୟ ସବୁଠାରେ ଏହା ରିଲିଜ୍ ହେବ । ହେଲେ ଏହି ଖବର ଜଣା ପଡିବା ପରେ ଏଆଇଡବ୍ଲ୍ୟୁସିଏ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ପାଖୁ ଚିଠି ଲେଖି ଏହାର ବିରୋଧ କରିଛି ସଂସ୍ଥା, ଏଥିସହିତ ବାଣୀ କପୁର, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ନାଗରିକତା ରଦ୍ଦ ପାଇଁ ମଧ ଏହି ଚିଠିରେ ଦାବି କରାଯାଇଛି । ପୂର୍ବରୁ ମଧ ବାଣୀ କପୁରଙ୍କୁ ଏହି ଫିଲ୍ମ ପାଇଁ ବିରୋଧ ସହିବାକୁ ପଡିଛି ।

## ଗାର୍ଲିକ ଚିକେନ୍

**ସାମଗ୍ରୀ–** ଚିକେନ୍ ବ୍ରେଷ୍ଟ, ଶୁଖିଲା ଲଙ୍କା, ରସୁଣ ଗୋଟିଏ ବୁଦା ଚୋପା ଛଡା, ବଟର, ସୋୟା ସସ୍, ଚିକେନ୍ ମସଲା, ୱାଇନ୍, କଟା ପିଆଜ, ଲାଲ କ୍ୟାପସିକମ୍, ଅଣ୍ଡା, କର୍ଣ୍ଣଫ୍ଲୋର୍, ସୋୟା, ଧଳା ମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚିକେନ୍ ବ୍ରେଷ୍ଟକୁ ଅଣ୍ଡା,ଲୁଣ ଓ କର୍ଣ୍ଣଫ୍ଲୋର ଦେଇ ଗୋଳାଇ ରଖିଦିଅନ୍ତୁ । ଏହାପରେ ଏହି ଖଣ୍ଡ ଗୁଡିକୁ ତେଲରେ ଛାଣି ନିଅନ୍ତୁ । ଆଉ ଏକ ପ୍ୟାନରେ ତେଲରେ ଶୁଖିଲା ଲଙ୍କା ଓ ରସୁଣ ପକାନ୍ତୁ । ଏହାକୁ ଅଳ୍ପ ସମୟ ପାଇଁ ଭାଜନ୍ତୁ । ତାପରେ ଏଥିରେ ବଟର, ସୋୟାସସ୍, ଚିକେନ୍ ଗୁଣ୍ଡ, ୱାଇନ୍ ପକାନ୍ତୁ । ଅଳ୍ପ ସମୟରେ ପରେ ଏଥିରେ ଚିକେନ୍, ପିଆଜ, କ୍ୟାପସିକମ୍, ପିଆଜ ସଣ୍ଢା ପକାଇ ଅଳ୍ପ ସମୟ ଭାଜି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଗାର୍ଲିକ୍ ଚିକେନ୍ ।



# ଲୋଭ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ: ଜଷ୍ଟିସ୍ ହେଗଡେ



ଭୁବନେଶ୍ୱର,(ସବ୍ୟୁ): ବର୍ତ୍ତମାନ ଯୁଗରେ ଲୋଭ ହିଁ ସାମାଜିକ ମୂଲ୍ୟବୋଧର ହ୍ରାସର ମୂଳ କାରଣ ବୋଲି ସ୍ୱନାମଧନ୍ୟ ଆଇନଜ୍ଞ, ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ତଥା କର୍ଣ୍ଣାଟକ ପ୍ରାକ୍ତନ ଲୋକାୟୁକ୍ତ ଜଷ୍ଟିସ୍ ଏନ୍ ସନ୍ତୋଷ ହେଗଡେ କହିଛନ୍ତି । ଦୁଇ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଜଷ୍ଟିସ୍ ହେଗଡେ କିଟ୍ର ସମସ୍ତ କ୍ୟାମ୍ପସ୍ ଓ କିସର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ । ଆଜି କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ 'ଫଲ୍ ଇନ୍ ସୋସିଆଲ୍ ଭ୍ୟାଲ୍ୟୁଜ୍ ଆଣ୍ଡ ଇଟ୍ସ କନସେକ୍ୟୁଏନ୍ସେସ୍' ଉପରେ ବକ୍ତବ୍ୟ ପ୍ରଦାନ କରି କହିଲେ, ନିଜ ଜୀବନକାଳ ମଧ୍ୟରେ ସେ ୧୮୬୧ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି କିନ୍ତୁ କିଟ୍ ଭଳି ଅନୁଷ୍ଠାନ କେଉଁଠି ଦେଖିନାହାନ୍ତି । ଏଠାକାର ଭିତ୍ତିଭୂମି, ପରିଚ୍ଛନ୍ନତା ଓ ପିଲାଙ୍କ ଶୃଙ୍ଖଳା ମୋତେ ବେଶ ସନ୍ତୋଷ ପ୍ରଦାନ କରିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସକୁ ସେ ପ୍ରଶଂସା କରିବା ସହ ଶ୍ରୀ ସାମନ୍ତଙ୍କୁ ଗ୍ରୀକ୍ ଦର୍ଶନର ଆଟଲାସ୍ ସଦୃଶ ଅଭିହିତ କରିଥିଲେ ।

କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ସେ କହିଲେ, ଲୋଭ ଏପରି ଏକ ରୋଗ ଯାହା ପାଇଁ କୌଣସି ଔଷଧ ନାହିଁ ଏବଂ ଏହା ଆମର ସାମାଜିକ ମୂଲ୍ୟବୋଧ ପତନର ମୂଳ କାରଣ । ଟଙ୍କା ଏବଂ କ୍ଷମତା ପଛରେ ପଡ଼ି ମଣିଷ କିଭଳି ନୈତିକ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିଛି ଏବଂ ସମାଜର ମୂଳଦୁଆକୁ ଦୁର୍ବଳ କରିଛି ସେ ସମ୍ପର୍କରେ କହିଥିଲେ ।

ମୂଲ୍ୟବୋଧର ଚାରିକାନ୍ଥ ମଧ୍ୟରେ ମହତ୍ତ୍ୱାକାଂକ୍ଷା ମାନବବାଦରେ ଭିତ୍ତିଭୂମି ହେବା ଉଚିତ । ଛାତ୍ରଛାତ୍ରୀମାନେ ମହତ୍ତ୍ୱାକାଂକ୍ଷା ପରିତ୍ୟାଗ ନ କରିବା ଉଚିତ ବୋଲି ଜଷ୍ଟିସ୍ ହେଗଡେ କହିଥିଲେ । ଯେଉଁମାନେ ଆପଣଙ୍କଠାରୁ କମ୍ ଧନୀ ସେମାନଙ୍କ ବିଷୟରେ ଭାବନ୍ତୁ । ଲୋଭ ମୁଦ୍ରାସ୍ଫୀତି ସୃଷ୍ଟି କରେ, ଟଙ୍କାର ମୂଲ୍ୟ ହ୍ରାସ କରେ ଏବଂ ସାମାଜିକ ଭାରସାମ୍ୟକୁ କ୍ଷୟ କରେ । ଶାନ୍ତିର ଅଭାବ ଆଜି ଆମ ସମାଜର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ବୋଲି ସେ କହିଥିଲେ ।

ନିଜ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, ମୁଁ ଅଗଣିତ ଲୋକଙ୍କୁ ଆମ ସମ୍ବିଧାନ ଅଧୀନରେ ସୁଶାସନ ସୁନିଶ୍ଚିତ କରିବା ପାଇଁ ଯନ୍ତ୍ରଣା ଭୋଗୁଥିବା ଦେଖିଛି । ସାମାଜିକ ମୂଲ୍ୟବୋଧ ଉପରେ ଆମର ସମୃଦ୍ଧ ପ୍ରମାଣ ସତ୍ତ୍ୱେ ସମାଜ ଆଜି ନ୍ୟାୟ ଏବଂ ନିଷ୍ପକ୍ଷତା ଅପେକ୍ଷା ଧନ ଏବଂ ପ୍ରଭାବକୁ ପ୍ରାଥମିକତା ଦିଏ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଲ ସ୍କୁଲର ପ୍ରଫେସର ଏମିରେଟସ୍ ଏନ. ଏଲ. ମିତ୍ର ଏବଂ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗିସ୍ ମଧ୍ୟ ବକ୍ତବ୍ୟ ରଖିଥିଲେ ।

# ଶୀତଳ ଭଣ୍ଡାର ଯଥାଶୀଘ୍ର କାର୍ଯ୍ୟକ୍ଷମ ନେଇ ବୈଠକ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମ ନିମନ୍ତେ ବୁଧବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ କୃଷି ଭିତ୍ତିଭୂମି ସୁଦୃଢ଼ ହେଲେ ହିଁ କୃଷକମାନେ ସଶକ୍ତ ହେବେ, ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ରାଜ୍ୟରେ ଶୀତଳ ଭଣ୍ଡାର ଏବଂ ଗୋଦାମର ବହୁତ ଆବଶ୍ୟକ ଥିବାରୁ ଏହାକୁ ଯଥାଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ସବ୍ ଡିଭିଜନରେ ଅତିକମରେ ଗୋଟିଏ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାର ଅନୁମୋଦନ ପ୍ରାପ୍ତ କରିଛନ୍ତି । ଏଥି ନିମନ୍ତେ ବହୁ ସଂସ୍ଥା ଆବେଦନ ମଧ୍ୟ କରିଛନ୍ତି । ବର୍ତ୍ତମାନ ଏସବୁ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଯଥାଶୀଘ୍ର ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏଥିସହିତ ସାର ଯୋଗାଣର ସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରି କଳାବଜାରୀ ହ୍ରାସ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାବ୍ୟତୀତ ବିଭାଗର ଆଗାମୀ ରଣନୀତି ଓ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମହାଲେଖାକାର ଅଡିଟ-୨ କାର୍ଯ୍ୟାଳୟ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ମହାଲେଖାକାର ଅଡିଟ-୨ କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ଭୁବନେଶ୍ୱର ନଗର ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ପରିବେଶ ସୁସ୍ଥ ଓ ନିର୍ମଳ ରଖିବା ନିମନ୍ତେ ପାତ୍ରପଡା ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ନଗର ବନ ପରିସର ଓ ଯାଆଁଳାସ୍ଥିତ ଅମ୍ରିତା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ମହାଲେଖାକାର ଅତୁଲ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା,ଉପରେ ମହାଲେଖାକାର ଶୁଭମ ସ୍ୱାମୀ ଭୈଜନାଥ, ସୁଶ୍ରୀ ପ୍ରଥମା ପ୍ରତୀକ୍ଷା ପ୍ରଧାନ, ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ଫରେଷ୍ଟର ଅର୍ଚ୍ଚନା ପାତ୍ର, ସୁମିତ୍ରା ମିଶ୍ର, ମହାଲେଖାକାର କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ମହାଲେଖାକାର ଅତୁଲ ପ୍ରକାଶ ଓ ନଗର ବନ ଅଧିକାରୀ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ କରିବା ସହ ଭବିଷ୍ୟତରେ ସେମାନେ ସୁସ୍ଥ ପରିବେଶ ଗଠନରେ ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସିଏଜି କାର୍ଯ୍ୟାଳୟ ଜଳ ବାୟୁ ପରିବର୍ତ୍ତନ ଉପରେ ଅଡିଟ କରିବା ସହ ଦେଶ ବ୍ୟାପି ଏହାର କର୍ମଚାରୀମାନେ ଜନ ସଚେତନତା ସୃଷ୍ଟି ପାଇଁ ନଷ୍ଟା ପାହାଡ, ଖାଲି ଜାଗା, ଶିକ୍ଷା ଅନୁଷ୍ଠାନ ପରିସର ପଥ ପାର୍ଶ୍ୱରେ ବୃକ୍ଷରୋପଣ କରିବା ପାଇଁ ସିଏଜି ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଅଛି । ଏହି କାର୍ଯ୍ୟକ୍ରମରେ ବଉଳ, ମେହଗାନି, ଓଉ, ନିମ ଓ ଅଁଳା ଆଦି ବୃକ୍ଷରୋପଣ କରାଯାଇଥିଲା ।

## ମହାନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆଠଗଡ ,(ସବ୍ୟୁ): ବୁଧବାର ଭୋର ସମୟରେ ମହାନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁର ହରିଜନ ସାହି ର ସ୍ୱର୍ଗତ କାଳନ୍ଦୀ ନାଏକ ଙ୍କ ପୁତ୍ର କାହ୍ନୁ ନାଏକ( ୩୫) ପରି ବୁଧବାର ସକାଳୁ କନ୍ଦରପୁର ମହାନଦୀର ଜୋରମୁହଁ ତୁଠକୁ ଶୌଚ ହେବାକୁ ଯାଇ ନଦୀରେ ବୁଡ଼ି ଯାଇଥିଲେ। ଖବର ପାଇଆଠଗଡ ଅଗ୍ନି ଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି କାହ୍ନୁକୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ ଥାନା ଅଧିକାରୀ ସୁମତି ମହାନ୍ତି ଡାକ୍ତରଖାନା ରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ ।ଆଠଗଡ ଥାନା ୩୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

# ଶ୍ରୀ ମନ୍ଦିରରେ ରେଖା ପଞ୍ଚମୀ ନୀତି

ପୁରୀ,(ସବ୍ୟୁ): ବୁଧବାର ପବିତ୍ର ଭାଦ୍ରବ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ଅର୍ଥା୍ ରେଖାପଞ୍ଚମୀ । ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ରାହୁ ରେଖା । ଶ୍ରୀଜିଉଙ୍କ ଶ୍ରୀମୁଖ ସରସ ଓ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଲାଗି କରା ଯାଇଛି । ମହାପ୍ରଭୁଙ୍କର ଅନେକ ଗୁପ୍ତନୀତି ମଧ୍ୟରୁ ଏହା ଅନ୍ୟତମ ଗୁପ୍ତନୀତି ହୋଇଥିବାରୁ ଦଇତାପତି ସେବାୟତମାନେ ଗୋଷ୍ଠିଗତ ଭାବେ ଏହି ନୀତିକୁ ନିଷ୍ଠାର ସହ ସମ୍ପାଦନ କରିବେ । ପ୍ରଥମ ଭୋଗମଣ୍ଡପ ସରିବା ପରେ ରାହୁରେଖା ଲାଗି ନୀତି ଆରମ୍ଭ ହେବ । ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାଇ ଅପରାହ୍ଣ ୨ ଟା ୩୦ ମିନିଟରୁ ରାତି ୬ ଟା ୩୦ ମିନିଟ ଅର୍ଥାତ ଚାରିଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା । ତେବେ ସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ସ୍ନାନ କରି ଥଣ୍ଡା ଜ୍ୱରରେ ପିଡୀତ ହେବା ପରେ ଶ୍ରୀଜିଉଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥିଲା । ପୁନର୍ବାର ଦେଉଳକରଣ,ତଢାଉ କରଣ,ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢା ଯାଇଥିଲା । ପ୍ରଥମ ଭୋଗମଣ୍ଡପ ସରିବା ପରେ ପୁଷ୍ପାଳକ ସେବାୟତ ଖୋବାକଣ୍ଠି,ମଇଲମ କରିବା ସହ ମହାଜନ ସେବାୟତ ମାନେ ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଖଟଶେଜ ଘରେ ବିରାଜମାନ କରାଇବେ । ଏହାପରେ ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରିସାରିବା ପରେ ୪ ବାଡର ବାଡଗ୍ରାହୀ ଓଷୁଅ ଏବଂ କନା ଦ୍ୱାରା ଚତୁଃର୍ଦ୍ଧାମୂର୍ତ୍ତୀଙ୍କ ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇ ଥିଲେ । ରାହୁରେଖା ନୀତି ସମାପ୍ତ ପରେ ଠାକୁରଙ୍କୁ ମହାସ୍ନାନ କରାଯିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଥିଲା ।


**LIC Housing Finance Ltd.**

LIC HFL – LIC HOUSING FINANCE LTD

Back Office, 6th Floor, Annex Building, IPICOL, Rupali Square, Janpath, Bhubaneswar-751022, Mob.: 9440215656, E-mail: n.chandrasekhar@lichousing.com

**PREMISES REQUIRED ON RENT**

Sealed Offers are invited from the owners of commercial space at prominent locations on Main Road **preferably on Ground Floor / First Floor** having independent access, good frontage and ready for occupation/to be ready within short period of time with required independent power load along with space for four wheeler car parking at the below mentioned place / centre / location.

| Sl.No. | NAME OF AREA OFFICE | CARPET AREA |
| --- | --- | --- |
| 1. | ANGUL | 500-650 sqft. (approx.) |

Last date to submit the application in all respect is **21.08.2025 upto 03:00 PM.** LIC HFL reserves the right to accept or reject any or all of the offers without assigning any reasons thereof.

Place: Bhubaneswar, Date: 14.08.2025 Sd/- Manager Operations, Back Office, Bhubaneswar


# ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଲ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ ଏବଂ ୧୦୦ ବର୍ଷ ଧରି କଟକର ଶ୍ରୀ ସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ୱଳିତ କରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହଲାଲ ଇଣ୍ଡୋର ଷ୍ଟାଡିୟମ ଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆର୍ବିଭାବ ଜୟନ୍ତୀ ଓ କଟକର ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ କହିଛନ୍ତି । ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କାହିଥିଲେଯେ, ପରମପୂଜ୍ୟ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ କେବଳ ଜଣେ ମହାନ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ, ଏବଂ ଜୀବନକୁ ଭଗବାନଙ୍କ ସେବାରେ ନିୟୋଜିତ କରିବା–ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି ।

ଶ୍ରୀ ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗ ଦର୍ଶନ କରିଆସୁଛି । ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ । ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗୃତ କରିନାହିଁ, ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିକୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଥିଲେ ।

ଗୌଡୀୟ ମିଶନର ସଭାପତି ଶ୍ରୀମଦ୍ ଭକ୍ତି ସୁନ୍ଦର ସନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେଯେ, ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହୋରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ୍ୟ ସରିବନି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅଭିଭାଷଣ ରଖିଥିଲେ ।

ଏହି ଅବସରରେ ଶ୍ରୀମଦ୍ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟି ମେମ୍ବର, ଉମେଶ ଖଣ୍ଡେଲ୍ୱାଲ୍ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଗୌଡିୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତି ବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ ।







## ଏମ୍ଏଲ୍ଏ ଲ୍ୟାଡ ୱେବ୍ ପୋର୍ଟାଲ’ର ଶୁଭାରମ୍ଭ

# ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ, ସମୟ ଉପଯୋଗୀ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ‘ଏମଏଲଏ ଲ୍ୟାଡ୍’ ଓ ‘ସିଏମ୍-ଏସ୍ଏ’ ର ସରଳୀକୃତ ଗାଇଡଲାଇନ ଉନ୍ମୋଚିତ କରିବା ସହିତ ଏମଏଲଏ ଲ୍ୟାଡ ୱେବ୍ ପୋର୍ଟାଲର (https://mlalads.odisha.gov.in) ମଧ୍ୟ ଶୁଭାରମ୍ଭ କରିଛନ୍ତି । ଆଜି କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀ ମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମି ଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ ।

ଏହି ନୂଆ ଗାଇଡଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ, ଅନାବଶ୍ୟକ ପ୍ରକଳ୍ପଗୁଡିକୁ ବାଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହା ସହିତ ପ୍ରକଳ୍ପର ସୁପାରିଶଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି । ସେହିପରି ସିଏମ-ଏସ.ଏ ଗାଇଡଲାଇନର ମଧ୍ୟ ସରଳୀକରଣ କରାଯାଇଛି । ଏହାଦ୍ୱାରା ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଥିଲେ ।

ଏହି ନୂତନ ‘ଏମ.ଏଲ.ଏ ଲ୍ୟାଡ଼ ୱେବପୋର୍ଟାଲ’ରେ ବିଧାୟକ ମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିଶ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ ।

ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନ ମଣ୍ଡଳୀରେ ସୁପାରିଶ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ । ଏହା ସହିତ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରକଳ୍ପଗୁଡିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ । ସୂଚନା ଯୋଗ୍ୟ ଯେ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତ୍ୟାନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଗଠନ କରିବାରେ ଏକ ମଜବୁତ ମାଧ୍ୟମ ହୋଇପାରିଛି । ପର୍ଯ୍ୟାୟକ୍ରମେ, ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଅଛି । ଏହି ନୂତନ ଗାଇଡଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି, ପଡୋଶୀ ରାଜ୍ୟ ଗୁଡିକର ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ’ର ଅଧ୍ୟୟନ କରାଯାଇଛି ଏବଂ କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ ।

## ବିଶ୍ୱ ଅଙ୍ଗଦାନ ଦିବସ:୨୦୨୫

# ୨୪ ଜଣ ଅଙ୍ଗଦାତାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ସୂରଜ ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ଅଙ୍ଗଦାନ ମାଧ୍ୟମରେ ନିଜର ମୃତ୍ୟୁ ପରେ ଅନ୍ୟକୁ ଜୀବନ ଦାନ କରିବା ଏକ ଉଚ୍ଚତର ମହାନ କାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି । ବୁଧବାର ଲୋକସେବା ଭବନ ପରିସରରେ ଆୟୋଜିତ ବିଶ୍ୱ ଅଙ୍ଗଦାନ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ମହାଲିଙ୍ଗ ଏହା କହିଛନ୍ତି । ଅଙ୍ଗଦାତା ଏବଂ ସେମାନଙ୍କ ପରିବାରଙ୍କୁ ସମ୍ମାନ ପ୍ରଦର୍ଶନ କରି ସେ କହିଥିଲେ ଯେ ଆପଣଙ୍କ ମହତ ଦାନ ଯୋଗୁ ଅନ୍ୟ ଲୋକମାନେ ଜୀବନ ଦାନ ପାଇବା ସହ ଓଡ଼ିଶାକୁ ମଧ୍ୟ ଜାତୀୟସ୍ତରରେ ଅଙ୍ଗଦାନ କ୍ଷେତ୍ରରେ ଉଦୀୟମାନ ରାଜ୍ୟ ଭାବେ ମାନ୍ୟତା ମିଳିଛି । ଅଙ୍ଗଦାତା ପରିବାର ସ୍ୱଜନମାନଙ୍କୁ ସ୍ୱାଗତ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ କହିଥିଲେ ଯେ ଆପଣମାନଙ୍କ ମାନବୀୟ ତ୍ୟାଗ ଓ ସାହସକୁ କେବଳ କିଛି ଶବ୍ଦରେ ପ୍ରକାଶ କରିହେବ ନାହିଁ । ଅଙ୍ଗଦାନ କରି ଆପଣ ମହାନ ମାନବିକତାକୁ ପ୍ରୋତ୍ସାହିତ କରିଛନ୍ତି । ଜଣେ ଅଙ୍ଗଦାତା ଜୀବନ ଯୁଦ୍ଧ ସହ ଲଢୁଥିବା ଆଠ ଜଣଙ୍କୁ ଜୀବନ ଦେଇଥାଏ । ଏ ପରିକି ଜଣେ ଟିସୁ ଦାନ କରି ୫୦ ଜଣଙ୍କ ଜୀବନ ରକ୍ଷା କରିପାରେ । ଆପଣମାନଙ୍କ ମହତ ଦାନ ପାଇଁ ମୁଁ ଓଡ଼ିଶାବାସୀଙ୍କ ତରଫରୁ ଆପଣମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଏହି ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ତରଫରୁ ଡଃ ମୁକେଶ ମହାଲିଙ୍ଗ ୨୪ ଜଣ ଅଙ୍ଗଦାତାଙ୍କ ପରିବାର ସ୍ୱଜନକୁ ସୁରଜ ପୁରସ୍କାରରେ ସମ୍ମାନିତ କରିଥିଲେ । ପ୍ରତି ପରିବାରଙ୍କୁ ସମ୍ମାନ ସ୍ମାରକୀ ସହ ୫ ଲକ୍ଷ ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଝାରସୁଗୁଡା ଜିଲ୍ଲାର ସ୍ୱର୍ଗତ ରଶ୍ମୀ ପ୍ରଭା ପଟେଲ, ନୟାଗଡଜିଲ୍ଲାର ସିବୁନ ସିଦ୍ଧାର୍ଥ ସାହୁ, ଖୋର୍ଦ୍ଧାର ସ୍ୱର୍ଗତ ବିକାଶ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱର୍ଗତ ମନୋଜ କୁମାର ସାହୁ, ବାଲେଶ୍ୱର ସ୍ୱର୍ଗତ ଅଲେଖ ପ୍ରସାଦ ପରିଡା, କଟକର ସ୍ୱର୍ଗତ ପ୍ରହ୍ଲାଦ ରାଉତ, କେନ୍ଦୁଝରର ସ୍ୱର୍ଗତ ଲତା ମହାନ୍ତ, ସୁନ୍ଦରଗଡର ସ୍ୱର୍ଗତ ଜନ୍ମେଷ ଲେଙ୍କା, ଖୋର୍ଦ୍ଧାର ସ୍ୱର୍ଗତ ପ୍ରଦୀପ କୁମାର ଜେନା ମୟୂରଭଞ୍ଜର ସ୍ୱର୍ଗତ ସୁଶ୍ରୀଆୟାନ ପାତ୍ର, ଅନୁଗୁଳ ଜିଲ୍ଲାର ସ୍ୱର୍ଗତ ବିଶ୍ୱଜିତ ଦାସ, ଖୋର୍ଦ୍ଧାର ସ୍ୱର୍ଗତ ଜୟନ୍ତ କୁମାର ଖମାରୀ, କେନ୍ଦ୍ରାପଡ଼ାର ସ୍ୱର୍ଗତ ଅଜୟ କୁମାର ଗିରି, କୋରାପୁଟର ସ୍ୱର୍ଗତ ଆସିଶ ଛୁଆଲସିଂ, ରାୟଗଡାର ସ୍ୱର୍ଗତ ଚନ୍ଦ୍ରଶେଖର ନାୟକ ଗଜପତିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ଗଜପତିର ସ୍ୱର୍ଗତ ପଣ୍ଡାଇ ଶବର, କେନ୍ଦ୍ରାପଡ଼ାର ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳ, ରାୟଗଡାର ସ୍ୱର୍ଗତ ପିଲାନ୍ତ ଶବର, ଗଜପତିର ସ୍ୱର୍ଗତ କେ ନରେଶ ପଟ୍ଟନାୟକ, ଗଜପତିର ସ୍ୱର୍ଗତ ଅରୁଣ ଭୂୟାଁ, ଖୋର୍ଦ୍ଧାର ସ୍ୱର୍ଗତ ସୌମ୍ୟ ରଞ୍ଜନ ବେହେରା, ଭଦ୍ରକର ସ୍ୱର୍ଗତ ଶିବ ପ୍ରସାଦ ଜେନା, ଏବଂ ଖୋର୍ଦ୍ଧା ଜିଲ୍ଲାର ସ୍ୱର୍ଗତ ରୀନା ପୃଷ୍ଟିଙ୍କ ପରିବାରକୁ ସୂରଜ ପୁରସ୍କାରରେ ସମ୍ମାନିତ କରାଯିବା ସହ ପ୍ରତ୍ୟେକ ପରିବାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନିତ ରାଶି ପ୍ରଦାନ କରାଯାଇଥିଲା । ଉଲ୍ଲେଖ ଯୋଗ୍ୟ ଯେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗଦାନ କରିଥିଲେ ଏବଂ ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିଥିଲେ । ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ୨୦୨୦ ମସିହା ଠାରୁ ସୂରଜ ପୁରସ୍କାର ପ୍ରଦାନ କରା ଯାଉଛି । ମହତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ସ୍ୱାଇଁ, ରାଜ୍ୟ ଅର୍ଗାନ ଏବଂ ଟିସୁ ପ୍ରତିରୋପଣ ସଂସ୍ଥା ନୋଡାଲ ଅଫିସର ପ୍ରଫେସର ଉମାକାନ୍ତ ଶତପଥୀ, ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପ-ଶାସନ ସଚିବ ଅରୁଣା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା କର୍ମଶାଳା



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ସରକାରଙ୍କର ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା (ପିଏମ୍ - ଭିବିଆରୱାଇ)ର ଏକ କର୍ମଶାଳା ଏମ୍ପ୍ଲୋଇମେଣ୍ଟ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେସନ୍ ପକ୍ଷରୁ ଭୁବନେଶ୍ୱର ପାଳିତ ହୋଇଯାଇଛି । ଆଞ୍ଚଳିକ ପିଏଫ୍ କମିଶନର - ଟୁ ମୌସୁମୀ ଲତା ପାଢୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସେହିଭଳି ଏନଫୋର୍ସମେଣ୍ଟ ଅଫ୍ ଅଫିସର ଅଲେଖ ଚନ୍ଦ୍ର ସାହୁ ଏହି ଯୋଜନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହ କର୍ମଚାରୀମାନେ ଏହାର ସମ୍ପୂର୍ଣ୍ଣ ସୁବିଧା ନେବାକୁ କହିଥଲଲେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ମିଶନରେ ଏହା ଏକ ପ୍ରମୁଖ ସ୍ତମ୍ଭ ହେବ ବୋଲି ସେ ଉଲ୍ଲେଖ କରିଥିଲେ । ଶ୍ରୀ ସାହୁ କହିଥିଲେ ଯେ, ଅଗଷ୍ଟ ପହିଲାରୁ ଏହି ଯୋଜନା ଆରମ୍ଭ ହୋଇଛି ଓ ଏହା ୨୦୨୭ ଜୁଲାଇ ୩୧ ଯାଏ ଚାଲିବ । ପ୍ରଥମ ଥର ପାଇଁ ଇପିଏଫ୍ଓ ଏକ ଲକ୍ଷ ଟଙ୍କା ମାସକୁ ରୋଜଗାର କରୁଥିବା କର୍ମଚାରୀଙ୍କୁ ଡିବିଟି ମାଧ୍ୟରେ ୧୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରୋତ୍ସାହନ ରାଶି ଦେବ ଓ ଆଧାର ବିଚ୍ ପେମେଣ୍ଟ ସିଷ୍ଟମରେ କର୍ମଚାରୀ ମାସକୁ ୩ ହଜାର ଟଙ୍କା ସେମାନଙ୍କ ପ୍ୟାନକୁ ଆକାଉଣ୍ଟରେ ଲିଙ୍କ କଲେ ପାଇପାରିବେ । ଉତ୍ପାଦନ କ୍ଷେତ୍ରରେ ଏହାକୁ ଅତିରିକ୍ତ ଦୁଇ ବର୍ଷ ପାଇଁ ପରିବର୍ଦ୍ଧିତ କରାଯିବ । ୟୁନିଭର୍ସାଲ ଆକାଉଣ୍ଟ ନମ୍ବରକୁ ଉମଙ୍ଗ ମୋବାଇଲ ଆପ୍ ଦ୍ୱାରା ଅଗଷ୍ଟ ୧ ରୁ ବାଧ୍ୟତା ମୂଳକ କରାଯାଇଛି । ଇପିଏଫ୍ଓ ପକ୍ଷରୁ ଏହି ନୂଆ ସେବା ୨୦୨୫ ଅଗଷ୍ଟ ୧୫ ଯାଏ ରହିଛି । ଏହି କର୍ମଶାଳାରେ ସ୍ଥାନୀୟ ଶିଳ୍ପର ପ୍ରତିନିଧିଳ ଏଚ୍ଆର ବୃତ୍ତି ଧାରୀ ମାନେ ଯୋଗ ଦେଇ ବିଭିନ୍ନ ବିଷୟରେ ଜାଣିବାକୁ ଚାହିଁଥିଲେ।

# ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସ୍ତାବ ଗ୍ରହଣୀୟ ନୁହେଁ: ବିଜେଡି

## ଏହା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି



ଭୁବନେଶ୍ୱର,(ସବ୍ୟୁ): ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତାକୁ ସଂକୁଚିତ କରିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଯାଉଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଚର୍ଚ୍ଚା ଆରମ୍ଭ ହୋଇଥିଲା ବେଳେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କହିଛି । ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନିର୍ଦ୍ଦେଶନାମାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇଲରେ କେବଳ ବିଡ଼ିଓଙ୍କ ଦସ୍ତଖତ ରହିବ । ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା ଓ ଏହି ପ୍ରକଳ୍ପ ଗୁଡିକ ୧୦ ରୁ ୧୫ ଲକ୍ଷ ପର୍ଯ୍ୟନ୍ତ ରହୁଥିଲା । ତେଣୁ, ୨୦ ଲକ୍ଷ ପର୍ଯ୍ୟନ୍ତ କେବଳ ବିଡ଼ିଓଙ୍କ ଦସ୍ତଖତ ରହିବା ନିୟମ ହେଲେ, ବ୍ଲକ ଅଧ୍ୟକ୍ଷ ମାନଙ୍କ କ୍ଷମତା କେବଳ ସଂକୁଚିତ ନୁହେଁ ବରଂ ସଂପୂର୍ଣ୍ଣ ଶୂନରେ ପରିଣତ ହେବ । ଏହି ପରିପ୍ରେକ୍ଷୀରେ, ନିର୍ଦ୍ଦେଶନାମା ଜାରି କରିବା ପଛରେ ରାଜ୍ୟ ସରକାରଙ୍କର କି ଆଭିମୁଖ୍ୟ ରହିଛି ତାହା ସ୍ପଷ୍ଟ ହେବା ଦରକାର । ଶ୍ରୀ ଅମାତ କହିଛନ୍ତି, ଏହି ପ୍ରସ୍ତାବିତ ନିର୍ଦ୍ଦୋଶନାମା କାର୍ଯ୍ୟକାରୀ ହେଲେ, ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଉପରେ କୁଠାରଘାତ ହେବ । ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ, ତୃଣମୂଳସ୍ତରକୁ କ୍ଷମତା ପ୍ରଦାନ କରାଯିବା କଥା କିନ୍ତୁ ଏହି ନିର୍ଦ୍ଦୋଶନାମା ମାଧ୍ୟମରେ ତୃଣମୂଳସ୍ତରରୁ, ବିଶେଷକରି ନିର୍ବାଚିତ ପ୍ରତିନିଧିମାନଙ୍କ ଠାରୁ କ୍ଷମତା କାଢି ନେବା ପାଇଁ ପ୍ରୟାସ କରାଯାଉଛି । ତେଣୁ, ଏହି ନିର୍ଦ୍ଦୋଶନାମା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ତେଣୁ, ଏହି ପ୍ରସ୍ତାବିତ ନିର୍ଦ୍ଦୋଶନାମାକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ଅମାତ ଦାବି କରିଛନ୍ତି ।

# ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ହର ଘର ତିରଙ୍ଗା ଯାତ୍ରା



ଭୁବନେଶ୍ୱର,(ସବ୍ୟୁ):ଆଉ ଦିନ କେଇଟା ପରେ ସାରା ଦେଶ ପାଳିବ ୭୯ ତମ ସ୍ୱାଧୀନତା ଦିବସ । ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଫରଫର ହୋଇବ ତ୍ରିରଙ୍ଗା । ବ୍ରିଟିଶ କବଳରୁ ଦେଶରୁ ରକ୍ଷା କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇବ ଦେଶ । ତେବେ ଏହି ଅବସରରେ ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗରାଜ ମଣ୍ଡଳ, ଧଉଳୀ ମଣ୍ଡଳ, ରାଜାରାଣୀ ମଣ୍ଡଳର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା ରେ ଯୋଗଦେଲେ ବିଧାୟକ ବାବୁ ସିଂ । ସ୍ୱାଧୀନତାର ୭୬ ବର୍ଷ ପରେ ରାଷ୍ଟ୍ର ଭକ୍ତି ଜାତୀୟତାବାଦ, ଦେଶଭକ୍ତି ଓ ଦେଶରେ ଏକତା ଅଖଣ୍ଡତା ରକ୍ଷା କରିବା ପାଇଁ ଏବଂ ଦେଶକୁ ଶକ୍ତିଶାଳୀ କରିବା ଦେଶର ୧୪୦କୋଟି ଲୋକଙ୍କୁ ଦଳ, ମତ, ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ୍ କରିବା ନିହାତି ଆବଶ୍ୟକ । ସମସ୍ତଙ୍କୁ ଦେଶ ମାତୃକାର ସେବା କରିବା ଓ ଭାରମାତାର ପୂଜନ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ପ୍ରକ୍ରିୟା ଆରମ୍ଭ ହୋଇଛି । ସମାଜର ୭୨ ଭାଗ ହେଉଛି ଯୁବ ସମାଜ ଏବଂ ବିଶେଷ କରି ଏହି ଯୁବ ସମାଜ ଏଥିରେ ଅନୁପ୍ରାଣିତ ହୋଇଛନ୍ତି । ଗତ କିଛିବର୍ଷ ଧରି ପାର୍ଟିର କାର୍ଯ୍ୟକର୍ତ୍ତାମାନେ ସମସ୍ତ ଦେଶବାସୀଙ୍କ ସହ ମିଶି ସାରା ଦେଶରେ ହର୍ଷୋଲ୍ଲାସ ସହିତ ଦେଶର ଏକତା ତଥା ଅଖଣ୍ଡତା ଉଦ୍ଦେଶ୍ୟରେ ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ‘ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା । ୧୫ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଓ ଅନୁଷ୍ଠାନରେ ‘ହର ଘର ତ୍ରିରଙ୍ଗା’ ଉତୋଳନ କରାଯିବା ସହିତ ମହାପୁରୁଷ ଏବଂ ବରପୁତ୍ରମାନଙ୍କ ପ୍ରତିମୂର୍ତି ଓ ସ୍ମାରକୀ ଉପରେ ପୁଷ୍ପାଞ୍ଜଳୀ ଅର୍ପଣ କରାଯିବ । ଏକାମ୍ର ର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା କରାଯିବ । ସାଧାରଣ ଜନତା ମଧ୍ୟ ଏ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିଧାୟକ ଶ୍ରୀ ସିଂ ଏକାମ୍ର ବାସୀଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର,ମଣ୍ଡଳ ସଭାପତି ସୁରୀୟକକାନ୍ତ ସାହୁ, ସଂଗ୍ରାମ ମାର୍ଥା,ଦୁର୍ଗାପ୍ରସାଦ ମହାପାତ୍ର ଓ ସମସ୍ତ ଦଳୀୟ ପଦାଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।

# କଂଗ୍ରେସ ପକ୍ଷରୁ ସିଏମ୍ସି କମିଶନରଙ୍କୁ ସ୍ମାରକ ପତ୍ର ପ୍ରଦାନ

କଟକ,(ସବ୍ୟୁ): କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ମହାନଗର ନିଗମ ଆୟୁକ୍ତଙ୍କ ଭେଟି କଟକ ମହାନଗର ନିଗମରେ ହୋଇଥିବା ଅନିୟମିତତା ଓ ମହାଦୁର୍ନୀତି ବିରୋଧରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଅନିଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ଅନିତା ନାୟକ ଓ ସେକ ସମିମ୍, କଂଗ୍ରେସ ନେତା ପ୍ରତାପ ପରିଡ଼ା, ମୋନାଲିସା ମହାରଣା, ସୁରଜିତ ସାହୁ, ମହେଶ ରାୟ, ଅବଦୁଲ ନସିମ, ହସିନା ପର୍ବିନ ପ୍ରମୁଖ ଉପସ୍ଥିତ ଥିଲେ ।



# ପୁରୀରୁ ରାଜସ୍ଥାନକୁ ଗଡିଲା ଲାଲଗଡ ଏକ୍ସପ୍ରେସ ସ୍ୱତନ୍ତ୍ର ଟ୍ରେନ୍



ପୁରୀ,(ସବ୍ୟୁ): ଭାରତୀୟ ରେଳ ବିଭାଗ ପକ୍ଷରୁ ବୁଧବାର ଅପରାହ୍ନରେ ପୁରୀରୁ ରାଜସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ୍ ଲାଲଗଡ ଏକ୍ସପ୍ରେସର ଚଳାଚଳର ଶୁଭାରମ୍ଭ ହୋଇଛି । ପୁରୀ ଲୋକ ସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ରେଳ ଷ୍ଟେସନରେ ସବୁଜ ରଙ୍ଗର ପତାକା ହଲାଇ ଏହି ନୂତନ ଲାଲଗଡ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଯାହା ଫଳରେ ଶ୍ରୀକ୍ଷେତ୍ର ମହୋଦଧି ସହ ଯୋଡ଼ି ହେବ ରାଜସ୍ଥାନ ମରୁଭୂମି । ଏହି ଟ୍ରେନ ଚଳାଚଳ ଦ୍ୱାରା ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡିହେବ । ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ ବିଭାଗ । ଓଡିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ, ପର୍ଯ୍ୟଟନ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ ଲାଲଗଡ ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି । ରେଳ ବିଭାଗ ପକ୍ଷରୁ ଆଜି ସମ୍ପ୍ରସାରିତ ଟ୍ରେନକୁ ସବୁଜପତାକା ଦେଖାଇ ଶୁଭାରମ୍ଭ ହୋଇଛି । ସାପ୍ତାହିକ ଏହି ଟ୍ରେନଟି ପ୍ରତି ବୁଧବାର ସକାଳ ୬ ଟା ୩୫ ରେ ପୁରୀ ରେଳଷ୍ଟେସନ ଛାଡି ତାପର ଦିନ ରାତି ୮ ଟା ୩୫ ମିନିଟ ରେ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ଷ୍ଟେସନରେ ପହଞ୍ଚିବ । ପୁରୀ ଏବଂ ଶ୍ରୀ ଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ ଟି ଷ୍ଟପେଜରେ ରହିବ । ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ । ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର ସୂଚନା ଦେଇ କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀବିଶ୍ୱସ୍ତରୀୟ ରେଳଷ୍ଟେସନର ନବୀକରଣ କରାଯିବ । ରାଜ୍ୟସଭା ସାଂସଦ ତଥା ରେଲୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକେଟ୍ କାଉଣ୍ଟର୍ କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି । ସଂପ୍ରସାରିତ ଏହି ଟ୍ରେନର ଶୁଭାରମ୍ଭ ଉତ୍ସବରେ ପୁରୀ ବିଧାୟକ ସୁନିଲ ମହାନ୍ତି, ରେଳବାଇ ଡିଆରଏମ୍ ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବେ । ଏହି ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବୁଢୀମା ମନ୍ଦିର କାନ୍ଥରେ ଧମକ ପୂର୍ଣ୍ଣ ଲେଖା: ଜଣେ ଗିରଫ

ଭୁବନେଶ୍ୱର,(ସବ୍ୟୁ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ବୁଢୀ ମାଆ ମନ୍ଦିର କାନ୍ଥରେ ଧମକପୂର୍ଣ୍ଣ ବାର୍ତ୍ତା ଲେଖିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ହୋଇ ଥିବା ବ୍ୟକ୍ତି ଜଣକ ଜଣେ ମାନସିକ ବିକାର ଗ୍ରସ୍ତ ବୋଲି ଜଣା ପଡ଼ିଛି । ଖବରରୁ ପ୍ରକାଶ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସିଂହଦ୍ୱାର ନିକଟରେ ବୁଢ଼ୀ ମା ମନ୍ଦିର ରହିଛି । ଉକ୍ତ ମନ୍ଦିର କାନ୍ଥରେ ଜଣେ ବ୍ୟକ୍ତି କେତେକ ଧମକ ପୂର୍ଣ୍ଣ ବାର୍ତ୍ତା ଲେଖି ଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୋଲିସ ଜଣକୁ ଚିହ୍ନଟ କରିଥିଲା । ତାକୁ ସିଂହଦ୍ୱାର ଥାନାରେ ଆଣି ତାକୁ ଜେରା କରାଯାଉଛି । ଧରି ଆଣିବା ସମୟରେ ପୋଲିସ ସହ ହୋ ହଲା କରିଛି ସେହି ବ୍ୟକ୍ତି । ବ୍ୟକ୍ତି ଜଣକ ପ୍ରାୟ ୬୫ ବର୍ଷ ବୟସ୍କ ବୋଲି ଅନୁମାନ କରାଯାଉଛି । ଥାନାରେ ରିକ୍ରିଏସନ୍ କରାଯାଇଛି । ସିଂହଦ୍ୱାର ଥାନା କାନ୍ଥରେ ଚକ୍ ଖଡ଼ିରେ ଅଭିଯୁକ୍ତ ଜଣଙ୍କୁ କିଭଳି ଲେଖିଥିଲା ଅବିକଳ ରି କ୍ରିଏସନ କରିଛି । ତେବେ ଏ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କହିଛନ୍ତି ପୁରୀ ଏସପି ପିନାକ ମିଶ୍ର ।

# କଟକରେ ଜୟଆଲୁକ୍କାସ ସ୍ୱର୍ଣ୍ଣ ଅଳଙ୍କାର ସୋ’ରୁମ୍ ଉଦ୍‌ଘାଟିତ

କଟକ,(ସବ୍ୟୁ): ଦେଶର ଅଗ୍ରଣୀ ପ୍ରତିଷ୍ଠାନ ଜୟଆଲୁକ୍କାସର ନୂତନ ସ୍ୱର୍ଣ୍ଣ ଅଳଙ୍କାର ସୋ’ ରୁମ୍ ବୁଧବାର ସନ୍ଧ୍ୟାରେ କଟକ ସ୍ଥିତ କ୍ୟାଣ୍ଟନମେଣ୍ଟ ରୋଡରେ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋଷ , କଟକ ମେୟର ସୁବାସ ସିଂ, ୨୫ ନମ୍ବର ୱାର୍ଡ କର୍ପୋରେଟର ସତ୍ୟରାମ ସାହୁ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଜଣାଶୁଣା ମଡେଲ ମାଲଭିକା ଶର୍ମା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏତଦ ବ୍ୟତୀତ ଜୟଆଲୁକାସ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥମାସ ମାଥ୍ୟୁ ଭାଇଚାରା ଓ ପରମ୍ପରାର ଏକହଜାର ବର୍ଷର ସହରରେ ଜୟଆଲୁକାସ ଉପସ୍ଥିତିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ନୂତନ ଅଳଙ୍କାର ସୋ’ ରୁମ୍ ଖୋଲିବା ଅବସରରେ ଜୟଆଲୁକ୍କାସ୍ ପକ୍ଷରୁ ହୀରା ଓ ଅନକଟ ହୀରା ଅଳଙ୍କାର ଉପରେ ୨୫ ପ୍ରତିଶତ ରିହାତି ଏବଂ ୧ ଲକ୍ଷ ଟଙ୍କା ଓ ତା’ ଠାରୁ ଅଧିକ ମୂଲ୍ୟର ସୁନା ଓ ମୂଲ୍ୟବାନ ଷ୍ଟୋନ୍ ଅଳଙ୍କାର ଉପରେ ଗ୍ରାହକଙ୍କ ପାଇଁ ୫ ଗ୍ରାମର ରୂପାବାର ପ୍ରଦାନ ବ୍ୟବସ୍ଥା ରହିଛି । ପ୍ରତ୍ୟେକ ଗ୍ରାହକ କିଣାକିଣି ଉପରେ ନିଶ୍ଚିତ ମାଗଣା ଉପହାର ପାଇବେ । ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯାଇଥିବା ଜୟଆଲୁକାସ ନୂତନ ସୋ’ରୁମ୍ ଏକ ବି ବିଶ୍ୱସ୍ତରୀୟ ତଥା ବିଳାସପୂର୍ଣ ସପିଂ ଅନୁଭୂତି ପ୍ରଦାନ କରିବ । ଗ୍ରାହକମାନେ ଏକ ଚମତ୍କାର ପରିବେଶରେ ପାରମ୍ପାରିକ ସୁନା, ବିବାହ ଅଳଙ୍କାର, ହୀରା, ମୂଲ୍ୟବାନ ଷ୍ଟୋନ୍ ଆଦି କିଣି ପାରିବେ ।



## କେବେ ବଦଳିବ ଦାଦନ ଶ୍ରମିକଙ୍କ ଭାଗ୍ୟ ?

# ଦାଦନ ଶ୍ରମିକଙ୍କ ଠିକଣା ଗୁଜରାଟ

ବାରିପଦା, (ସବ୍ୟୁ) : କେବେ ବଦଳିବ ଦାଦନ ଶ୍ରମିକଙ୍କ ଭାଗ୍ୟ...? ସରକାର ବଦଳିଲା' ହେଲେ ବଦଳିଲାନି ଦାଦନ ଶ୍ରମିକଙ୍କ ଭାଗ୍ୟ । କାଲି ବି ଦାଦନ ଖଟୁଥିଲେ ଆଉ ଆଜି ବି' ଦାଦନ ଖଟୁଛନ୍ତି । ସରୁନି ଦାଦନ ଦୁଃଖ, ଓଡ଼ିଶାରେ ମିଳୁନି କାମ, ତେଣୁ ଘର ସଂସାର ଛାଡି ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି ଶହ ଶହ ଶ୍ରମିକ । ଯାହାର ଏକ ବଡ଼ ଉଦାହରଣ ଦେଖିବାକୁ ମିଳିଛି ବାରିପଦା ସହର ଉପକଣ୍ଠରେ ।

ଘଟଣା ମୁତାବକ ଆଜି ମଧ୍ୟାହ୍ନରେ ବାରିପଦା ସହର ନିକଟସ୍ଥ ସଦରଥାନା ଅଧିନ ମଞ୍ଚାବନ୍ଧା ଠାରେ ସନ୍ଦେହ ଜନକ ଭାବେ ରାଧା ମାଧବ ନାମକ ଏକ ଘରୋଇ ବସ୍ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲା ଏବଂ କିଛି ଯୁବକ ବସ୍‌ର ଆଖପାଖରେ ଜଗି ରହିଥିବା ବେଳେ କିଛି ଲୋକ ଆସି ବସରେ ଚଢୁଥିଲେ । ଯାହାକୁ ବାରିପଦା ସହରର କିଛି ଯୁବନେତା ସତର୍କତା ର ସହ ନଜର ରଖିଥିଲେ ଏବଂ ଖବର ପାଇ ବାରିପଦା ପୌରପରିଷଦର ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି ମଧ ଘଟଣା ସ୍ଥଳରେ ପହଞ୍ଚି ବସ୍‌ରେ ଥିବା ଲୋକଙ୍କୁ ପଚାରି ବୁଝିଥିଲେ ଏବଂ ଜାଣିବାକୁ ପାଇଥିଲେ କି' ବସ୍‌ଟି ସେମାଙ୍କୁ ନେଇ ଗୁଜୁରାଟ ଯିବାର ଅଛି । କିଏ କହୁଛି ଆମେ ବୁଲିବା ପାଇଁ ଯାଉଛେ ତ' ଆଉ କିଏ କହୁଛି ଆମେ କାମ କରିବା ପାଇଁ ଯାଉଛେ । ତେଣୁ ସମସ୍ତଙ୍କ କଥାରେ ତାଳମେଳ ନରହିବାରୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ସେ ଏନେଇ ସ୍ଥାନୀୟ ପୋଲିସ ଷ୍ଟେସନ୍ ଏବଂ ଲେବର ଅଫିସରଙ୍କୁ ଖବର ଦେଇଥିଲେ । ଖବରପାଇ ସ୍ଥାନୀୟ ପୋଲିସ ଏବଂ ଲେବୋର ଅଫିସର ଘଟଣା ସ୍ଥଳରେ ପହଞ୍ଚ ତଦନ୍ତ ଆରମ୍ଭ କରିଥିଲେ । ବସ୍‌ରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୪୦ରୁ ଅଧିକ ଶ୍ରମିକ ରହିଥିବାବେଳେ କିଛି ଦଲାଲ ସେମାନଙ୍କୁ ଗୁଜୁରାଟ ନେଇଯାଉଥିବା ଜଣାଯାଇଥିଲା ।

ତେବେ ବସ୍‌ରେ ଥିବା କୌଣସି ଲୋକଙ୍କର ଲେବୋର କାର୍ଡ ନଥିବା କାରଣରୁ ଶ୍ରମ ଅଧିକାରୀ ସମସ୍ତଙ୍କୁ ନିଜ ନିଜ ଘରକୁ ପଠେଇ ଦେଇଥିବା ବେଳେ ବେଆଇନ ଭାବେ ଏତେ ଲୋକଙ୍କୁ ନେଇ ବାହାର ରାଜ୍ୟକୁ ଯାଉଥିବା ବସ୍‌ଟିକୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବାରିପଦା ସଦରଥାନା ପୋଲିସ । ଅନ୍ୟପଟେ ବସ୍‌ରେ ଥିବା ଶ୍ରମିକ ମାନେ ଓଡ଼ିଶାରେ କାମ ନମିଳିବା କାରଣରୁ ଗୁଜୁରାଟ ଯାଇ ସେଠାରେ ଟାଇଲ୍ସ, ମାର୍ବଲ ଓ କାର୍ଟୁନ୍ କାରଖାନାର କାମ କରି ଅଧିକ ଟଙ୍କା ରୋଜଗାର କରିବାର ଆଶାନେଇ ଯାଉଥିଲେ ବୋଲି କହିଛନ୍ତି ।

## ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ ପାଇଁ

# ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ବାରିପଦା, (ସବ୍ୟୁ) : ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ବର୍ଷର ମହିଳା ଓ ୫୦ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟ ସାଜିଛି। ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବୀ ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି ।

ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଆଜିର ସମାବେଶରେ ସାମିଲ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା, ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଂଚ ହଜାର କରିବା। ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ। ଏହି ଯୋଜନାରେ କଳାକାରଙ୍କ ଭଳି ୪୦ବର୍ଷରୁ ଉର୍ଦ୍ଧ ମହିଳା ଓ ୫୦ବର୍ଷରୁ ଉର୍ଦ୍ଧ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଶହ ଶହ କାରିଗର ସାମିଲ ହୋଇଥିବାବେଳେ ମଧୁବନ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ଜିଲ୍ଲା ସଭାପତି କନକ ଲତା ମହାନ୍ତ, ସଂପାଦିକା ଦେବଯାନୀ ସେଠୀ, କଳ୍ପନା ଜେନା ଓ ସରୋଜିନୀ ମହାନ୍ତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୟୁବି ହାଇସ୍କୁଲରେ ହର୍ ଘର୍ ତ୍ରିରଙ୍ଗା

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ଭଞ୍ଜନଗରରେ ଏନ୍‌ସିସି (ଆର୍ମୀ ଉଇଙ୍ଗ୍) ସେକେଣ୍ଡ ଅଫିସର ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସମସ୍ତ ଏନ୍‌ସିସି କ୍ୟାଡେଟ୍ ଅଗ୍ରଗାମୀ ବାର୍ତ୍ତାବହ ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନମୋହନ ରଥ (ଓଇଏସ୍-୨) ଓ ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମଭାଗରେ ତ୍ରିରଙ୍ଗା ପତାକାର ମହତ୍ତ୍ୱ ଓ ଭାରତୀୟତା ସଂପର୍କିତ ଆଲୋଚନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ନାରଙ୍ଗୀ, ଶୁଭ୍ର ଏବଂ ସବୁଜ ରଙ୍ଗର ପୋଷାକ ପରିଧାନ କରି ଏକ ଭାରତ ମାନଚିତ୍ର ଭଳି ଠିଆ ହୋଇଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ବିଳାସିନୀ ଜେନା, ସ୍ୱପ୍ନେଶ୍ୱରୀ ଦିଗାଲ୍, ସନ୍ତୋଷ ବେହେରା, ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ଜ୍ୟୋତ୍ସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ ସନ୍ତୋଷ ବେହେରା, ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ସୁନିଲ୍ ବେହେରା, କାଜଲ ବେହେରା, ଶୁଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ, ଜ୍ୟୋତ୍ସ୍ନା ରାଣୀ ନାୟକ, ଶଙ୍କର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ମେମ୍ବରଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌କେସି ହାଇସ୍କୁଲରେ 'ସ୍ମୃତି ସନନ୍ଦ' ପରିଚୟ ପୁସ୍ତିକା ବିତରଣ ଉତ୍ସବ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂଗଠନ ସୌଜନ୍ୟରେ ପ୍ରକାଶିତ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇ ଥିବା ଜିଲ୍ଲାର ଜାତୀୟ ଓ ରାଜ୍ୟ ସ୍ତରରେ ୯୦ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପୂର୍ଣ ତାଲିକା ତଥା ଉପଲବ୍ଧ ହୋଇ ପାରିଥିବା ୬୬ଜଣଙ୍କ ପରିଚୟ ସମ୍ପର୍କିତ ପୁସ୍ତିକା ସ୍ମୃତି ସନନ୍ଦ' ସଂଗଠନ ତରଫରୁ ଏମ୍‌କେସି ହାଇସ୍କୁଲର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କୁ ପ୍ରଦାନ କରାଯାଇଅଛି ।

ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ତଥା ପୁସ୍ତିକାର ସଙ୍କଳକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି ଓ ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣେନ୍ଦୁ ଦାସ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ତଥା କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ଉମେଶ ଦାସ, ଶାନ୍ତନୁ ପାଢ଼ୀ, ସର୍ବୋତୋଷ ଦାଶ ପ୍ରମୁଖ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ । ଗର୍ବ ଓ ଗୌରବର କଥା ଯେ, ଏହି ବିଦ୍ୟାଳୟର ପ୍ରାକ୍ତନ ୧୩ଜଣ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା କୃତୀ ଶିକ୍ଷକ ମାନେ ଏହି ପୁସ୍ତିକାରେ ଅଳଙ୍କୃତ ହୋଇଛନ୍ତି । ଏଭଳି ମହନୀୟ କାର୍ଯ୍ୟ ପାଇଁ ପୁସ୍ତିକା ସଙ୍କଳନ ର ମାର୍ଗଦର୍ଶକ ତଥା ସଂଗଠନର ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ର ସଂସଦ କୃତଜ୍ଞତା ଜ୍ଞାପନ କରିବା ସହ ଏହା ଆଗାମୀ ଦିନରେ ଶିକ୍ଷକ ସମାଜକୁ ପ୍ରେରଣା ପ୍ରଦାନ କରିବ ବୋଲି ମତ ରଖିଛନ୍ତି ।

## ସାପ କାମୁଡ଼ା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରୋହିତ୍ୟରେ ସାପ କାମୁଡ଼ା ପ୍ରତି ସାବଧାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ସେକ୍ଟରରୁ ୫ ଜଣ ଲେଖାଏଁ ହିସାବରେ ବୁଗୁଡା ଅଞ୍ଚଳର ୧୦ଟି ସେକ୍ଟରରୁ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାପ କାମୁଡ଼ା ପ୍ରତି କିପରି ସତର୍କତା ଅବଲମ୍ବନ କରାଯାଇପାରିବ ଏବଂ ସାପ କାମୁଡ଼ାର ଶିକାର ହେଲେ କଣ କରାଯିବା ଉଚିତ ଓ ଅନୁଚିତ ସେନେଇ ଅଙ୍ଗନୱାଡି କର୍ମୀଗଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକାମାନେ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଗୋଲିଆ ଗ୍ରାମରେ ମଧ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦିତାମୂଳକ ପରିସ୍ଥିତିକୁ ସମ୍ମୁଖୀନ ନେଇ ପ୍ରସ୍ତୁତ କରିବା ଯୁଗପଯୋଗୀ ଶିକ୍ଷାଦାନର ଢାଞ୍ଚା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପଂହଁଚିବାକୁ ଉପଦେଶ ଦେଇଥିଲେ। କୁଳପତି କହିଛନ୍ତି ଯେ ବିଭିନ୍ନ ବିଭାଗର ଛାତ୍ରଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଶ୍ୱବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ନିଜ ଭବିଷ୍ୟତ ଗଠନ ଉପରେ ଉପଦେଶ ଦିଆଯିବ। ଏକାଡ଼େମିକ ଡିନ କହିଥିଲେ ଯେ ଆମେ ଶିକ୍ଷାଗତ ବିକାଶ ଉପରେ ଧ୍ୟାନ ଦେବୁ । ଡ. ଆକଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ର. ସ୍ୱାଧୀନ ମିଶ୍ର । ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଡିନ୍ କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ଶୌନକ ବିଶ୍ୱାସ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରିସଙ୍ଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ। ଆଡମିଶନ୍ ଡିନ୍ ଆଶିଷ ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟର୍ନସିପ, ସେମିନାରରେ ସମୟ ଅତିବାହିତ କରି ଇଣ୍ଡଷ୍ଟ୍ରି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ। ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶୃଙ୍ଖଳା ଏକ ମୁଖ୍ୟ ମୂଲ୍ୟବୋଧ ଏବଂ ଛାତ୍ର ଛାତ୍ରୀ ମାନେ ଯାତ୍ରା ସମୟରେ ଏହାକୁ ବଜାୟ ରଖନ୍ତୁ ବୋଲି କହିଥିଲେ । ଏମବିଏ ଛାତ୍ରୀ ଗରିମା ପାଣିଗ୍ରାହୀ, ଏମସିଏ ଛାତ୍ରୀ ଏ. ଦୀପିକା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷା ସମ୍ପର୍କରେ ଜଣାଇଥିଲେ। କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଡିଜିଟାଲ ଶ୍ରେଣୀ ଗୃହର ଶୁଭାରମ୍ଭ

ଛତ୍ରପୁର, (ସବ୍ୟୁ) : ଛାତ୍ର ଛାତ୍ରୀମାନଙ୍କ ଶୈକ୍ଷିକ ସହ ବୌଦ୍ଧିକ ଶିକ୍ଷାର ବିକାଶ କରିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆଜି ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଶ୍ରୀରାଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ଆଗ୍ରା ଆରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତ୍ୟାଧୁନିକ ଡିଜିଟାଲ ଶ୍ରେଣୀଗୃହର ଶୁଭାରମ୍ଭ କରାଯାଇଛି । ୭୫ ଇଞ୍ଚ୍ ବିଶିଷ୍ଟ ବ୍ୟବୃହତ ଏଲ୍‌ଇଡି ସ୍କ୍ରିନ୍ ବିଦ୍ୟାଳୟର ଶ୍ରେଣୀଗୃହରେ ଅବସ୍ଥାପନ କରାଯାଇଛ ।




ଯେଉଁ ସ୍କ୍ରିନ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ଅତ୍ୟାଧୁନିକ ଶୈଳୀରେ ପାଠ ପଢିବା ସହ ଡିଜିଟାଲ ଦୁନିଆଁ ବିଷୟରେ ଅବଗତ ହୋଇପାରିବେ । ଏହା ସହ ଛାତ୍ର ଛାତ୍ରୀମାନଙ୍କୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲାଛ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଭକ୍ତ ବନ୍ଧୁ ଶତପଥୀ, ଆଇଆର୍ ମୁଖ୍ୟ ଗୋପାଳପୁର ବନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଏଲଇଡି ପ୍ୟାନେଲକୁ ସ୍ୱିଚ ମାଧ୍ୟମରେ ଅନ କରି ଏହି ଡିଜିଟାଲ ଶ୍ରେଣୀଗୃହକୁ ଉଦଘାଟନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ରେଡ୍ଡୀ, ସରପଞ୍ଚ, ଶ୍ରୀରମଚନ୍ଦ୍ରପୁର, ଉଷାରାଣୀ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ଆଗ୍ରା ଆରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, କୁମାରୀ ମମତା ପ୍ରଧାନ, ସିଆର୍‌ସି, ଦେବଦତ୍ତ ମିଶ୍ର, ସିଏସ୍‌ଆର୍ ମୁଖ୍ୟ ଗୋପାଳପୁରବନ୍ଦର, ଅଭିଭାବକ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ସଞ୍ଜୀବ ରେଡ୍ଡୀ, ସରପଞ୍ଚ ଶ୍ରୀରାଚନ୍ଦ୍ରପୁର କହିଥିଲେ ଯେ ଏହି ଡିଜିଟାଲ ଏଲ ଇ ଡି ମାଧ୍ୟମରେ ଗ୍ରାମାଞ୍ଚଳ ପିଲାମାନେ ଅତି ଉନ୍ନତ ଧରଣର ଆଧୁନିକ ଶୈଳୀରେ ପାଠ ପଢ଼ିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସେଥିପାଇଁ ମୁଁ ଆଦାନୀ ଫାଉଣ୍ଡେସନ ଓ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଉଛି । ଏହି ଡିଜିଟାଲ ଶ୍ରେଣୀଗୃହ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭବିଷ୍ୟତର ଉଚ୍ଚ ଶିକ୍ଷା ପାଇଁ ଅନେକ ସହାୟକ ହେବ । ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତର ପାଖାପାଖି ନଅ ଗୋଟି ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଏହି ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଡିଜିଟାଲ ଶ୍ରେଣୀଗୃହ ଯୋଗାଇ ଦିଆଯାଉଛ ।

ଏହି ବିଦ୍ୟାଳୟ ଗୁଡ଼ିକ ହେଉଛି ବଡ଼ ଆର୍ଯ୍ୟପଲ୍ଲି, ୟୁପି ସ୍କୁଲ, ସାନ ଆର୍ଯ୍ୟପଲ୍ଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣମଣା ୟୁପି ସ୍କୁଲ, ତରାଇ ପାଟପୁର ପ୍ରାଥମିକ ବିଦ୍ୟାଳୟ, ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରିପୁର ୟୁପି ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ବିଦ୍ୟାଳୟ ଗୁଡିକରେ ଏହି ଅତ୍ୟାଧୁନିକ ଡିଜିଟାଲ ଶ୍ରେଣୀଗୃହର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଗ୍ରା ଆରାମ ବିଦ୍ୟାଳୟର କୁନି କୁନି ପିଲାମାନେ ଗଛ ଟିଏ ମୁଁ ଗଛଟିଏ ଭଳି ପରିବେଶ ସଚେତନତା ସମ୍ବନ୍ଧୀୟ ଏକ ନୃତ୍ୟ ନାଟିକା ପରିବେଷଣ କରିଥିଲେ ।

## ବିଜେପି ପକ୍ଷରୁ ସଫେଇ ଅଭିଯାନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବାରିପଦା, (ସବ୍ୟୁ) : ପବିତ୍ର ସ୍ୱାଧୀନତା ଦିବସ ପାଖେଇ ଆସୁଥିବାରୁ ବିଜେପି ବାରିପଦା ଶାଖା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାନ/ ପରିସରରେ ସଫେଇ, ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ ତଥା ଘରେ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କ୍ରମରେ ବୁଧବାର ଦିନ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ପରିସର ମଧ୍ୟରେ ସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସ୍ଥାନୀୟ ଷ୍ଟାଡିୟମ ଗୋଲେଇ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଫା କରାଯାଇ ଉଭୟ ମହାପୁରୁଷଙ୍କ ପ୍ରତି ମାଲ୍ୟାର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଛି ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନେ ଦେଶଭକ୍ତି ମୂଳକ ଧ୍ୱନି ଦେବା ସହ ଦେଶ, ଜାତି ପ୍ରତି ଏଇ ମହାନ ସଂଗ୍ରାମୀ ପୁରୁଷଙ୍କ ଅବଦାନଚୟର ସ୍ମୃତିକୁ ରୋମନ୍ଥନ କରିଥିବା ମଧ ଲକ୍ଷ୍ୟ କରାଯାଇଛି । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଭାବେ କୁମାର ମଙ୍ଗଳମ, ବାରିପଦା ନଗର (ଉତ୍ତର ଓ ଦକ୍ଷିଣ)ର ଦୁଇ ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ଉପସ୍ଥିତ ରହିବା ସହ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ତଥା ସୁମନ ସିଂ, ମମତା ମଣ୍ଡଳ, ବ୍ରଜମୋହନ ବେହେରା, ନରୋତ୍ତମ ପାଣିଗ୍ରାହୀ, ବିଜୟ କୁମାର ଦାସ, ସରୋଜିନୀ କିସ୍କୁ, ପାୟଲ ରାୟ, ରସିକାନନ୍ଦ ମିଶ୍ର, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, ବିକାଶ ରଂଜନ ବାରିକ, କଳ୍ପତରୁ ରାୟବାବୁ, ଅଶୋକ କୁମାର ମହାନ୍ତି, ଶମ୍ଭୁନାଥ ଘୋଡେଇ ଓ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ): ନିର୍ମାଣଧୀନ ଘର କାମ ଚାଲିଥିବା ବେଳେ, ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତ ଶ୍ରମିକ ଜଣକ ସେହି ଗାଁର ରାଜୀବ ନାଇକ (୨୫) । ଗାଁ ଶେଷରେ ଏକ ଘରର ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେହି ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ରାଜୀବ ଆସିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ



କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ନୋଭାତୋ ଫିଏଷ୍ଟା-ଟୁକେ ୨୫ ଅନୁଷ୍ଠିତ ହୋଇଯାଇଛି। ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ନବାଗତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ନିଜକୁ ଭଲ ମଣିଷ ଭାବରେ ଗଢିତୋଳିବା ସହିତ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ପ୍ରଫେସର ସୁଶାନ୍ତ କୁମାର ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି ଛାତ୍ର ଜୀବନର ମୂଲ୍ୟବାନ ସମୟର ସଦୁପଯୋଗ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଲୋକସଂପର୍କ ଅଧିକାରୀ ନିରାକାର ସାହୁ ଶୃଙ୍ଖଳା, ଅଧ୍ୟବସାୟ ଓ ସମୟାନୁବର୍ତ୍ତୀତାକୁ ପ୍ରାଧାନ୍ୟ ଦେବା ସହ ଈଶ୍ୱରାନୁରାଗୀ ହୋଇ ସାଧନା ଜାରି ରଖିଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ ସ୍ୱାଗତ ଅଭିଭାଷଣରେ ବିଦ୍ୟାଳୟର ଅଗ୍ରଗତି ଓ ଛାତ୍ରଛାତ୍ରୀଙ୍କ ସଫଳତା ସଂପର୍କରେ ଉଲ୍ଲେଖ କରିଥିଲେ । ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ବେଆଇନ ବର୍ଦ୍ଧିତ ଘର ଟିକସ ଆଦାୟରୁ ନିବୃତ୍ତ ରହୁ ବ୍ରହ୍ମପୁର ପୌରପରିଷଦ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସରକାର ବ୍ରହ୍ମପୁର ପୌରସଂସ୍ଥାକୁ ବ୍ରହ୍ମପୁର ପୌରପରିଷଦ ରୂପେ ୨୦୦୮ ମସିହାରେ ଘୋଷଣା କରିଛନ୍ତି । ଏହା ପରେ ଓଡ଼ିଶା ପୌରପରିଷଦ ଆଇନ ୨୦୦୩ ଲାଗୁ ହୋଇଛି ଏବଂ ଓଡ଼ିଶା ପୌରସଂସ୍ଥା ଆଇନ୍ ୧୯୫୦ ଅଚଳ ହୋଇଯାଇଛି ।

କିନ୍ତୁ ଆଜି ଯାଏଁ ବ୍ରହ୍ମପୁର ପୌରପରିଷଦ ପୁରୁଣା ଅଚଳ ଆଇନ୍ (ଓଡ଼ିଶା ପୌରସଂସ୍ଥା ୧୯୫୦ ଆଇନ୍) ପ୍ରକାରେ ଘର ଟିକସ ଧାର୍ଯ୍ୟ ବେଆଇନ୍ ଭାବାରେ ଆଦାୟ କରୁଛି । ଘର ଟିକସ ବୃଦ୍ଧି କରିବା ପାଇଁ ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ କୁ ବ୍ରହ୍ମପୁର ପୌରପରିଷଦ କାର୍ଯ୍ୟକାରୀ କରିନାହିଁ ଓ ବେଆଇନ୍ ଭାବେ ବର୍ଦ୍ଧିତ ଟିକସ ଆଦାୟ କରୁଛି। ଆଜି ଗଞ୍ଜାମ ଓକିଲ ସଂଘର ଶତାଧିକ ଓକିଲ ବ୍ରହ୍ମପୁର ପୌର ପରିଷଦର କମିସନରଙ୍କୁ ସାକ୍ଷାତ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଏହି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଗୁଡ଼ିକ ପ୍ରଦାନ କରିଥିଲେ। ଏହି ପରି ବ୍ରହ୍ମପୁର ପୌରପରିଷଦ ବେଆଇନ୍ ରୂପେ ବର୍ଦ୍ଧିତ ଘର ଟିକସ ଦାବୀ କରିବା ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ ପ୍ରକାରେ ନିବୃତ ରହୁ ବୋଲି ଓକିଲ ମାନେ ଦାବୀ କରିଛନ୍ତି ।

ଏହି ବର୍ଦ୍ଧିତ ଟିକସକୁ ବିରୋଧ କରି ଆଇନଜୀବୀ ପୀତବାସ ପଣ୍ଡା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ମାମଲା ଦାଖଲ କରିଛନ୍ତି । ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ତାଙ୍କ ଠାରୁ ବର୍ଦ୍ଧିତ ଘର ଟିକସ ଆଦାୟ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଉଚ୍ଚତମ ନ୍ୟାୟାଳୟ ନିକଟରେ ଦେଇଥିବା ନିର୍ଦ୍ଦେଶନାମାକୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ। ଭୁବନେଶ୍ୱର ପୌରପରିଷଦ ବନାମ କଲ୍ୟାଣୀ ମେଟେରିନିଟି ହସ୍ପିଟାଲ୍ ମାମଲାରେ ଉଚ୍ଚତମ ନ୍ୟାୟାଳୟ ଭୁବନେଶ୍ୱର ପୌରପରିଷଦ ଟିକସ ବୃଦ୍ଧିକୁ ବେଆଇନ୍ କହିଥିଲେ ।

ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ବର୍ଦ୍ଧିତ ଘର ଟିକସ ଆଦାୟ ବେଆଇନ୍ ହୋଇଥିବାରୁ ଏବଂ ଆଇନଜୀବୀ ପୀତବାସ ପଣ୍ଡାଙ୍କ ମାମଲା ଏହି ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବାରୁ, ଏହି ମାମଲା ସମାପ୍ତ ହେବା ପର୍ଯ୍ୟନ୍ତ ବର୍ଦ୍ଧିତ ଘର ଟିକସ ବ୍ରହ୍ମପୁର ଜନସାଧାରଣଙ୍କ ଠାରୁ ଆଦାୟ ନକରି ପୁରୁଣା ଦରରେ ଆଦାୟ କରାଯାଉ ବୋଲି ଓକିଲମାନେ ପୌରପରିଷଦ କମିସନରଙ୍କ ଠାରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

ବ୍ରହ୍ମପୁର ପୌରପରିଷଦ ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ ପ୍ରକାରେ ନିୟମ ଓ ଉଚିତ ପ୍ରକିୟାରେ ପୌରପରିଷଦ ଟିକସ ବୃଦ୍ଧି କରିବାଉଚିତ୍ ବୋଲି ସେମାନେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା, ରଘୁନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ପଟ୍ଟନାୟକ, ଅଶୋକ ଶୁକ୍ଳ, ଲାଲବାହାଦୁର ପଟ୍ଟନାୟକ, ସଞ୍ଜୟମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଉଦ୍ୟମ, ତିନି ଗିରଫ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଯୋଗଗୋଚିଶି ଫୋଗ ଉପର ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ବଳାତ୍କାର ଉଦ୍ୟମ କରିବା ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି।ସୂଚନା ଯୋଗ୍ୟ, ନାଟୁଆ ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଉପରନାଥ ଉଚ୍ଚ ବିଦ୍ୟାଳୟକୁ ପାଠ ପଢି ଯାଉଥିବା ବେଳେ ସେହି ଗ୍ରାମରଗୌରାଙ୍ଗ ନାୟକ (୨୪), ସଂଗ୍ରାମ ନାୟକ (୨୪), ସନ୍ଦିପ ନାୟକ (୨୦). ତାଙ୍କୁ ବାରମ୍ବାର ଅବଚାରଣ କରୁଥିଲେ। ମଙ୍ଗଳବାର ଛାତ୍ରୀ ଜଣକ ସ୍କୁଲରୁ ଆସୁଥିବା ବେଳେ ସମ୍ପୃକ୍ତ ଯୁବକମାନେ ଏକ ବାଇକରେ ଆସିଥିଲେ। ଛାତ୍ରୀଙ୍କୁ ଏକୁଟିଆ ପାଇ ନିକଟ ଏକ ନିଛାଟିଆ ଜାଗାକୁ ଉଠେଇ ନେଇଥିଲେ।ଛାତ୍ରୀ ଜଣଙ୍କ ପାଟି ଶୁଣି ତାଙ୍କ ମା ସେଠାକୁ ପଳାଇ ଆସିଥିଲେ। ଫଳରେ ସମ୍ପୃକ୍ତ ୩ ଯୁବକ ଛାତ୍ରୀଙ୍କୁ ଗୋଇଠା ମାରି ସେଠାରୁ ପଳାଇ ଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ତରଭା ଫାଣ୍ଡିରେ ଅଭିଯୋଗ କରିବା ପରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବୁଧବାର ପୁଲିସ ସମ୍ପୃକ୍ତ ୩ ଯୁବକଙ୍କୁ ତରଭା ଅଂଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅନ୍ୟ ପକ୍ଷେ ଛାତ୍ରୀଙ୍କୁ ତାଭରା ମାଉନା ଦେବେ ତରଭାଫାଣ୍ଡି ପୁଲିସ ଛାତ୍ରୀଙ୍କୁ ତାଭରା ମାଉନା କରିବାକୁ ବାରଣ କରୁଥିବା ବିଶେଷ ସୂତ୍ରରୁ ଜଣାଯାଇଛି।

# ବିଳମ୍ବିତ ରାତିରେ ପହଞ୍ଚିଲା ଯବାନଙ୍କ ମୃତଦେହ



କାମାକ୍ଷାନଗର,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ଜବାନ ସୁରେଶ ବିଶ୍ୱାଳ କାଶ୍ମୀରରେ ଡ୍ୟୁଟିରେ ଥିବା ସମୟରେ ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିଲେ ।ମାଙ୍କ ସହିତ କଥା ହେଉଥିବା ବେଳେ ସେ ଆତ୍ମହତ୍ୟା କରିଥିବା ବେଳେ ଆତ୍ମହତ୍ୟାର କାରଣ ବିଷୟରେ ନିଜ ମାଙ୍କ ମୋବାଇଲରେ ମେସେଜ ମାଧ୍ୟମରେ ଜଣାଇଥିଲେ ।ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ ଯବାନଙ୍କ ମର ଶରୀର କାମାକ୍ଷାନଗର ଅନନ୍ତପୁର ସ୍ଥିତ ବାସ ଭବନରେ ପହଞ୍ଚିବା ପରେ ପରିବାର ଲୋକେ ଓ ଅତ୍ମୀୟ ସ୍ୱଜନ ମାନେ ଶେଷ ଦର୍ଶନ କରିବା ପରେ ନିଜ ଗାଁ ମାଳପୁରା ଠାରେ ସେଠାରେ କ୍ରିୟାକର୍ମ କରିବା ପରେ ଗାଁ ଶ୍ମଶାନ ଶୋକାକୁଳ ପରିବେଶରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି।

# ହିନ୍ଦୋଳରେ ନାବାଳକ ଥିବା ଦୁଇ ମୂର୍ତ୍ତିଚୋର ଅଟକ, ମୂର୍ତ୍ତି ଉଦ୍ଧାର

ହିନ୍ଦୋଳ, (ସବ୍ୟୁ) :କିଛିଦିନଧରି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସଦରମହକୁମାରେ ବିଭିନ୍ନ ମନ୍ଦିରରୁ ଦେବଦେବୀ ମୂର୍ତ୍ତି ସବୁ ଚୋରି ହେଉଥିବା ଘଟଣାପାଇଁ ଅଞ୍ଚଳବାସିଙ୍କ ଚିନ୍ତା ବଢ଼ାଇଦେଇଥିବାବେଳେ ଆଜି ଦୁଇ ନାବାଳକ ମୂର୍ତ୍ତି ଚୋରିକରି ଧରାପଡିବା ଚର୍ଚ୍ଚାର ବିଷୟ ପାଲଟିଛି । ଖବରରୁ ପ୍ରକାଶ କିଛିଦିନ ତଳେ ହିନ୍ଦୋଳ ଜଗନ୍ନାଥ ମନ୍ଦିରରୁ ଦୁଇଟି ଲକ୍ଷ୍ମୀମୂର୍ତ୍ତି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା । ତେବେ ଆଜି ହିନ୍ଦୋଳ ଏନଏସି ୱାର୍ଡନଂ୮ ରେ ଥିବା ଐତିହାସିକ ବହୁପୁରାତନ ରାଧାକୃଷ୍ଣ ମନ୍ଦିରରେ ପୂଜକ କୌଣସିକାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଦୁଇଜଣ ନାବାଳକ କଲେଜ ଛାତ୍ର ମନ୍ଦିରରେ ପଶି ଦୁଇଟି ମୂର୍ତ୍ତି, ମୁକୁଟ ଇତ୍ୟାଦି ଚୋରିକରି ନେଇ ପଳାଉଥିବାବେଳେ ପୂଜକଙ୍କ ପରିବାରର ସଦସ୍ୟମାନେ ପାଟିକରିବାରୁ ସ୍ଥାନୀୟ ଅଞ୍ଚଳବାସି ନାବାଳକ ଦ୍ୱୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଛାତ୍ର ଦ୍ୱୟଙ୍କ ସ୍କୁଲ ବ୍ୟାଗ ତଦାରଖ କରିବାରୁ ଚୋରି ମୂର୍ତ୍ତି ସବୁ ସେଥିରୁ ଉଦ୍ଧାର କରିଥିଲେ ହିନ୍ଦୋଳ ପୋଲିସ ଏବଂ ପଚରାଉଚରା କରାଯିବାରୁ ପୂର୍ବରୁ ଜଗନ୍ନାଥ ମନ୍ଦିରରୁ ସେମାନେ ଚୋରାଇଥିବା ଲକ୍ଷ୍ମୀମୂର୍ତ୍ତି ଦୁଇଟି ଛାତ୍ର ଦୁଇଜଣଙ୍କ ଘରୁ ଉଦ୍ଧାର କରାଯାଇଛି । ପୂଜକଙ୍କ ଏତଲା କ୍ରମେ ହିନ୍ଦୋଳଥାନା ପୋଲିସ କେଶନଂ-୨୩୧(୩), ୩୦୫(ଡ଼ି)/୧୩-୮-୨୦୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ନାବାଳକ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ଏବଂ ସେମାନଙ୍କୁ କୋର୍ଟ ଚାଲାଣ କରାଯିବବୋଲି ପୋଲିସ ସୂତ୍ରରୁ ପ୍ରକାଶ । ତେବେ ଉଦ୍ଧାର ମୂର୍ତ୍ତି ସବୁ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯିବା ପରେ ମନ୍ଦିର ମାନଙ୍କରେ ପୁଣି ସେହି ମୂର୍ତ୍ତି ସବୁ ପୂଜା ପାଇବେ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ । ତେବେ ନାବାଳକମାନେ ଆଗରୁ କେତେ ମୂର୍ତ୍ତି ଚୋରି କରିଛନ୍ତି, ଚୋରି ମୂର୍ତ୍ତି ସବୁ କଣ କରନ୍ତି, ଆଉ କିଏ କିଏ ଏଥିରେ ସାମିଲ ଅଛନ୍ତି କିମ୍ବା ମୂର୍ତ୍ତି ଚୋରି ରାକେଟର କିଙ୍ଗପିନ କିଏ ଏସବୁ ତଦନ୍ତ ପରେ ସ୍ପଷ୍ଟ ହୋଇଯିବ ବୋଲି ହିନ୍ଦୋଳ ଉପଖଣ୍ଡ ଏସଡିପିଓ କହିଛନ୍ତି ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ବିଜ୍ଞାନ ମେଳାର ତାପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ୧୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବରେ ଆମ୍ବପାଳ ନତଡ଼ା ନୋଡ଼ାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଧରଣୀଧର ବେହେରା, କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରାକର ବାରିକ ଓ ହିଙ୍ଗୁଳା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ଭୋଇ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ । ପ୍ରକଳ୍ପଗୁଡିକ ମଧ୍ୟରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ଓ ଚତୁର୍ଭୁଜ ସାହୁ ପରିଚାଳନା କରିଥିବା ବେଳେ ରବିନ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ, କମଳ ଲୋଚନ ପ୍ରଧାନ, ମୋନାଲିସା ମହାନ୍ତି,ସୁକନ୍ୟା ମାଝୀ, ସଞ୍ଜୟ ସାଲିମା, ଭଗବାନ ବେହେରା, ମଳୟ ଦାସ ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ,ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ବାହାରେ ତାଲା ଭିତରେ ଖୋଲା

# ପ୍ରଶାସନର ଚଢାଉ ପରେ କଳାବଜାରୀର ନୂଆ ଫର୍ମୁଲା



କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରେ ସାର କଳାବଜାରୀ ପରେ ଚଢାଉ ଯୋଗୁ ମୁନାଫାଖୋର ବ୍ୟବସାୟୀ ମାନେ ଦୋକାନ ବାହାରେ ତାଲା ଝୁଲାଇ ଭିତରେ ଖୋଲା କରି ସାର ବିକ୍ରୟକରୁଥିବାର ଜଣାପଡିଛି।

କାମାକ୍ଷାନଗରରେ ପ୍ରଶାସନର ଚଢ଼ାଉ ପରେ ସାର କଳାବଜାରୀର ନୂଆ ଫର୍ମୁଲା ଦେଖିବାକୁ ମିଳିଛି। ଏବେ ଚାଷବାସର ସମୟ ଆରମ୍ଭ ହୋଇଥିବାରୁ ଚାଷକୁ ନେଇ ଜୋରସୋରରେ ଲାଗି ପଡିଛନ୍ତି ।କାମାକ୍ଷାନଗର ଅଞ୍ଚଳର ଚାଷୀ ମାନେ ରୁଆ, ବେଉଷଣ ଠାରୁ ଆରମ୍ଭ କରି ତରତର ହୋଇ ଚାଷୀ କରୁଛନ୍ତି ।ତେବେ ଚାଷ ପାଇଁ ଚାଷୀ ଯେତିକି ତରତର ଠିକ ସେତିକି ଚାଷୀ ମାନଙ୍କୁ ଠକିବା ପାଇଁ ସାର ବ୍ୟବସାୟୀ ପ୍ରସ୍ତୁତ ହୋଇଛନ୍ତି। କେବଳ ଚାଷୀଙ୍କୁ ନୁହେଁ ପ୍ରଶାସନକୁ ମଧ୍ୟ ଚକମା ଦେବାପାଇଁ ସାର ବ୍ୟବସାୟୀ ଧରିଛନ୍ତି ନୂଆ ଫର୍ମୁଲା । ଦୋକାନ ଆଗରେ ତାଲା ପକାଇ ଭିତରେ ଖୁଲମଖୁଲା ଚାଲିଛି ସାର କଳାବଜାରୀ । ଗତକାଲି କାମାକ୍ଷାନଗର ସହରରେ ଏକ ନିର୍ଦ୍ଦିଷ୍ଟ ଦୋକାନ ରେ ସାର କଳାବଜାରୀ ହେଉଥିବା ନେଇ ପ୍ରଶାସନ ତରଫରୁ ଚଢ଼ାଉ କରାଯାଇଥିଲା ।ସାର ବ୍ୟବସାୟୀ ବିନା ଟ୍ରେଡ଼ ଲାଇସେନ୍ସ ରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖି ଚଢ଼ା ଦର ରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକଙ୍କ ନିର୍ଦ୍ଦେଶ କ୍ରମେ କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି,ସହକାରୀ କୃଷି ଅଧିକାରୀ ସୁମନ କୁମାର ରାଉତ ପ୍ରମୁଖ ଏକ ସ୍ୱତନ୍ତ୍ର ଦଳ ଧରି ସାର ଦୋକାନ ରେ ଚଢ଼ାଉ କରିଥିଲେ ।ତେବେ ଗତକାଲିର ଏହି ଚଢ଼ାଉକୁ ଦୃଷ୍ଟିରେ ରଖି ଆଜି ନୂଆ ଫର୍ମୁଲା ଆପଣେଇଛନ୍ତି ।ପ୍ରଶାସନକୁ ଚକମା ଦେବାପାଇଁ ଦୋକାନ ସାମ୍ନାରେ ତାଲା ପକାଇ ଦୋକାନ ବନ୍ଦ କରିଥିବା ବେଳେ ଦୋକାନ ପଛରେ ଖୁଲମଖୁଲା ଚଢା ଦରରେ ହେଉଛି ବିଭିନ୍ନ କିସମର ସାରର ବିକ୍ରି । ଯେଉଁଥିପାଇଁ ନିରୀହ ଚାଷୀ ମାନେ ଚଢା ଦରରେ ସାର କିଣିବାକୁ ବାଧ ହେଉଥିବା ବେଳେ ଦୋକାନୀ ସାଜିଛି । ତେବେ ଦୋକାନୀଙ୍କ ଏହି ନୂଆ ଫର୍ମୁଲାକୁ ମାତ ଦେବାପାଇଁ ପ୍ରଶାସନ ତରଫରୁ ଆଗାମୀ ଦିନ ରେ କାମାକ୍ଷାନଗର ସହରର ବିଭିନ୍ନ ସାର ଦୋକାନ ଓ ଗୋଦାମ ରେ ଚଢ଼ାଉ ଜୋରଦାର କରିବା ନେଇ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ମଦୁଆ ଚାଳକ ଗିରଫ, ଦୁଇ ବାଇକ ଜବତ

ଠାକୁରଗଡ, (ସବ୍ୟୁ) :ଠାକୁରଗଡ ଓ ହଣ୍ଡପା ପୋଲିସ ସୋମବାର ଦିନ ଗାଡି ମଟର ଯାଞ୍ଚ କରିଛି । ଆସୁଥିବା ସମସ୍ତ ବାଇକ ଗୁଡିକ କୁ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗ ରେ ହଣ୍ଡପା ପୋଲିସ ଧଉରପାଳ ଗ୍ରାମର ହାଡିବନ୍ଧୁ ସାହୁ ଙ୍କୁ ଗିରଫ କରିଛି । ଏ ଥିସହ ତାଙ୍କ ବାଇକ ଜବତ କରିଛି । ଏ ନେଇ ନମ୍ବର ୩୦୩/୨୫ ରେ ଏକ ମାମଲା ରୁଜୁ କରିଛି । ସେହିପରି ଠାକୁରଗଡ ପୋଲିସ ଠାକୁରଗଡ ଅଞ୍ଚଳରେ ଯାଞ୍ଚ କରି ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗ ରେ ଟାପଢୋଲ ଅଞ୍ଚଳ ପି ବେହେରାଙ୍କୁ ଗିରଫ କରିଛି । ଏ ନେଇ ନମ୍ବର ୨୨୯/୨୫ ରେ ଏକ ମାମଲା ରୁଜୁ କରିଛି ।

# ଟଙ୍କା ଚୋରି ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଭାଗୀରଥୀପୁର ଗ୍ରାମର ଅଭିମନ୍ୟୁ ସାହୁ ଙ୍କର ୧୦୫୦୦ ଟଙ୍କା ଚୋରୀ ହୋଇ ଯାଇଥିବା ଅଭିମନ୍ୟୁ ସୋମବାର ଦିନ ଠାକୁରଗଡ ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭୀତିକରି ପୋଲିସ ନମ୍ବର ୨୩୦/୨୫ ରେ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଅଭିମନ୍ୟୁ ତାଙ୍କ ଘରେ ମନିପର୍ସ ରେ ୧୦୫୦୦ ଟଙ୍କା ସହ ଡ୍ରାଇଭିଙ୍ଗ ଲାଇସେନ୍ସ ସହ ଘରେ ଛାଡି ଯାଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ଚୋରୀ କରିନେଇଯାଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି ।

# କପିଳାସରେ ପାଳିତ ହେଲା ବିଶ୍ୱ ହାତୀ ଦିବସ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ କପିଳାସ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ୧୪ତମ ବିଶ୍ୱ ହାତୀ ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୬ଟି ହାତୀ ଥିବାବେଳେ ୨ଟି ବଡ ହାତୀ ଯାହାର ନାମ ରାକେଶ, ଟୁଙ୍ଗୁରୁ । ସେ ଏପର୍ଯ୍ୟନ୍ତ ନିୟନ୍ତ୍ରଣକୁ ଆସିନଥିବାରୁ ଅନ୍ୟ ୪ ହାତୀ ପଦ୍ମା, ଶ୍ୟାମା, ଶିବା, କପିଳିଙ୍କୁ ଚନ୍ଦନ, ସିନ୍ଦୁରରେ ଚିତା ଲଗାଇ ସେମାନଙ୍କ ଉପରେ ଚିତା ପକାଇ ପୂଜାର୍ଚ୍ଚନା କରି ପ୍ରାଣୀ ଉଦ୍ୟାନ ପରିସରରେ ବୁଲା ଯାଇଥିଲା । ହାତୀମାନଙ୍କୁ କଦଳୀ, ସେଓ, ନଡିଆ ଆଦି ଖାଇବାକୁ ଦିଆଯାଇଥିଲା । ପ୍ରାଣୀ ଉଦ୍ୟାନ ପରିସରରେ ଆସିଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହା ଆକର୍ଷଣୀୟ ହୋଇଥିଲା । ହାତୀମାନେ ମଧ୍ୟ ପର୍ଯ୍ୟଟକମାନଙ୍କୁ ଉତ୍ସାହିତ କରିବାର ଦେଖାଦେଇଥିଲା । ପ୍ରାରମ୍ଭର କପିଳାସ ରେଞ୍ଜି ପରିସରରେ ଜିଲ୍ଲା ବନ ସଂରକ୍ଷକ ସୁମିତ କୁମାର କର, ସହକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ, କପିଳାସ ରେଞ୍ଜି ଅଧିକାରୀ ଗିରିଶ ନାୟକ, ଡା. ଅସିତ ଚକ୍ରବର୍ତ୍ତୀ, ବାୟୋଲୋଜି ଆଲୋକ ନାୟକ ଏବଂ ସମସ୍ତ ହାତୀ ସ୍କାର୍ଡ ଓ ବନକର୍ମଚାରୀ ପ୍ରମୁଖ ଆଜିର ବିଶ୍ୱ ହାତୀ ଦିବସ ଅବସରରେ ନିଜ ନିଜର ମତବ୍ୟକ୍ତ କରିଥିଲେ ।

# ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଭଲ ମଣିଷ ହେବାକୁ ଆହ୍ୱାନ

ସାଉଥବଲଣ୍ଡା,(ସବ୍ୟୁ) :ତାଳଚେର ସ୍ୱତନ୍ତ୍ର ଉପକାରଗାରରେ ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ୍ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ରକ୍ଷାବନ୍ଧନ ଉତ୍ସବରେ ଉପକାରଗାରର ଅଧକ୍ଷ ଉପସ୍ଥିତ ରହିଥିଲେ । ଉପକାରାଗାରରେ ଥିବା ଅନ୍ତେବାସୀଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ପରସ୍ପର ମଧ୍ୟରେ ଭାଇଚାରା ଭାବ ସୃଷ୍ଟି କରିବା ସହ ସମାଜରେ ସୁନାଗରିକ ହୋଇ ସୁସ୍ଥ ସମାଜ ଗଠନରେ ହେବାକୁ ଆହ୍ୱାନ ଦେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଭଲ ମଣିଷ ହେବାର ବାର୍ତ୍ତା ଦିଆଯାଇଥିଲା । ଶେଷରେ କାରାଗାରରେ ଥିବା ଅନ୍ତେବାସୀଙ୍କୁ କିଛି ସାବୁନ ବଣ୍ଟନ କରଯାଇଥିଲା । ଏହି ଅବସରରେ ସଂଘର ସଭାପତି ମଦନ ମୋହନ ସାହୁ,ସାଧାରଣ ସମ୍ପାଦକ ସୌଭାଗ୍ୟ ନାୟକ,ଉପସଭାପତି ଅଜୟ କୁମାର ନାୟକ, ସାୟଦ ଯୁଲ୍ଫିକର୍ ହୁସେନ୍,ରୁଦ୍ର ମୋହନ ଗଡ଼ନାୟକ, ବାପୁଜୀ ସାମଲ,ବାସୁଦେବ ପ୍ରଧାନ, ନରୋତ୍ତମ ସାହୁ, ରାଉତରାୟ ନାୟକ,ଦେବାଶିଷ ପରିଡ଼ା,ଦିଲ୍ଲୀପ କୁମାର ନାୟକ ଉପସ୍ଥିତ ଥିଲେ ।

## ଢେଙ୍କାନାଳରେ ହର ଘର ତ୍ରିରଙ୍ଗା ପଦଯାତ୍ରା

# ବାଜିଚୌକ ଠାରୁ ମିନିଷ୍ଟାଡିୟମ ବିଶାଳ ଶୋଭାଯାତ୍ରା



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ସହରରେ ହର ଘର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତିଙ୍କସହିତ ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇଥିବାର ଦେଖିବାକୁ ମିଳିଛି।

ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦିଏ ଭାରତବର୍ଷ ।ଏଠି ବିଭିନ୍ନ ପ୍ରକାରର ଜାତି, ଧର୍ମ, ବର୍ଣ୍ଣ, ଭୌଗଳିକ ପରିବେଶର ଲୋକ ମାନେ ବସବାସ କରୁଛନ୍ତି । ମାତ୍ର ସମସ୍ତେ ଗୋଟିଏ ଏକତାର ମନ୍ତ୍ରରେ ବନ୍ଧା ଯାହାକି ସେମାନଙ୍କୁ ଭାରତୀୟ ଭାବେ ପରିଚୟ ପ୍ରଦାନ କରିଥାଏ। ଏହି ମହାନ ଚିନ୍ତାଧାରାର ନିଦର୍ଶନ ସ୍ୱରୂପ ବର୍ତ୍ତମାନ ସାରା ଭାରତରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଚାଲୁରହିଛି । ଏହି କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଆମ ବ୍ୟକ୍ତିତ୍ୱ ଏବଂ ପାରଦର୍ଶିତାର ପ୍ରତିଫଳନ । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆରମ୍ଭ ହେଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ହିଁ ଏହି ଅଭିଯାନର ମୂଳ ମନ୍ତ୍ର । ଏହି ପ୍ରରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମାର ବାଜିଚୌକ ଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଜିଲ୍ଲା ପ୍ରଶାସନ ତରଫରୁର ଆୟୋଜନ କରାଯାଇଥିଲା । ଶହ ଶହ ସଂଖ୍ୟାରେ ଛାତ୍ର ଛାତ୍ରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା, ଜିଲ୍ଲାର କଳାକାର ଗୋଷ୍ଠି, ସହରର ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସାମାଜିକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀଗଣ ଓ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଏକ୍ରତିତ ହୋଇ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ।ଦୀପ୍ତି ରଞ୍ଜନ ସେଠି, ଜିଲ୍ଲା ସ୍ତରୀୟ ଅଧିକାରୀ,ସହରର ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ବୈଠକ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି,ଓଡିଶାଙ୍କ ମଧ୍ୟସମ୍ଭାଗର ଯୋଜନା ଅନୁଯାୟୀ ଜିଲ୍ଲାସ୍ତରୀୟ ପରିଚାଳନା ସମିତି କାର୍ଯ୍ୟକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଅନୁଗୋଳ ଜିଲ୍ଲାର ୨୯ଟି ଶିଶୁମନ୍ଦିରର ୧୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ମଧ୍ୟସମ୍ଭାଗ ସଂଯୋଜକ ମଧୁସୂଦନ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବକ୍ଷେତ୍ରର ସହ ସଙ୍ଗଠନ ମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ମଧ୍ୟସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ଅନୁଗୋଳ ଜିଲ୍ଲା ପ୍ରମୁଖ ପ୍ରତାପ କୁମାର ଦେହୁରୀ ଓ ସ୍ଥାନୀୟ ବିଦ୍ୟାଳୟର ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଜିଲ୍ଲା ପ୍ରମୁଖ ପ୍ରତାପ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିହିତ କରିଥିଲେ । ଏହି ଅବସରରେ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟଗୁଡ଼ିକରେ ପ୍ରଭାବୀ ଶିକ୍ଷାଦାନ କରିବା ସହିତ କ୍ରିୟାକଳାପ ଆଧାରରେ ଶିକ୍ଷାଦାନ ନିମନ୍ତେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲ୍ଲା ନିରୀକ୍ଷକ ବିରଂଚି ନାରାୟଣ ମହାପାତ୍ର ପରିଚାଳନା କରିଥିବା ବେଳେ ବଡ଼ଯୋରଡ଼ା ଶିଶୁମନ୍ଦିରର ସମ୍ପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଚିନ୍ମୟ କୁମାର ପାଳ, ସମ୍ଭାଗ କାର୍ଯ୍ୟାଳୟ ସହାୟକ ଋଷଭ କୁମାର ସାହୁଙ୍କ ସମେତ ବଡ଼ଯୋରଡ଼ା ଶିଶୁମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତା ଓ ଶୁଭେଚ୍ଛୁ ସହଯୋଗ କରିଥିଲେ।


## ଜାତୀୟ ରାଜପଥ ସମ୍ପ୍ରସାରଣରେ ବାଧକ ଆବଶ୍ୟକ ପ୍ରମାଣପତ୍ର

# ଅଜବ ନିୟମ କ୍ଷତିଗ୍ରସ୍ତଙ୍କୁ ହେଉଛି କାଳ!

ତାଳଚେର, (ସବ୍ୟୁ) : ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ଲୋକ, ଗୋଟିଏ ଚାକିରୀ ଓ ଗୋଟିଏ ପେନସନ୍ ପାଇଁ ହକଦାର ହୋଇଥିବା ବେଳେ ଏଠାରେ ମହିଳାଙ୍କ କ୍ଷେତ୍ରରେ ଯଦି ସେହି ନିୟମକୁ ବିଚରାକୁ ନିଆଯାଏ ତେବେ ତେବେ ଉକ୍ତ ମହିଳା ବାପଘର ସମ୍ପତିରେ ଭାଗ ପାଇବା ସହିତ ଶ୍ୱଶୁରଘର ସମ୍ପତିରେ ମଧ୍ୟ ଭାଗିଦାରୀ ରହିଛି। ତାହା ହେଲେ ଏଠାରେ ମହିଳାଙ୍କ ପାଇଁ ଇଏ କିପ୍ରକାର ନିୟମ ଏବେ ଏହାକୁ ନେଇ ଚର୍ଚ୍ଚା ଯୋର ହେବାସହ ଆଗମୀ ଦିନରେ କ୍ଷତିଗସ୍ତ ପ୍ରଜାମାନେ କ୍ଷତିପୂରଣ ବାବଦରେ ତିନି ପୁରୁଷରୁ ଭଉଣୀମାନଙ୍କ ଅଧିକାର ରହି ଆସୁଥିବା ହେତୁ ଏହି ଭଉଣୀମାନଙ୍କ ପାଇଁ ଟଙ୍କାଟିଏ ପାଇ ପାରିବେ ନହିଁ ବୋଲି କୁହାଯାଉଛି। ଘଟଣାରୁ ପ୍ରକାଶ, ଶିଳ୍ପନଗରୀ ତାଳଚେର ଅଂଚଳରେ ୧୪୯ ଏବଂ ୫୩ନମ୍ବର ଜାତୀୟ ରାଜପଥ ୪ଥାକିଆ ନିର୍ମାଣ କରିବା ନେଇ ୨୦୧୮ ମସିହାର ପରିକଳ୍ପନା କରାଯାଇ ଆଜି ୨୦୨୫ ମସିହାରେ ଉପନୀତ ହୋଇଥିଲେ ମଧ୍ୟ ଟେଣ୍ଡର ପରେ ଟେଣ୍ଡୀର ପ୍ରକ୍ରିୟା ହୋଇଥିଲେ ହେଁ ଜମି ଅଧିଗ୍ରହଣ ସାଜିଛି ବାଧକ। ଆଜି ଏହାକୁ ନେଇ ତାଳଚେର ଜନବିକାଶ କଲ୍ୟାଣ ସଂଘ ପୂର୍ବରୁ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଲା ପରେ ଆଜି ଜମିଅଧିଗ୍ରହଣ ଅଧିକାରୀ ତଥା ତାଳଚେର ତହସିଦାରଙ୍କୁ ପ୍ରତ୍ୟେକ୍ଷ ଭାବେ ସାକ୍ଷାତ୍ କରି ତାଳଚେର ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ ଏବଂ ତାଳଚେର ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ଚୈତନ୍ୟ ପ୍ରଧାନ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ, ଦେବେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଅଭୟ ପାଣି ଏସମ୍ପର୍କରେ କାର୍ଯ୍ୟାଳୟ ଠାରେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଉକ୍ତ ପ୍ରସଙ୍ଗକୁ ନେଇ ତହସିଲଦାର ମତ ରଖିଥିଲେ ମୁଁ ବ୍ୟକ୍ତିଗତ ଭାବେ ଦୁଃଖିତ, ରାସ୍ତା ସଂପ୍ରସାରଣ ନହେବାରୁ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଅକାରଣରେ ଜୀବନ ମଧ୍ୟ ହାରୁଛନ୍ତି। ତହସିଲଦାରଙ୍କ ପକ୍ଷରୁ ଅଧିଗ୍ରହଣ କାମ ଯୁଦ୍ଧକାଳୀନ ଭିତରେ ସାରି ବିଭାଗୀୟ କର୍ତ୍ତୁପକ୍ଷ ବା ଠିକାଦାରଙ୍କୁ ରାସ୍ତା ହସ୍ତାନ୍ତର କରିବାକୁ ଚେଷ୍ଟିତ। ମାତ୍ର ଦେବତୋର ବିଭାଗ ଏବଂ ଆଖପାଖ ଗ୍ରାମବାସୀଙ୍କୁ ବାରମ୍ବାର ନୋଟିସ୍ ଦେଲାପରେ ବି ତାଙ୍କର କୌଣସି ପ୍ରତିକ୍ରିୟା ମିଳୁନାହିଁ, ଯଦ୍ୱାରା କାର୍ଯ୍ୟ ଯେଉଁ ପ୍ରକାର ହେବା କଥା ତାହା ହେଉନାହିଁ। ତେବେ ଏଠାରେ କଥା ଆସେ କ୍ଷତିଗ୍ରସ୍ତ ପ୍ରଜା ସମସ୍ତ କାଗଜପତ୍ର ଦାଖଲ କରିବାରେ କୌଣସି ଅବହେଳା କରିନଥିବା ବେଳେ ସରକାରଙ୍କ ଯେଉଁ ନୀତି ଭଉଣୀର ଭାଗିଦାରୀ ରହିଛି ତାହା ହିଁ ମୁଖ୍ୟକାରଣ ପାଲଟିଛି। ଏଠାରେ ଉଲ୍ଲେଖ ଯୋଗ୍ୟଯେ, ପୌତୃକ ସମ୍ପତିରେ ଭାଇ ଓ ଭଉଣୀର ଭାଗୀଦାରୀ ଗୋଟିଏ ପୁରୁଷ ପର୍ଯ୍ୟନ୍ତ ଠିକ୍ କିନ୍ତୁ ସରାକର ଯଦି ତିନିପୁରୁଷ ବିଚରାକୁ ନେବେ ତେବେ ପ୍ରକୃତ ପକ୍ଷେ ବର୍ତ୍ତମାନର କ୍ଷତିଗ୍ରସ୍ତ ପରିବାର ନିହାତି ଭାବେ ତିନି ପୁରୁଷର ସମସ୍ତ ସଦସ୍ୟଙ୍କ ପ୍ରମାଣପତ୍ର ଯୋଗାଡ଼ କରିବାନେଇ କାଠିକାର ପାଠ ହେବା ସହ ତାଙ୍କ ପକ୍ଷେ ଆଦୌ ସମ୍ଭବ ନୁହେଁ ବୋଲି କ୍ଷତିଗ୍ରସ୍ତ ପ୍ରଜାମାନେ ପ୍ରକାଶ କରୁଛନ୍ତି। ତେବେ ଏହି ମୁଖ୍ୟ ସମସ୍ୟା ରହିଥିବାରୁ ୧୪୯ ଓ ୫୩ ନମ୍ବର ଜାତୀୟ ରାଜପଥରେ ଉଭୟ ପାର୍ଶ୍ୱରେ ଥିବା କ୍ଷତିଗ୍ରସ୍ତ ପ୍ରଜାମାନେ ସେମାନଙ୍କର ସମସ୍ତ କାଗଜପତ୍ର ଏହି ସମସ୍ୟା ଯୋଗୁଁ ଦାଖଲ କରିପାରୁନଥିବା ଓ ଜମି ଅଧିଗ୍ରହଣର ମୁଖ୍ୟ କାରଣ ହୋଇଛି। ତେବେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କ୍ଷତିଗ୍ରସ୍ତ ଅଂଚଳବାସୀ ଦାବି ହେଉଛି।

## ସରକାରୀ ସ୍ୱୟଂଶାସିତ

# ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା



ଅନୁଗୁଳ,(ସବ୍ୟୁ) : ବୁଧବାରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଭାରତ ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଆଧାରରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ଼ ନୀଳାଞ୍ଚଳ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଅନୁଗୁଳ ଜିଲ୍ଲା ପ୍ରଶାସନଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ପ୍ରାୟ ସାତଶହ ଛାତ୍ରୀ ଛାତ୍ର, ଏକ ଶହ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାଟି ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ରେ ସମ୍ପନ୍ନ ହୋଇଥିଲା । ପ୍ରଥମେ ଅଧକ୍ଷ ଡ଼ ନୀଳାଞ୍ଚଳ ପଟେଲ ସମବେତ ଛାତ୍ରଛାତ୍ରୀମାନଙ୍କୁ ତ୍ରିରଙ୍ଗା ଯାତ୍ରା ତଥା ଦେଶାତ୍ମବୋଧକ ଭାବନାରେ ଉଦବୁଦ୍ଧ କରିଥିଲେ । ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ, ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଗଣ ଜାତୀୟ ପତାକା ଧାରଣ ପୂର୍ବକ ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରୁ ବାହାରି, ଶିଶୁ ଉଦ୍ୟାନ ଛକ, ଥାନା ଛକ, ଟ୍ରାଫିକ ଛକ, କୋର୍ଟ ଛକ, ଶ୍ରୀ ଜଗନ୍ନାଥ ମନ୍ଦିର, ଶିକ୍ଷକଶିକ୍ଷା ମହାବିଦ୍ୟାଳୟ, କମଳା ଉଦ୍ୟାନ ଛକ ଦେଇ ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତନ କରିଥିଲେ । ଏହି ବିଶାଳ ଶୋଭାଯାତ୍ରାକୁ ମହାବିଦ୍ୟାଳୟ ସଂଯୋଜକ ଡ଼ କ୍ୟାପଟେନ ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ଶାଶ୍ୱତୀ ସୁଭଦର୍ଶିନୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ମହାବିଦ୍ୟାଳୟ ପ୍ରଶାସକ ଅଭୟ ମଲ୍ଲିକ, ଡ଼ ସୁରେଶ ରାଜହଂସ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ନିଜ ବିଭାଗର ଛାତ୍ରଛାତ୍ରୀଙ୍କୁ ନେତୃତ୍ୱ ଦେଇଥିଲେ । ଏହି ସଫଳ କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟ ତରଫରୁ ଅନୁଗୁଳ ଜିଲ୍ଲା ପ୍ରଶାସନ, ଆରକ୍ଷୀ ବିଭାଗ , ଗଣମାଧ୍ୟମ ସଙ୍ଘ ନିକଟରେ କୃତଜ୍ଞତା ଲିପିବଦ୍ଧ କରାଯାଇଛି ।

# ଅବକାରୀ ବିଭାଗ ଚଢ଼ଉ : ୫ କୋର୍ଟ ଚାଲାଣ



କରଞ୍ଜିଆ, (ସବ୍ୟୁ): କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ଦେଶୀ ମଦ କାରବାର ବୃଦ୍ଧି ଓ ଏହାକୁ ପିଇ ଯୁବପୀଢ଼ୀ ବହୁ ବେଆଇନ କାର୍ଯ୍ୟ କରୁଥିବା ଯୋଗୁଁ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ତନାଘନା ଚଢ଼ାଉ ଆରମ୍ଭ ହୋଇଛି। ବିଶେଷ ଭାବରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏହା ବିକ୍ରି ହେଉଥିବା ଜାଣିବା ପରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ ମତେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ବିନୟ କୁମାର ର୍ତିକିଙ୍କ ନେତୃତ୍ୱରେ ଓଆଇସି ରଶ୍ମି ରଂଜନ ନାୟକ ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଳ ଅଂଶୁମାନ ପରିଡ଼ା ଓ ଆଲୋକ ସୁତାରଙ୍କ ସହଯୋଗରେ ଆଜି କରଞ୍ଜିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ସକାଳ ପ୍ରାୟ ୬ ଟା ରୁ ଅପରାହ୍ନ ୧୨ ପର୍ଯ୍ୟନ୍ତ ବିଶେଷ ସୂତ୍ରରୁ ଖବର ପାଇ ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରି ୫ ଜଣଙ୍କ ନିକଟରୁ ମୋଟ ୧୪୦ ଲିଟର ଦେଶୀ ମଦ ଜବତ କରି ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। କରଞ୍ଜିଆ ବ୍ଲକ ଚିତ୍ରପଶି ଗାଁର ରମେଶ ଲୋହାରଙ୍କ ଠାରୁ ୨୫ ଲିଟର,ସାରଙ୍ଗଗଡ ଗାଁର ଆରତ ଚାମ୍ପିଆ ଠାରୁ ୨୫ ଲିଟର, ମହାଦେବଦେଉଳୀ ଗାଁର ମିଥୁନ ବେହେରାଙ୍କ ଠାରୁ ୪୦ ଲିଟର ଓ ସେହି ଗାଁର ବାପ ପୁଅ ଦୟାନିଧି ନାଇକ ଓ ପୁଅ ଭୋଳାନାଥ ନାଇକ ଭିନ ଭିନ ସ୍ଥାନରେ ମଦ ବିକ୍ରି କରୁଥିବା ବେଳେ ସେମାନଙ୍କ ଠାରୁ ୨୫ ଓ ୨୫ ଲିଟର ଲେଖାଁଏ ଦେଶୀ ମଦ ଜ୍ କରାଯାଇଥିବା କହିଛନ୍ତି କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଞ୍ଜନ ନାୟକ। ସେମାନଙ୍କ ବିରୋଧରେ ଅବକାରୀ କେଶ (ପିଆର)ନମ୍ବର ୯୮/୨୫,୯୯/୨୫,୧୦୦/୨୫,୧୦୧/୨୫ ଓ ୧୦୨/୨୫ ନମ୍ବର କେଶ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ କରଞ୍ଜିଆ ଓ ଏହାର ଆଖପାଖ ଅଞ୍ଚଳରେ କିପରି ବେଆଇନ ଦେଶୀ ମହୁଲି ମଦ ଓ ବିଦେଶୀ ମଦ ବିକ୍ରି ଉପରେ ରୋକ ଲଗାଯାଇ ପାରିବ ସେ ବିଷୟରେ ଆଗକୁ ଚଢ଼ାଉ ଓ ଧରପଗଡ ଅଧିକ ଜୋରଦାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମହୁଲି ମଦ ବ୍ୟବସାୟୀମାନେ ଏହି ବ୍ୟବସାୟ ଛାଡ଼ି ଅନ୍ୟ ଭଲ ବ୍ୟବସାୟ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ତେଲ ଚୋରି କରି ହରଡ଼ଘଣାରେ କାର୍ଯ୍ୟକାରୀ ସହକାରୀ ଯନ୍ତ୍ରୀ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ଭାବେ ଘୋଷିତ ନୀଳଗିରି ବ୍ଲକରେ ଆଦିବାସୀ ମାନଙ୍କ ଉନ୍ନତି ନିମିତ୍ତ ୧୯୭୮ମସିହାରୁ କାର୍ଯ୍ୟକାରୀ ହେଉଛି। ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥା ଆଇ. ଟି.ଡି.ଏ ଏଠାରେ କାରୁ ସରେନ୍ ନୀଳଗିରି ଆଦିବାସୀ ଉନ୍ନୟନ ସଂସ୍ଥାରେ ପ୍ରକଳ୍ପ ଅଧିକାରୀ ଭାବେ ଯୋଗ ଦେବା ପରଠାରୁ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସୁଥିବା ବେଳେ ତାକୁ ସମାଧାନ କରିବା ପରିବର୍ତ୍ତେ ନିଆଁରେ ଘିଅ ଢ଼ାଳୁଥିବାର ଅଭିଯୋଗ ଉଠିଛି। ଯାହାର ସଦ୍ୟ ଉଦାହରଣ ଆଇ.ଟି.ଡି.ଏ ରେ ଥିବା କାର୍ଯ୍ୟକାରୀ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ତେଲ ଚୋରି ଖବର କାଗଜର ଶିରୋନାମା ପାଲଟିଥିବା ବେଳେ ପ୍ରକଳ୍ପ ଅଧିକାରୀ ଏହାର ତଦନ୍ତ କରିବା ପରିବର୍ତ୍ତେ ଅଭିଯୋଗ ଆସିଲେ ତଦନ୍ତ କରିବେ ବୋଲି କହୁଥିଲେ। ହେଲେ ସୋମବାର ଦିନ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଠାରୁ ୨୭୮ନମ୍ବର ପ୍ରକାଶ ପାଇବା ପରେ ଆଇ.ଟି.ଡି.ଏ ଅଧିକାରୀଙ୍କର ଚିନ୍ତା ପସିଛି। ଯେଉଁ ତେଲ ଚୋରୀ ଘଟଣାକୁ ଚାପି ଦେବା ପାଇଁ ନୀଳଗିରି ପ୍ରକଳ୍ପ ଅଧିକାରୀ ଯେତେ ଚେଷ୍ଟା କରିଥିଲେ ମଧ ତାହା ଫସର ଫାଟି ଯାଇଥିବାର ଦେଖାଯାଇଛି। ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ସହକାରୀ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦ୍ୱାରା ତଦନ୍ତ କରାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ୭ଦିନ ଭିତରେ ତଦନ୍ତ ରିପୋର୍ଟ ପହଞ୍ଚିବାକୁ ଆଦେଶ ପ୍ରଦାନ କରିଛନ୍ତି। ଏଠି ପ୍ରଶ୍ନ ଉଠେ ଆଇ.ଟି.ଡି.ଏ କାର୍ଯ୍ୟାଳୟରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତେଲ ଚୋରୀ କରୁଥିବା ବେଳେ ପ୍ରକଳ୍ପ ଅଧିକାରୀ ଜାଣିପାରିଲେନି କିପରି? ପେଟ୍ରୋଲ ପମ୍ପର କର୍ମଚାରୀଙ୍କ କହିବା ମୁତାବକ ଶ୍ରୀ ଉପାଧ୍ୟାୟ ଡିଜେଲ ବିଲ ଦେଇ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ନିଜ ଗାଡିରେ ପେଟ୍ରୋଲ ପକାଇଛନ୍ତି। ଶ୍ରୀ ଉପାଧ୍ୟାୟଙ୍କ ନାମରେ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ କାର୍ଯ୍ୟାଳୟରେ ପୁଳାପୁଳା ଦୁର୍ନୀତି କରିଚାଲିଥିବାର ନଜିର ଥିବା ବେଳେ ସଦ୍ୟ ତେଲ ଚୋରି ଘଟଣାର ଜ୍ୱଳନ୍ତ ପ୍ରମାଣ ସିସି ଟିଭିରୁ ମିଳିବା ପରେ ସେ କିଭଳି ଦୁର୍ନୀତି ଖୋର ହୋଇଥିବେ ଏହି ଗୋଟିଏ ପ୍ରମାଣରୁ ସ୍ପଷ୍ଟ ଅନୁମେୟ। ପ୍ରକଳ୍ପ ଅଧିକାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ଘଟଣାର ଅସଲ ରହସ୍ୟ ଲୋକ ଲୋଚନକୁ ଆସିପାରନ୍ତା ଆଲୋଚନା ହେଉଛି। ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟ ଦାୟିତ୍ୱରେ ଥିବା ରେମୁଣା ବ୍ଲକ, ନୀଳଗିରି ଆଇ.ଟି.ଡି.ଏ, ନୀଳଗିରି ବ୍ଲକରେ ରହି ଯେତେ ଉନ୍ନୟନ କାର୍ଯ୍ୟ କରିଛନ୍ତି ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଇଲେ ଫେକ୍ ଜି ଏସ ଟି ବିଲ ଓ ପ୍ରକୃତ ଲେବର ମାନଙ୍କୁ କାମରେ ଲଗାଇ ସେମାନଙ୍କୁ ତାଙ୍କ ମଜୁରୀ ଟଙ୍କା ନଦେଇ ବିଭାଗୀୟ ଜେଇ ମାଧ୍ୟମରେ ହରିଲୁଟ୍ କରିଛନ୍ତି ଶ୍ରୀ ଉପାଧ୍ୟାୟ ଓ ବିଭାଗୀୟ ଜେଇ ମାନଙ୍କର କଳାକାରନାମାର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ଉଠିଛି।

# ମାଛ ବ୍ୟବସାୟୀଙ୍କୁ ନିସ୍ତୁକ ମାଡ଼ମାରି ଲୁଟିଲେ ଟଙ୍କା ସହ ବାଇକ

ଭଦ୍ରକ,(ସବ୍ୟୁ): ପୁଣି ଦୁର୍ବୃତ୍ତଙ୍କ ଭଦ୍ରକ ପୁଲିସକୁ ଖୋଲା ଚ୍ୟାଲେଞ୍ଜ। ରାଜରାସ୍ତାରେ ମାଛ ବ୍ୟବସାୟୀଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଭୁଜାଲି ମୁନରେ ଲୁଟିନେଲେ ଟଙ୍କା ଓ ବାଇକ। ଘଟଣା ଘଟିଛି ଭଦ୍ରକ ସହରର ଛକ ନିକଟରେ। ବୁଧବାର ସକାଳୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ମାକେଇଣା ଗୌଡ଼ଦିଆ ଗ୍ରାମର ମାଛ ବ୍ୟବସାୟୀ ରଞ୍ଜନ ଦାସ ଭଦ୍ରକରୁ ମାଛ ନେବାକୁ ଆସୁଥିବା ବେଳେ ତାହାଣୀଗିଆ ପୋଲ ଉପରେ ତିନି ଜଣ ଦୁର୍ବୃତ୍ତ ଆସି ତାଙ୍କୁ ହଠାତ ଅଟକାଇବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ତାଙ୍କ ପକେଟରେ ଥିବା ପାଞ୍ଚ ହଜାର ଟଙ୍କା ଲୁଟ କରିବା ସହିତ ବାଇକ ନେଇ ଫେରାର ହୋଇଯାଇଥିଲେ। ରଞ୍ଜନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିବା ସହିତ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି। ଦୁର୍ବୃତ୍ତଙ୍କ ମାଡ଼ରେ ରଞ୍ଜନଙ୍କ ଗୋଟିଏ ହାତ ଭାଙ୍ଗି ଯାଇଛି। ଘଟଣାକୁ ନେଇ ଭଦ୍ରକ ଟାଉନ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଅନ୍ତରା ଗସ୍ତ



ଖଇରା,(ସବ୍ୟୁ): ଅନ୍ତରା କେନାଲ ବନ୍ଧ ନିକଟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଦୁଷ୍କର୍ମ କରାଯିବା ଘଟଣାକୁ ନେଇ ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାବାସୀଙ୍କୁ ଚକିତ କରିଛି। ସୋମବାରର ସିନ ରିକ୍ରିଏସନ ପରେ ମଙ୍ଗଳବାର ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ୫ଜଣିଆ ତଥ୍ୟଅନୁସନ୍ଧାନକାରୀ ଦଳ ଅଧ୍ୟକ୍ଷାବନ୍ଦିତା ପରିଡାଙ୍କ ନେତୃତ୍ୱରେ ଅନ୍ତରା ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଟିମ୍ ଅଧ୍ୟକ୍ଷା ସହିତ ସଭ୍ୟ ଭାବେ ଅମିତା ବିଶ୍ୱାଳ,ବାସନ୍ତୀ ସାମଲ,ନିରୁପମା ପାତ୍ର,ଅମିତା ଆଚାର୍ଯ୍ୟ,କନକଲତା ମଲ୍ଲିକ,ଜାନକୀ ମଲ୍ଲିକ ସାମିଲ ଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ବ୍ଲକ କଂଗ୍ରେସ ସଭାପତି ଶରତ ଦାସ,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ କଂଗ୍ରେସ ମହିଳାଙ୍କ ସାଥିରେ ଛାଇ ଭଳି ରହିଛି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥିବା ବେଳେ ଗୋଟିଏ ପରେ ଗୋଟିଏ ବଳାତ୍କାର,ହତ୍ୟା ଘଟଣା ରାଜ୍ୟସରକାରଙ୍କ ନିଷ୍କ୍ରିୟତାକୁ ପ୍ରମାଣିତ କରିଛି। ଓଡିଶାବାସୀ କଣ ଏଇଥିପାଇଁ ସରକାର ପରିବର୍ତ୍ତନ କରିଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ପିଡିତାଙ୍କୁ ଭଦ୍ରକରୁ ଅନ୍ୟ ହସପିଟାଲକୁ ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ। ଭୁବନେଶ୍ୱରରୁ ଡାକ୍ତର ଆସି ଏଠାରେ ଚିକିତ୍ସା କରିବାକୁ ଟିମ ଦାବି କରିଛି।

# ନଗର ବିଜେପିର ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର,(ସବ୍ୟୁ): ବିଜେପି କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ମଙ୍ଗଳବାର କେନ୍ଦୁଝର ସହରର ଜେଲରୋଡ଼ ନିକଟସ୍ଥ ବସ ଷ୍ଟପ ତଥା ଆଖପାଖ ସ୍ଥାନ ମାନଙ୍କରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କେନ୍ଦୁଝର ନଗର ମଣ୍ଡଳ ସଭାପତି ଅସିତ ନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶୁଭଦେବ ମହାନ୍ତ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ନିଜେ ଝାଡୁ ଧରି ସଫେଇ କରିଥିଲେ, ହି କାର୍ଯ୍ୟକ୍ରମ ରେ ଜିଲ୍ଲା ଉପସଭାପତି ଗୋପୀନାଥ ରାମ,କେନ୍ଦୁଝରଗଡ଼ ପୌରପାଳିକାର ପୌରାଧକ୍ଷ ନିକୁ ସାହୁ,ସାଂସଦ ପ୍ରତିନିଧି ହରିହର ମହାନ୍ତ, ସାଂସଦଙ୍କ ପୌରପାଳିକା ପ୍ରତିନିଧି ଶ୍ୟାମସୁନ୍ଦର ନାଏକ, ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର,ସମ୍ପାଦକ ଦୁର୍ଗା ମିଶ୍ରିଆ, ସଂଯୋଜକ ବ୍ରଜକିଶୋର ରାଉ, କାଉନସିଲର ନିଥାର ଦାସ ଏବଂ କିଶୋ ଯୋସେନ,ଗଣେଶ ନାୟକ,ପ୍ରଶାନ୍ତ ସାହୁ,ଦୀନବନ୍ଧୁ ସାହୁ,ପ୍ରତାପ ନାଏକ,ରଞ୍ଜନ ପାତ୍ର,ବାବଲ ଦାସ,ସାଗର ଲୋହାର, ମଞ୍ଜରୀ ବିଶ୍ୱାଳ ସହିତ ନଳପରତ୍ନ ନନ୍ଦ,ଖୁଶୀଲ ନାଏକ,ସନାତନ ମହାରଣା,ଲକ୍ଷିତ ବାରିକ ତଥା ଜିଲ୍ଲା ଏବଂ ନଗର ଅନେକ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଫସର ଫାଟିଲା ଡ଼କାୟତି ଯୋଜନା : ୪ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ଥାନା ପୋଲିସକୁ ମିଳିଛି ବଡ ସଫଳତା। ବିଶ୍ୱସ୍ତ ସୂତ୍ରରୁ ଫୁଲାଡି ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ପାରିଖୁଲ ଗ୍ରାମର ବକ୍କି ଓରଫ ଦେବବ୍ରତ ମହାପାତ୍ର, ରଜତ ମହାପାତ୍ର, ସାନୁ ମହାଳିକ ଓ ରାମଚନ୍ଦ୍ର ସେଠୀ। ସେମାନଙ୍କଠାରୁ ଗୋଟିଏ ତେଲେଙ୍ଗା କଟୁରୀ, ସ୍କେଚ ମ୍ୟାପ, ୩ଟି ମୋବାଇଲ, ଗୋଟିଏ ସୁତୁଲି ବୋମା ଜବଦ ହୋଇଛି। ସମ୍ପର୍କରେ ପୋଲିସ ଏକ ମାମଲା ନଂ୩୧୯/୨୫ ରୁଜୁ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ନଗ୍ରମ ଗ୍ରାମର ବିକି ଓରଫ ସାଇସୁମନ ରାଉତ ବନ୍ଧୁକ ସହ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଅଭିଯୁକ୍ତଙ୍କ ନାମରେ ବସ୍ତା, ସଦର, ଶିଳ୍ପାଞ୍ଚଳ ଓ ନୀଳଗିରି ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୋଲିସ କହିଛି। ଏକ ବଡଧରଣର ଡକାୟତି କରିବା ପାଇଁ ଅଭିଯୁକ୍ତମାନେ ୧୬ ନଂ ଜାତୀୟ ରାଜପଥର ଫୁଲାଡି ନିକଟରେ ଯୋଜନା କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ସାଲଖାନ ମୁର୍ମୁ, ହଳଦୀପଦା ଫାଣ୍ଡି ଅଧିକାରୀ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ।

# ଭାଜପାର ତ୍ରିରଙ୍ଗା ପଦ ଯାତ୍ରା

ବାଲେଶ୍ୱର,(ସବ୍ୟୁ):ମଙ୍ଗଳବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ ୭୯ ତମ ସ୍ୱାଧିନତା ଦିବସ ଅବସରରେ ଏକ ତ୍ରିରଙ୍ଗା ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ରେମୁଣା ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ଜିଲ୍ଲା ଉପ ସଭାନେତ୍ରୀ ମିନାକ୍ଷୀ ମହାପାତ୍ର, କମଳା ବିନ୍ଧାଣି, ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ସରପଞ୍ଚ ଝରଣା ମହାନ୍ତି, ରମାମଣି ସେନାପତି, ନିତାଇ ଚରଣ ନାୟକ, କବିତା ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁକୁମାର ଦାସ, ବିଜୟ କୁମାର ସାହୁ, ସୁବୋଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫୁଲାଡି ଛକ ନିକଟରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନୁଣିଆଁ ଯୋଡ଼ି ପୋଲ ନିକଟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଘାଯତୀନ ମଣ୍ଡଳର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳର ଦୁଇ ସାଧାରଣ ସମ୍ପାଦକ କମଳ ଲୋଚନ ପ୍ରଧାନ, ବିଜୟ କୁମାର ପଲେଇ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ : ୩ ଗିରଫ

ସୋର, (ସବ୍ୟୁ): : ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁଡପୋଚ ନଷ୍ଟ ସହ ଦେଶୀ, ବିଦେଶୀ ମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଛତ୍ରପୁର ଗ୍ରାମରେ ଚଢ଼ାଉ କରି ଶିବ ବେହେରା ନିକଟରୁ ୯ ଲିଟର ବିଦେଶୀମଦ,ବନ୍ଧସାହି ଗ୍ରାମରେ ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୨ ହଜାର ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୧୮୦ ଲିଟର ଦେଶୀମଦ ଜବତ କରି ସରଳିଆ ଗ୍ରାମର ଉଦ୍ଧବ ଧଳକୁ ଗିରଫ କରିଥିଲେ। ସେହିପରି ସିମୁଳିଆ ଥାନା ରାମଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ବେହେରା ନିକଟରୁ ୩୬ ଲିଟର ବିଦେଶୀମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ବୁଧବାର ଅପରାହ୍ନରେ ସୋର ମେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ,ଦେବାଶିଷ ମଲ୍ଲିକ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

କେନ୍ଦୁଝର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଧରଣୀଧର ବିଶ୍ୱ ବିଦ୍ୟାଳୟ ନିକଟ ଗମ୍ଭାରିଆ ଗ୍ରାମରେ ଯୋଗେଶ୍ୱର ମହାନ୍ତଙ୍କ ଏକ ଘରୋଇ ମେସରେ ଜଣେ ଛାତ୍ରୀର ଝୁଲନ୍ତା ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ନାମ ଶିବାନୀ ଜେନା(୨୨) ତାଙ୍କ ବାପାଙ୍କ ନାମ କୃଷ୍ଣଚନ୍ଦ୍ର ଜେନା ଏବଂ ତାଙ୍କ ଘର ହାଟଡିହି ବ୍ଲକ ଅନ୍ତର୍ଗତ ନୂଆରମ୍ପାସ ଗ୍ରାମରେ ବୋଲି ଜଣାପଡିଛି। ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ସୂଚନା ପାଇ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରଛି। ସାଇନଟିଫିକ ଟିମ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଛାତ୍ରୀ ଜଣକ ଧରଣୀଧର ବିଶ୍ୱ ବିଦ୍ୟାଳୟରେ ନୃତତ୍ତ୍ୱ ବିଭାଗରେ ପିଜି ପ୍ରଥମ ବର୍ଷରେ ଆଡମିଶନ କରିବା ପରେ ଏହି ଘରୋଇ ମେସରେ ରହୁଥିଲେ। ଖବର ପାଇଁ ଛାତ୍ରୀଙ୍କ ବାପା ମାଆ ଆସିଥିବା ଜଣାପଡିଛି। ଉକ୍ତ ଘରୋଇ ମେସରେ ୬ ଜଣ ଛାତ୍ରୀ ରହୁଥିଲେ। ଅପରାହ୍ନ ୧ଟା ବେଳେ କେଉଁ କାରଣରୁ ଫ୍ୟାନରେ ଓଢଣୀ ଦେଇ ଆତ୍ମହତ୍ୟା କଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ପ୍ରକାଶ କରିଛନ୍ତି।

# ଭାଙ୍ଗିଲା ପିକଅପ୍‌ର ପଛ ଡାଲା ୧୦ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ

ନୀଳଗିରି,(ସବ୍ୟୁ): ଚାଷ କାମ ପାଇଁ ନିଳଗିରିର ବିଭିନ୍ନ ଅଂଚଳରୁ ୨୦ରୁ ଅଧିକ ମୂଲିଆଙ୍କୁ ନେଇ ଏକ ପିକଅପ ଗାଡ଼ି ଖନ୍ତାପଡା ଥାନା ଅନ୍ତର୍ଗତ ଜୀର୍ତାଳ ଗ୍ରାମକୁ ଆସିଥିଲେ। କାମ ଛୁଟି ପରେ ଉକ୍ତ ପିକଅପ୍ ଗାଡ଼ିରେ ଦିନ ପ୍ରାୟ ୫ଟା ସମୟରେ ସମସ୍ତ ମୁଲିଆଙ୍କୁ ନେଇ ନିଳଗିରି ଆସୁଥିବା ବେଳେ ଅଧା ବାଟରେ ପିକଅପ୍ ର ପଛ ଡାଲା ଭାଙ୍ଗି ପଡ଼ିବାରୁ ୧୦ରୁ ଅଧିକ ମୂଲିଆ ରାସ୍ତାରେ ଛିଟିକି ପଡ଼ିବାରୁ ଜଣେ ଗୁରୁତର ହୋଇଥିବା ବେଳେ ୧୦ଜଣ ଆହତ ହୋଇଥିବାର ଜଣା ପଡିଛି। ସମସ୍ତଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନିଳଗିରି ମେଡିକାଲ ଅଣା ଯାଇଥିଲା। ଗୁଜୁଡ଼ିହା ଗ୍ରାମର ଟିକା ଗୋବିନ୍ଦ ବେହେରା ଗୁରୁତର ଥିବା ବେଳେ ଶାଳବଣି ଗ୍ରାମର ରଙ୍ଗଲତା ସିଂ, ମନ୍ଦାକିନୀ ସିଂ, ଗୁଜୁଡିହା ଗ୍ରାମର ରବିନ୍ଦ୍ର ବେହେରା, ବାଘମାରା ଗ୍ରାମର ଉର୍ମିଳା ବେହେରା, ରୀମା ବିନ୍ଧାଣି, ବାସନ୍ତୀ ସିଂ, ଗୀତା ସିଂ, ରମେଶ ସିଂ ବିମଳା ସିଂ ପ୍ରମୁଖ ଆହତହୋଇଥିବାର ଜଣା ପଡିଛି। ତେବେ ମାଲ୍ ବୁହା ଗାଡ଼ିରେ କେଉଁ ନିୟମରେ ଲୋକଙ୍କୁ ବସାଇ ନେବା ତାହା ପୋଲିସ୍ ର ତଦନ୍ତ ପରିସର ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି।

# ତେଜରାତି ଦୋକାନରୁ ଚୋରି

ଦୋବଲ,(ସବ୍ୟୁ): ଧାମନଗର ଅଂଚଳରେ ଦିନକୁ ଦିନ ଚୋରୀ ବୃଦ୍ଧି ପାଉଛି। ଧଳା ଜହର ଓ ଚୋରା ମଦ ଏ ଚୋରିର ମୁଖ୍ୟ କାରଣ ପାଲଟିଛି। ମଠ ମନ୍ଦିରରେ ଚୋରମାନେ ଚୋରି କରି ପୋଲିସ ଦ୍ୱାରା ଗିରଫ ହୋଇ ଥିବାବେଳେ ପୁଣି ଏହି ଥାନା ଦୋବଲ ବଜାରରେ ଥିବା ଦବିରୁଦ୍ଦିନ ଖାନଙ୍କ ତେଜରାତି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଦବିରୁଦ୍ଦିନ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳକୁ ତାଙ୍କ ଦୋକାନର ପଛପଟ ଝରକା ଓ ମଝିରେ ଥିବା କବାଟ ତାଲା ଭଙ୍ଗା ଯାଇଛି। ଦୋକାନରେ ଥିବା ତେଜରାତି ସଉଦା ସହିତ ବାକ୍ସରେ ଥିବା ନଗଦ ୧୦ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ଦବିରୁଦ୍ଦିନ ଥାନାରେ ଅଭିଯୋଗ କରିବା ପରେ ପୁଲିସ,ବୈଷୟିକ ଦଳ ଓ ସନ୍ଧାନୀ କୁକୁର ପହଂଚି ତଦନ୍ତ କରିଛନ୍ତି। ପ୍ରକାଶ ଥାଉକି ଧାମନଗର ଥାନା ଅଂଚଳରେ ମଠ,ମନ୍ଦିର,ଦୋକାନ ଓ ଘରୁ ଚୋରି ବଢ଼ିବାରେ ଲାଗିଛି। ଅସାମାଜିକ କାର୍ଯ୍ୟ କଳାପ ମଧ୍ୟ ବୃଦ୍ଧି ପାଇଛି। ଲୋକମାନେ ଓ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଧାମନଗର ଥାନା କେଶ ନମ୍ବର ୨୮୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ପୋଲିସ ତଦନ୍ତ କରୁଛନ୍ତି।

# ଅନ୍ତରାରେ ପୀଡିତା ପରିବାରକୁ ଆଶ୍ୱାସନା ଦେଲେ ବିଜେଡି ନେତା ଶଶି ସାହୁ

ଖଇରା,(ସବ୍ୟୁ): ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ଅନ୍ତରା ବଜାର କେନାଲ ବନ୍ଧର ନିଛାଟିଆ ସ୍ଥାନରେ ଜଣେ ଟିଉସନ ଫେରନ୍ତା ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ ବିଜେଡି ନେତା ତଥା ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପ୍ରତିନିଧି ଶଶି କୁମାର ସାହୁ ନିଜର ସମର୍ଥକଙ୍କ ସହ ଭଦ୍ରକ ମେଡିକାଲ ତଥା ଅନ୍ତରାରେ ପହଞ୍ଚି ଘଟଣାର ଅନୁଧ୍ୟନ କରିଛନ୍ତି। ଭାଜପା ସରକାର ଅମଳରେ ବାରମ୍ବାର ଏଭଳି ଘଟଣା ଘଟିବାକୁ ନେଇ କଡା ଭାଷାରେ ନିନ୍ଦା କରିବା ସହ ସରକାର ଏଭଳି ଅପରାଧିକ କାର୍ଯ୍ୟପାଇଁ ନିଶାକାରବାର ବୃଦ୍ଧିକୁ ପ୍ରମୁଖ କାରଣ ଦର୍ଶାଇ ଏହା ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି। ଶ୍ରୀସାହୁଙ୍କ ସହ ସିମୁଳିଆ ବ୍ଲକର ପ୍ରାକ୍ତନ ବିଜେଡି ସଭାପତି ଗୌରାଙ୍ଗ ପାଢ଼ୀ,ଯୁବନେତା ଗଦାଧର ଜେନା,କ୍ଷେତ୍ର ସଭାପତି ବିଜୟ ସାହୁ,ମୁକ୍ତିକାନ୍ତ ପାଣିଗ୍ରାହୀ,ଅନ୍ତରା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅଶୋକ କୁମାର ଜେନା,ସମିତିସଭ୍ୟ ପ୍ରତିନିଧି ଲକ୍ଷ୍ମୀଧର ପଣ୍ଡା,ସୁବାଷ ଚନ୍ଦ୍ର ଜେନା,ଶରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୋଲିସ ବୁଧବାର ପୂର୍ବାହ୍ନରେ ଆନନ୍ଦପୁର ମହାବିଦ୍ୟାଳୟ ନିକଟରୁ ଚାରିଗୋଟି ବାଲି ବୋଝେଇ ୧୨ ଚକିଆ ହାଇୱା ଗାଡି ଜବଦ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଗ୍ରାମ ଗୁଡିକରେ ବେଆଇନ ଭାବେ ନଦୀରୁ ବାଲି ଉତ୍ତଳନ ହେଉଥିବା ନେଇ ବିଭିନ୍ନ ଛକ ବଜାରରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଖବର ଅନୁସାରେ ଜବଦ ଗାଡି ଗୁଡିକ ହାଟଡିହି ବ୍ଲକ ଗିରିଗାଁ ନଦୀ ଘାଟରୁ ବାଲି ଓଭର ଲୋଡିଙ୍ଗ କରି ହାୱା ଗୁଡିକ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଆନନ୍ଦପୁର ପୋଲିସ ରାସ୍ତାରେ ସେଗୁଡିକୁ ଜବଦ କରି ନିଜ ହେପାଜତକୁ ନେଇ ଯାଇଥିଲା। ପରେ ଆନନ୍ଦପୁର ଥାନା ଅଧିକାରୀ ଫନେନ୍ଦ୍ର ଭୂଷଣ ନାୟକ ଜିଲ୍ଲା ଖଣି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇଁ ତୁରନ୍ତ ଜିଲ୍ଲା ଖଣି ଅଧିକାରୀ ଆନନ୍ଦପୁର ଥାନାରେ ପହଞ୍ଚି ଗାଡି ଗୁଡିକର ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ଗାଡି ଗୁଡିକର କାଗଜପତ୍ର ଠିକ ନଥିବା ବେଳେ ସେମାନଙ୍କୁ ଜବଦ କରାଯାଇଥିବା ବେଳେ ଏପଟେ ଗାଡି ମାଲିକ ଯଦି ଗାଡିର ଆବଶ୍ୟକ କାଗଜପତ୍ର ଆଣି ପୈଠ କରନ୍ତି ତାହାଲେ ସେମାନଙ୍କ ଗାଡି ମୁକୁଳି ପରିବ ନ ହେଲେ ଆଇନ ଅନୁଯାଇ କାର୍ଯାନୁଷ୍ଠାନ ନିଆଯିବ ନେଇ ଜିଲ୍ଲା ଖଣି ଅଧିକାରୀ ତାରିଣୀକାନ୍ତ ସିଂ ସୂଚନା ଦେଇଛନ୍ତି।

# ଅବକାରୀ ଚଢାଉ : ଜଣେ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢାଉ କରାଯାଇ ପ୍ରାୟ ୨ଶହ ଲିଟର ଦେଶୀମଦ ଜବଦ କରାଯିବା ସହ ୨ଟି ଗାଡ଼ି ଜବଦ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୁଣା ବାଲେଶ୍ୱର ଗ୍ରାମର ରାମଚନ୍ଦ୍ର ବେହେରା, ବାଲିସାହି ଗ୍ରାମର ଆକାଶ ମାଝୀଙ୍କୁ ସଦର ଥାନା ଅନ୍ତର୍ଗତ ମେଘଡମ୍ବରୁ ଛକରୁ ଧରାଯାଇ ସେମାନଙ୍କ ନିକଟରୁ ୧୨୦ ଲିଟର ଦେଶୀମଦ ଜବଦ କରାଯିବା ସହ ଓଡ଼ି୦୧ଏଏକ୍ସ-୫୬୫୭ ନମ୍ବର ବିଶିଷ୍ଟ ସ୍କୁଟି ଜବଦ କରାଯାଇଛି। ସେହିପରି ପୁରୁଣା ବାଲେଶ୍ୱର ଗ୍ରାମର ପରେଶ ମହାରଣାଙ୍କୁ ଗୋଧିବସା ମାଲ ଗୋଦାମ ଛକରୁ ଧରାଯାଇ ୮୦ ଲିଟର ଦେଶୀମଦ ସହ ଓଡି୦୧ଏ୭୨୧୭ ନମ୍ବର ବିଶିଷ୍ଟ ହୋଣ୍ଡାଏକ୍ଟିଭା ଗାଡ଼ି ଜବଦ କରାଯାଇଛି। ଏବାବଦରେ ଅବକାରୀ ବିଭାଗ କାର୍ଯ୍ୟାଳୟରେ ପିଆର୍ ନମ୍ବର ୧୭୯/୨୫-୨୬ ଓ ୧୮୦/୨୫-୨୬ ମୂଳେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରୁ କ୍ରୀଡା ସଂସ୍କୃତି କାର୍ଯ୍ୟକ୍ରମ




ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ପଞ୍ଚାୟତ ସମିତି ଓ ଘସିପୁରା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଆନନ୍ଦପୁର ଇଣ୍ଡୋର ଷ୍ଟାଡିଅମ ଠାରେ ଭିନ୍ନକ୍ଷମଙ୍କ ନିମନ୍ତେ କ୍ରୀଡା ଓ ସଂସ୍କୃତି କାର୍ଯ୍ୟକ୍ରମ ବୁଦବାର ଦିନ ଉଦଘାଟିତ ହୋଇଯାଇଛି। ଏହି ଉଦ୍ଘାଟନି ଉତ୍ସବ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧ ସୁନା, ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମହାନ୍ତ, ଘସିପୁରା ସାମାଜିକ ସୁରକ୍ଷା ଅଧିକାରୀ ଶୁଭଙ୍କର ଜେନା ଏବଂ ଆନନ୍ଦପୁର ବ୍ଲକର ଅବିନାଶ ପତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ଆନନ୍ଦପୁର ଓ ଘସିପୁରାର ୧୨୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ କ୍ରୀଡା ଓ ସଂସ୍କୃତି ରେ ଭାଗ ନେଇ ନିଜର ଦକ୍ଷତାକୁ ପ୍ରତିପାଦନ କରିଥିଲେ ସେମାନଙ୍କ ଭିତରେ ଦୃଢ ଇଚ୍ଛା ଶକ୍ତିର ଆଗ୍ରହ ସୃଷ୍ଟି ହୋଇଥିବା ବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆନନ୍ଦପୁର ବ୍ଲକ ଓ ଘସିପୁରା ବ୍ଲକର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଆମେରିକା ବୁକ୍ସ ଅଫ୍ ରେକର୍ଡରେ ଅଧ୍ୟାପକ ଡ଼ଃ ପଙ୍କଜ ଜେନା



ବାଲେଶ୍ୱର,(ସବ୍ୟୁ): ସାରା ବିଶ୍ୱ ରେ ସବୁ କିଛି ଭରପୁର ଥିଲା ବେଳେ ଏଠି ଗୋଟେ ଜିନିଷ ର ଏବେ ଅଭାବ ଅଛି ଯାହା ପାଇଁ ବାପା, ମା ମାନଙ୍କୁ ବୃଦ୍ଧ ଅବସ୍ଥା ରେ ହାତରେ ରାନ୍ଧି ଖାଇବାକୁ ପଡୁଛି ନ ହେଲେ ବୃଦ୍ଧାଶ୍ରମରେ ରହିବାକୁ ପଡୁଛି। ନିଜର ଅଦମ୍ୟ ଇଛା ଶକ୍ତି ତଥା ୧୦ ବର୍ଷର କଠିନ ଗବେଷଣା ଦ୍ୱାରା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ସଂସ୍କାର ଓ ସଂସ୍କୃତି ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠା ତା ଡ଼ଃ ପଙ୍କଜ କୁମାର ଜେନା ଏଥି ପାଇଁ ଏକ ଛଅ ମାସିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ୱାର୍ଲାଡ ବୋକ୍ସ ଅଫ ରେକର୍ଡ ରେ ପାଇଥିବା ବେଳେ ଏବେ ଆମେରିକା ବୁକ୍ସ ଅଫ ରେକର୍ଡ ରେ ସ୍ଥାନ ପାଇଛନ୍ତି। ଆମେ ଯେଉଁ ବହି ପଢୁଛେ ସେଥିରୁ ଆମେ କେମିତି ନମ୍ବର ରଖି ଚାକିରୀ ପାଇବା ସେଥିପାଇଁ ଚେଷ୍ଟା ଚାଲିଛି। ମାତ୍ର ଆମ ପରମ୍ପରା, ଅମର ସମାଜ ପ୍ରତି କର୍ତ୍ତବ୍ୟ, ଦେଶ ପ୍ରତି ଅମର ଭଲ ପାଇବା ଆଉ ବାପା, ମା ଙ୍କ ପ୍ରତି ଅମର କଣ କର୍ତବ୍ୟ ଆମେ ଭୁଲି ଯାଉଛେ। କେତେ କଷ୍ଟ ରେ ବାପା, ମା ପାଠ ପଢାଇ ପିଲାକୁ ବିଦେଶ ପଠାଉଛନ୍ତି ମାତ୍ର ବାପା, ମା ମଲେବି ପିଲାମାନେ ଶୁଦ୍ଧି କ୍ରିୟା କୁ ଆସୁନାହାନ୍ତି। ପାଠ ପଢି ପଇସା ରୋଜଗାର କରିବା ବହି ରୁ ଶିଖିଲା ହେଲେ ବାପା, ମା ଙ୍କ ତ୍ୟାଗ ବିଷୟରେ ସେ ବହି ଶିକ୍ଷା ଦେଇନି। ଆଜିର ପିଲାକୁ ତା ଜେଜେ ନାମ ପଚାରିଲେ କହିପାରୁନି। ଏଥିପାଇଁ ସାରା ବିଶ୍ୱ ବାସିଙ୍କ ମଥା ଘୁରାଉ ଥିଲା ବେଳେ ଆମ ମାଟିର ପୁଅ ଡ଼ଃ ପଙ୍କଜ କୁମାର ଜେନା ୧୦ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ତାଙ୍କ ଗବେଷଣାରେ ସଫଳ ହୋଇଛନ୍ତି। ଯାହାକି ବିଶ୍ୱ ସ୍ତରରେ ଆଦୃତ ହୋଇଛି ଆଉ ବିଭିନ୍ନ ମହଲ ରୁ ଶୁଭେଚ୍ଛା ମିଳୁଛି। ଏହା ଆମ ମାଟି ପାଇଁ ଏକ ଗର୍ବ ର କଥା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ର ଚେୟାରମ୍ୟାନ ମୃଣାଳ କାନ୍ତି ଦାସ (ଆଇ.ଏ.ଏସ.),ସେକ୍ରେଟାରୀ ଶୁଭ୍ରାବାଳା ବେହେରା (ଓ.ଏ.ଏସ.),ପରୀକ୍ଷା ନିୟନ୍ତ୍ରକ ଡ଼ଃ ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଟିପିଏନଓଡିଏଲ ୫ଲକ୍ଷ ୫୯ ହଜାର ଲୋକଙ୍କୁ ଯୋଗାଇଛି ମାଗଣା ସ୍ୱାସ୍ଥ୍ୟ ସେବା




ବାଲେଶ୍ୱର,(ସବ୍ୟୁ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ସହ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ବିଗତ ତିନି ବର୍ଷ ମଧ୍ୟରେ ୫ଲକ୍ଷ ୫୯ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ। ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ ମୋଟ ୩ ହଜାର ୭୨୦ଟି ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛି। ଆମ୍ବୁଲାନ୍ସ ଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ ଏବଂ ଡ୍ରାଇଭର ନିଯୋଜିତ ହୋଇଛନ୍ତି। ଚିକିତ୍ସା ସେବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କରିବା ଦିଗରେ ମଧ୍ୟ ଏହି ଆମ୍ବୁଲାନ୍ସ କାର୍ଯ୍ୟ କରୁଛି। ୧୧୮୦ଟି ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଟିପିଏନଓଡ଼ିଏଲ ପକ୍ଷରୁ ଆୟୋଜନ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଟିପିଏନଓଡିଏଲ ସିଇଓ ଶ୍ରୀ ଗଜାନନ କାଲେ କହିଛନ୍ତି ଯେ, ଆମେ ଅଭିଜ୍ଞ ଡାକ୍ତର, ଫର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତ୍ୟେକ ଆମ୍ବୁଲାନ୍ସରେ ନିୟୋଜିତ କରିଛୁ। ଏହି ଆମ୍ବୁଲାନ୍ସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଉଥିବା ବେଳେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ସମ୍ପାଦିତ ହେଉଛି। ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଓ ଔଷଧ ଯୋଗାଇ ଦିଆଯାଉଥିବା ସେ ଦର୍ଶାଇଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୧୫)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ )

**ଶରୀରବାଙ୍‌ମନୋଭିର୍ଯତ୍ କର୍ମ୍ମ ପ୍ରାରଭତେ ନରଃ ।**
**ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ।। ୧୫ ।।**

(ଏତେଷମେବ ସର୍ବକର୍ମ୍ମହେତୁତ୍ୱମାହ)–ନରାଃ ଶରୀବାଙ୍‌ମନୋଭିଃ ଯତ୍ ନ୍ୟାଯ୍ୟଂ (ଧର୍ମ୍ମ୍ୟଂ) ବା ବିପରୀତଂ (ଅଧର୍ମ୍ମ୍ୟଂ) ବା କର୍ମ୍ମ ପ୍ରାରଭତେ (କରୋତି), ଏତେ ପଞ୍ଚ ତସ୍ୟ ହେତବଃ (କରଣାନି) ॥ ୧୫ ॥

# ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ

ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଭୂମିକା ସଂପର୍କରେ ଗୋଟିଏ ସଂସ୍ଥାପକ୍ଷରୁ ଗତ ୧୨ ଅଗଷ୍ଟ (୨୦୨୫)ରେ ରାଜଧାନୀ ଭୁବନେଶ୍ୱରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଭୂମିକା ଓ ଭବିଷ୍ୟତ ବିଷୟରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ ସତ, ମାତ୍ର ଏପରି ଆଲୋଚନା ବିଶେଷ ଫଳପ୍ରଦ ହେବା ପରି ମନେ ହେଉନାହିଁ । ବରଂ କଂଗ୍ରେସ ଓ ଅଣକଂଗ୍ରେସ ଦଳର ଶାସନ ଉପରେ ଆଲୋଚନା କରିଥିଲେ ଭଲ ହୋଇଥା'ନ୍ତା । ସ୍ୱାଧୀନତାର ଅଠସ୍ତୋରୀ ବର୍ଷ ଅତିକ୍ରାନ୍ତ ଆମେ କରିଛୁଁ । ଆମ ସାଧାରଣତନ୍ତ୍ରର ପଞ୍ଚୋସ୍ତରୀ ବର୍ଷ ମଧ୍ୟ ଆମେ ପଛରେ ପକାଇ ଏକ ନୂତନ ଭାରତ ଗଠନ ପାଇଁ ଅଗ୍ରସର ହେଉଛୁଁ । ବିଶ୍ୱର ବୃହତ୍ ଅର୍ଥନୀତି କ୍ଷେତ୍ରରେ ଭାରତ ଏବେ ଚତୁର୍ଥ ସ୍ଥାନରେ ରହିଛି । ଭାରତର ଆର୍ଥନୀତିକ ଅଭିବୃଦ୍ଧି ବଢ଼ି ବଢ଼ି ଚାଲିଛି । ଏବେ ଏହା ତୃତୀୟ ବୃହତ୍ ଅର୍ଥନୀତି ଆଡ଼କୁ ମୁହାଁଉଛି । ଆସନ୍ତା ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ଘରୋଇ ଉତ୍ପାଦ ହାରରେ ୭ ଦଶମିକ ୩ ଟ୍ରିଲିଅନ ଡଲାରରେ ପହଞ୍ଚି ପାରିବ ବୋଲି ଆକଳନ କରାଯାଇଛି । ଏହି ରୂପାନ୍ତରୀକରଣର କାରଣ ଗତ ଦଶନ୍ଧି ମଧ୍ୟରେ ପ୍ରଶାସନର ଅସ୍ଥାଣୁତା, ଦୃଷ୍ଟିକୋଣର ସଂସ୍କାର ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ସଂପର୍କ ବୋଲି କୁହାଯାଉଛି ।

ଭାରତରେ କଂଗ୍ରେସ ଦଳ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ କାଳ ଶାସନ କଳକୁ ଅକ୍ତିଆର କରିଥିଲା । ରାଜ୍ୟମାନଙ୍କରେ ମଧ୍ୟ ଅନୁରୂପ ଭାବେ କଂଗ୍ରେସର ଶାସନ ଥିଲା । ମାତ୍ର ଅଣକଂଗ୍ରେସ ଶାସନ ଅଳ୍ପ ସମୟ ପାଇଁ ଓଡ଼ିଶାରେ ରହିଥିଲେ ମଧ୍ୟ କଂଗ୍ରେସ ଶାସନ ଅପେକ୍ଷା ସେମାନେ ଅଧିକ ଜନପ୍ରିୟତା ହାସଲ କରିଥିଲେ ବୋଲି କୁହାଯାଇଛି । କଂଗ୍ରେସ ଶାସନ ସମୟରେ ମଧ୍ୟ ଓଡ଼ିଶାରେ କିଛି ଭଲ କାମ ହୋଇଥିଲା । ମାତ୍ର ସ୍ୱାଧୀନତା ପରେ ଦଳୀୟ କନ୍ଦଳ କାରଣରୁ କଂଗ୍ରେସ ଦଳ କେନ୍ଦ୍ରରେ ବା ରାଜ୍ୟରେ କିଛି କାମ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲା ବୋଲି କୁହାଯାଇପାରେ ।

କେନ୍ଦ୍ରରେ ନେହେରୁଙ୍କ ପରେ ଇନ୍ଦିରା ଗାନ୍ଧିଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କିଛି ଭଲ କାମ ହୋଇଥିଲା । ପରବର୍ତ୍ତୀ କାଳରେ ରାଜୀବ ଗାନ୍ଧି, ନରସିଂହ ରାଓ ଓ ମନମୋହନ ସିଂ ପ୍ରଧାନମନ୍ତ୍ରୀ ହୋଇ ଓଡ଼ିଶା ପାଇଁ କିଛି କାମ କରିଥିଲେ । କିନ୍ତୁ ମନମୋହନ ସିଂ ଓଡ଼ିଶା ପ୍ରତି ବିଶେଷ ଦୃଷ୍ଟି ଦେଇ ନଥିଲେ । ଆର୍ଥିକ ଅନଗ୍ରସର ଓଡ଼ିଶା ପାଇଁ ସେ ସେପରି କିଛି କରି ନଥିଲେ ବୋଲି କୁହାଯାଇପାରେ । ପରବର୍ତ୍ତୀ କାଳରେ ମୋରାରଜୀ ଦେଶାଇ, ଚରଣ ସିଂ ଓ ବିଶ୍ୱନାଥ ପ୍ରତାପ ସିଂ ମଧ୍ୟ ଓଡ଼ିଶା ପ୍ରତି ବିଶେଷ ଦୃଷ୍ଟି ଦେଇ ନଥିଲେ । ଯଦିଓ ଚନ୍ଦ୍ରଶେଖର ମାସ କେତଟା ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେ ଓ ଶ୍ରୀ ଦେବେଗୌଡା ମଧ୍ୟ କିଛିଟା ଦୃଷ୍ଟି ଓଡ଼ିଶା ଉପରେ ପକାଇଥିଲେ । ଲାଲ ବାହାଦୂର ଶାସ୍ତ୍ରୀ ଅଳ୍ପ ସମୟ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ ତାଙ୍କର ଉଦାହରଣ ଦିଆ ନଯାଉ । ପ୍ରକୃତରେ ଅଟଳ ବିହାରୀ ବାଜପେୟୀଙ୍କର ଦୃଷ୍ଟି ଓଡ଼ିଶା ଉପରେ ଥିଲା । ତାଙ୍କ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ରହିଥିବା ଏବେ ପ୍ରତିପାଦିତ ହୋଇଛି । ତାଙ୍କରି ଯୋଗୁଁ ଓଡ଼ିଶାରେ ଚବିଶ ବର୍ଷ କାଳ ଶାସନ କରିଥିବା ଆଞ୍ଚଳିକ ଦଳ ବିଜୁ ଜନତା ଦଳର ଶାସନ ବଦଳି ଯାଇ ପ୍ରଥମଥର ଲାଗି ଓଡ଼ିଶାରେ ଅଣକଂଗ୍ରେସ ବିଜେପି ଦଳ କ୍ଷମତାସୀନ ହୋଇଛି । ପ୍ରଶାସନିକ ସଂସ୍କାର ଓ ରାଜ୍ୟର ଉତ୍ଥାନ ବିଜେପି ଦଳର ମୋହନ ସରକାରଙ୍କର ମୂଳମନ୍ତ୍ର ହୋଇଛି ଏବେ ।

ସେ ଯାହା ହେଉ, କେନ୍ଦ୍ରରେ କଂଗ୍ରେସ ସରକାର କ୍ଷମତାସୀନ ଥିବାବେଳେ ରାଜ୍ୟରେ ମଧ୍ୟ ଅଧିକ ଭୋଟ ପାଇ କଂଗ୍ରେସର ଶାସନ ଥିଲା । ମାତ୍ର କେନ୍ଦ୍ରରେ ହରେକୃଷ୍ଣ ମହତାବଙ୍କ ପରେ ଅଳ୍ପ ଦିନ ଲାଗି ଜାନକୀ ବଲ୍ଲଭ ପଟ୍ଟନାୟକ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇ ପାରିଥିଲେ ମଧ୍ୟ ଗିରିଧର ଗମାଙ୍ଗ, କେ.ପି. ସିଂହଦେଓ ବା ଅନ୍ୟ କେହି କ୍ୟାବିନେଟ ପାହ୍ୟାକୁ ଯାଇ ପାରି ନଥିଲେ । ବରଂ ଅଣ କଂଗ୍ରେସ ଜନତା ଶାସନ ସମୟରେ ରବି ରାୟ ବାଚସ୍ପତି ହୋଇଥିଲେ । ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟ କେନ୍ଦ୍ରରେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ମଧ୍ୟ ହୋଇଥିଲେ । ଏବେ ତ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ଓଡ଼ିଶାରୁ ଦୁଇଜଣ କ୍ୟାବିନେଟ ପାହ୍ୟାରେ ଓ ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଆଉ ଜଣେ ମଧ୍ୟ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ । ପୁଣି ମୋଦୀଙ୍କ ଅମଳରେ ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା । ଆଞ୍ଚଳିକ ଦଳଠାରୁ ଅଣକଂଗ୍ରେସ ବିଜେପି ଦଳର ଗୁରୁତ୍ୱ ଓଡ଼ିଶାରେ ଅଧିକ, ଏଥିରେ ସନ୍ଦେହ ନାହିଁ ।

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ହର ଘର ତିରଙ୍ଗା

# ସ୍ୱାଧୀନତା ଉତ୍ସବର ମହାପର୍ବ

**ପ୍ରସନ୍ନ କୁମାର ପତି**

ଭାରତର ସ୍ୱାଧୀନତା ଆନ୍ଦୋଳନକୁ ସ୍ମରଣ କରାଇବା ଏବଂ ନାଗରିକଙ୍କ ମଧ୍ୟରେ ଦେଶ ପ୍ରେମକୁ ଉଜ୍ଜୀବିତ କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ଆଜାଦି କା ଅମୃତ ମହୋତ୍ସବ' ପୃଷ୍ଠଭୂମିରେ 'ହରଘର ତିରଙ୍ଗା' ହେଉଛି ଏକ ଅଭିନବ ଅଭିଯାନ, ଯାହା ମାଧ୍ୟମରେ ଦେଶର ପ୍ରତି ଘରେ ଜାତୀୟ ପତାକା ସମ୍ମାନର ସହ ଉଡାଇବା ଏବଂ ମୁକ୍ତି ଆନ୍ଦୋଳନ ସହିତ ଲୋକଙ୍କ ଭିତରେ ଦେଶଭକ୍ତି, ଦେଶ ପ୍ରତି କର୍ତ୍ତବ୍ୟ ମାନସିକତା ଉଜାଗର କରାଇବ ଲକ୍ଷ୍ୟ ରହିଛି । ଜାତୀୟ ପତାକା, ଯାହା ଆମ ସ୍ୱାଧୀନ ଭାରତର ମୁକ୍ତିର ଝଣ୍ଡା, ସେହି ପବିତ୍ର ପତାକା ଉତ୍ତୋଳନକୁ କେବଳ ଆନୁଷ୍ଠାନିକ ଭାବେ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ବା ଜନତନ୍ତ୍ର ଦିବସ ଜାନୁୟାରୀ ୨୬ ଭିତରେ ସୀମିତ ନ ରଖି ଏହାକୁ ପ୍ରତି ନାଗରିକଙ୍କ ହୃଦୟ ତନ୍ତ୍ରୀରେ ସଦାବେଳେ ସାଇତି ରଖିବା ଏବଂ ଦେଶ ଗଠନ ଦିଗରେ ସେମାନଙ୍କୁ ଉତ୍ସର୍ଗୀକୃତ କରାଇବା ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ଅଭିଯାନ । ଭାରତ ସରକାରଙ୍କ ସଂସ୍କୃତି ବିଭାଗ 'ହରଘର ତିରଙ୍ଗା' ଅଭିଯାନର ସଫଳ ଯାତ୍ରା ସମ୍ପନ୍ନ କରିବା ପାଇଁ ଦେଶର ପ୍ରମୁଖ ମନ୍ତ୍ରଣାଳୟ ଭାବେ କାର୍ଯ୍ୟ କରୁଥିଲେ ହେଁ ଏହାର ପ୍ରଚାର ପ୍ରସାରକୁ ନିର୍ଦ୍ଦିଷ୍ଟ ଗଣ୍ଡି ଭିତରେ ସୀମିତ ନ ରଖି ଏହାକୁ ଦେଶବ୍ୟାପୀ ଏକ ବିରାଟ ସଚେତନତାର ଯାତ୍ରାଭାବେ ପାଳନ କରାଯାଉଛି । ବିଶେଷ କରି ଅଗଷ୍ଟ ମାସକୁ ଆମେ କ୍ରାନ୍ତିର ମାସ ଭାବେ ବିବେଚନା କରୁ । କାରଣ ଏହି ମାସରେ ଭାରତକୁ ମୁକ୍ତି ଦେବା ପାଇଁ ଅତୀତରେ ବହୁ ବଡ ବଡ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏବଂ ଦେଶ ସ୍ୱାଧୀନ ହୋଇଥିଲା ।

ତିରଙ୍ଗା ଅଭିଯାନରେ ପ୍ରାୟ ୫ଲକ୍ଷରୁ ଅଧିକ ଯୁବବର୍ଗ ସ୍ୱେଚ୍ଛାସେବୀ ଭାବେ ପଞ୍ଜିକୃତ ଏବଂ ଆଜାଦିକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ହରଘର ତିରଙ୍ଗା ହେଉଛି ସଂସ୍କୃତି ମନ୍ତ୍ରଣାଳୟର ଚତୁର୍ଥ ସଂସ୍କରଣ । କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟକ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ଅବସରରେ ତିରଙ୍ଗା ଅଭିଯାନ ସମ୍ପର୍କରେ ନାଗରିକଙ୍କୁ ପ୍ରୋତ୍ସାହିତ କରାଇବାକୁ ପରାମର୍ଶ ଦେଇଛନ୍ତି ।

୧୪୦ କୋଟି ଭାରତୀୟ ଗୋଟିଏ ପତାକା ତଳେ ଏକାଠି ହେବାର ଆହ୍ୱାନ ଦେଇଛନ୍ତି । ଆମର ଗଣତନ୍ତ୍ର ଏବଂ ସ୍ୱାଧୀନତାର ଗର୍ବ, ଗୌରବ ଏବଂ ଜୀବନ୍ତ ପ୍ରତୀକ ଭାବେ ଅଭିହିତ କରି ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ।

ଘରେ ଘରେ ଜାତୀୟ ପତାକା ଉଡାଇବା ଅଭିଯାନକୁ କେବଳ ସ୍ୱାଧୀନତା ଉତ୍ସବ ପାଳନର ଔପଚାରିକତା ଭିତରେ ସୀମିତ ନ ରଖି ଆମ ଦେଶକୁ ଗଢ଼ିବା, ଜାତିକୁ ସୁରକ୍ଷା ଦେବାକୁ ସମସ୍ତଙ୍କ ଭିତରେ ଏକ ଜାତୀୟ ଚେତନା ଜାଗ୍ରତ କରାଇବାର ଏକ ପ୍ରକୃଷ୍ଟ ମାଧ୍ୟମ । ଏକତା, ପ୍ରଗତି, ସଂହତି ପ୍ରତି ଉତ୍ସର୍ଗୀକୃତ ରହିବାକୁ ଶପଥ ନେବାର ଅଭିଯାନ । ଏବେ ଜାତୀୟ ସ୍ତରରୁ ଆରମ୍ଭ କରି ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଶିକ୍ଷା ପ୍ରତିଷ୍ଠାନ, ସର୍ବସାଧାରଣ ସ୍ଥଳରେ ଗୋଷ୍ଠୀ ସହଯୋଗରେ, ସମାଜର ସବୁ ବର୍ଗର ସହଭାଗିତାରେ ପ୍ରତିଘର, ବିଦ୍ୟାଳୟରେ ଜାତୀୟ ପତାକା ଉଡାଇବା ଏବଂ ମୁକ୍ତି ମହୋତ୍ସବର ସ୍ମୃତିକୁ ଧରି ରଖିବା ପାଇଁ ଦେଶବ୍ୟାପୀ ଚାଲିଥିବା ଅଭିଯାନ ଏବେ ସାମାଜିକ ଗଣମାଧ୍ୟମରେ ଏକ ଗଣ ବିପ୍ଲବର ରୂପ ନେଇଛି । ସମସ୍ତେ ସବୁଠି ସବୁ କ୍ଷେତ୍ରରେ ମୁକ୍ତି ଆନ୍ଦୋଳନକୁ ସଂସ୍କରଣ କରି ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାମନିଷୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ତର୍ପଣ କରୁଛନ୍ତି ଏବଂ ଦେଶ ଗଠନରେ ଶପଥ ନେଉଛନ୍ତି ।

ହର ଘର ତିରଙ୍ଗା ଏବେ ଲୋକ ଆନ୍ଦୋଳନରେ ପରିଣତ ହୋଇଛି । ବିଭିନ୍ନତା ମଧ୍ୟରେ ଏକତାର ଡୋରିକୁ ସୁଦୃଢ କରିଛି । ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ରେ ତିନି ପର୍ଯ୍ୟାୟରେ ୨ରୁ ୮ ଅଗଷ୍ଟ, ୯ରୁ ୧୨ ଏବଂ ୧୩ରୁ ୧୫ପର୍ଯ୍ୟନ୍ତ ପାଳନ କରାଯାଉଛି, ଯେଉଁଥିରେ ଦେଶରକ୍ଷାରେ ନିୟୋଜିତ ଆମ ସୈନିକମାନଙ୍କୁ କୃତଜ୍ଞତା ଅର୍ପଣ ସହିତ ଆମର ଐତିହ୍ୟ, ସାଂସ୍କୃତିକ ପୀଠ, ବଜାର ଘାଟ ସବୁଠି ଜାତୀୟ ପତାକା ଆଚ୍ଛାଦିତ ପରିବେଶରେ ସମସ୍ତଙ୍କୁ ସ୍ୱାଗତ ଏବଂ ଅଭିମନ୍ତ୍ରିତ କରାଯାଉଛି । ଏପରି କି ଚିତ୍ରକଳା, କୁଇଜ , କଳାତ୍ମକ ପ୍ରଦର୍ଶନୀ, ତର୍କ ବିତର୍କ, ସଭା ସମିତି ଏବଂ ସମାବେଶରେ ଏବେ ହରଘର ତିରଙ୍ଗା ଅଭିଯାନ ମାଧ୍ୟମରେ ଦେଶପ୍ରେମ ଓ ଦେଶଭକ୍ତିକୁ ଆବାଳ ବୃଦ୍ଧ ବନିତାଙ୍କ ଭିତରେ ବଣ୍ଟାଯିବା ସହିତ ଦେଶ ଗଠନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଉଛି ।

ସବୁଠୁ ବଡ଼ କଥା ହେଲା ଜମ୍ମୁ- କାଶ୍ମୀର ପର୍ଯ୍ୟଟନ କ୍ଷେତ୍ର ପହଲଗାଓଁଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୨ ଜଣଙ୍କ ପ୍ରାଣଯିବା ପରେ ଦେଶ ବ୍ୟାପୀ ଯେଉଁ ଆଲୋଡନ ସୃଷ୍ଟି ହୋଇଥିଲା, ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶୋଧ ନେବା ପାଇଁ ପଣ କରିଥିଲେ । ଏଥିପାଇଁ ଭାରତ ସରକାର ଆରମ୍ଭ କରିଥିଲେ ଆତଙ୍କବାଦୀ, ଦମନ ଅଭିଯାନ । ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୁର' । ଏ ଅଭିଯାନରେ ଶତ୍ରୁପକ୍ଷ ପାକିସ୍ତାନ ଧରାଶାୟୀ ହେବା ସହିତ ଭାରତ ସହ ସମ୍ଭାବ୍ୟ ଯୁଦ୍ଧ ରୋକିବା ପାଇଁ ଏକପ୍ରକାର ବାଧ ହୋଇଥିଲା । ଶାନ୍ତିପ୍ରିୟ, ସହନଶୀଳ, ଗଣତନ୍ତ୍ରରେ ବିଶ୍ୱାସୀ ଭାରତ ଯେ ହିଂସା, ରକ୍ତପାତ, ଆତଙ୍କବାଦ ଦମନ ଏବଂ ଦେଶରକ୍ଷା ପାଇଁ ଯେକୌଣସି ସ୍ତରକୁ ଯାଇପାରେ- ଅପରେସନ ସିନ୍ଦୁର ଜରିଆରେ ସେସବୁର ପ୍ରମାଣ ଦେଇ ସାରିଛନ୍ତି କେନ୍ଦ୍ର ସରକାର । ସମୟକ୍ରମେ ପାକସ୍ତାନ ଯୁଦ୍ଧ ବିରତି ପାଇଁ ଅନୁନୟ ବିନୟ ହେବା ସହିତ ଭାରତ ସରକାରଙ୍କୁ ଅନୁରୋଧ କରିବା ପାଇଁ ଏକପ୍ରକାର ବାଧ ହୋଇଛି । ତଥାପି ପାକିସ୍ତାନର ଶତ୍ରୁତା କମିନି । ଶତ୍ରୁକୁ କେବେବି ଭାରତ ବିଶ୍ୱାସକୁ ନେଇନାହିଁ । ପହଲଗାଓଁ ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଆତଙ୍କବାଦୀ ଇତି ମଧ୍ୟରେ ନିପାତ ହୋଇସାରିଲେଣି । ପହଲଗାଓଁ ଆକ୍ରମଣ ପରେ ପରେ ଭାରତ ପାକିସ୍ତାନ ସୀମା ଭିତରେ ସବୁ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିଛି । ଏବେ ଆକ୍ରମଣକାରୀ ଆତଙ୍କବାଦୀ ନିପାତ ହେବା ପରେ ପରେ ଅପରେସନ ସିନ୍ଦୂର ଯେ ଏବେ ବି ଚାଲିଛି ସେ ସନ୍ଦେଶ ଭାରତ ସରକାର ଦେଶବାସୀଙ୍କୁ ଦେଉଛନ୍ତି । ଏବେ ହରଘର ତିରଙ୍ଗା ଅଭିଯାନରେ ଅପରେସନ ସିନ୍ଦୂରରେ ଆମ ସେନାବାହିନୀର ନିଷ୍ଠା, ପରାକ୍ରମ ପ୍ରତିପାଦିତ ହୋଇଛି । ଦେଶକୁ ସୁରକ୍ଷିତ ରଖିବା ସହିତ ଆତଙ୍କବାଦୀଙ୍କ କବଳରୁ ସବୁପ୍ରକାର ସୁରକ୍ଷା ଦେବା ପାଇଁ ସେନା ଯେ ସବୁବେଳେ ପ୍ରସ୍ତୁତ- ସେ ବାର୍ତ୍ତା ଦେଶବାସୀ ପାଇଛନ୍ତି । ଦେଶକୁ ଅଖଣ୍ଡ ପରାକ୍ରମୀ, ସୁସଂଗଠିତ ଏବଂ ସମୃଦ୍ଧ କରିବା ଦିଗରେ ସେନାବାହିନୀର ଥିବା ଗୁରୁଦାୟିତ୍ୱ ପୁନଃ ପ୍ରମାଣିତ ହେବା ସହିତ ସ୍ୱାଧୀନତାର ଅମୃତ ଅଭିଯାନରେ ସାମିଲ ହୋଇଥିବା ହର ଘର ତିରଙ୍ଗା କାର୍ଯ୍ୟକ୍ରମରେ ବୀର ଯବାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ସେନାଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଉଛି ।

ହର ଘର ତିରଙ୍ଗା ଅଭିଯାନରେ ଆୟୋଜିତ ତିରଙ୍ଗା ମେଳାରେ ଆମର ଜାତୀୟ ତଥା ସ୍ଥାନୀୟ ସାମଗ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ସହିତ ବାଇକ ଏବଂ ତିରଙ୍ଗା/ ସାଇକଲ ଶୋଭାଯାତ୍ରା ତିରଙ୍ଗା ଯାତ୍ରାରେ ଜନସାଧାରଣଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ତେବେ ଚୂଡାନ୍ତ ପର୍ଯ୍ୟାୟରେ ପ୍ରତି ଘରେ ତ୍ରିରଙ୍ଗା ଉଡାଇବା ଦେଶବ୍ୟାପୀ ଜାତୀୟ ପତାକା ସ୍ୱାଧୀନତା ଦିବସ ଅବସରରେ ଉତ୍ତୋଳନ କରିବା, ତିରଙ୍ଗା ସହିତ ସେଲଫି ନେବା ଏସବୁକୁ ସାମାଜିକ ଗଣମାଧ୍ୟମର ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାର ମୂଳ ଉଦ୍ଦେଶ୍ୟ ହେଲା ସ୍ୱାଧୀନତା ଦିବସ ପାଳନ ଉତ୍ସବକୁ ପର୍ବ ଭାବେ ପାଳନ କରିବା ଏବଂ ସମସ୍ତଙ୍କ ଭିତରେ ଦେଶପ୍ରେମ ଭରିଦେବା ।

ହରଘର ତିରଙ୍ଗା ଅଭିଯାନ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ପ୍ରକଟ କରିବା ସହିତ ଏହା ଆମର ଦେଶଭକ୍ତିର ଗଭୀର ଉତ୍କଣ୍ଠା ଏବଂ ତ୍ରିରଙ୍ଗା ପ୍ରତି ସେମାନଙ୍କ ଏକତା ଓ ସମର୍ପଣ ଭାବକୁ ଦର୍ଶାଉଛି ବୋଲି କହିଛନ୍ତି । ଭାରତ ସରକାରଙ୍କ ସବୁ ମନ୍ତ୍ରଣାଳୟ ପକ୍ଷରୁ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ଏହି ଅଭିଯାନକୁ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇବା ପାଇଁ ବର୍ଷ ବର୍ଷର ଉଦ୍ୟମ ଫଳବତୀ ହୋଇଛି ।

ସ୍କୁଲ ଛାତ୍ରଛାତ୍ରୀ ଦେଶର ସୈନିକ, ସୁରକ୍ଷାରେ ନିୟୋଜିତ ପୋଲିସଙ୍କ ନିକଟକୁ ଚିଠି ଲେଖି ଜାତିପ୍ରତି ସେମାନଙ୍କ ସେବା ଓ ସମର୍ପଣ ମନୋଭାବକୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛନ୍ତି । ତିରଙ୍ଗା ରାଖୀ ତିଆରି କରି ପଠାଉଛନ୍ତି । ଦେଶଭକ୍ତି ସମ୍ବଳିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଛି । ତିରଙ୍ଗା ବାଦ୍ୟ ପରିବେଷଣ ହେଉଛି, ସହରଠୁ ଗାଁ ସବୁଠି ଏବେ ତିରଙ୍ଗାର ଉତ୍ସବ । ସାରା ରାଜ୍ୟରେ ଏହି ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଏବେ ଓଡ଼ିଶାରେ ପୁରପଲ୍ଲୀରୁ ମନ୍ଦିରମାଳିନି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ତିରଙ୍ଗା ଯାତ୍ରା, ପ୍ରଦର୍ଶନ, ମେଳା, ମହୋତ୍ସବ ଆୟୋଜନ ଜରିଆରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରସାର ସହ ଦେଶ ଗଠନରେ ସାମିଲ ହେବା ପାଇଁ ଯୁବ ବର୍ଗଙ୍କୁ ପ୍ରୋତ୍ସାହିତ କରାଯାଉଛି ।

ପ୍ରତି ନାଗରିକ ସେମାନଙ୍କ ଘରେ ତିରଙ୍ଗା ଉତ୍ତୋଳନ ସହିତ ସେଲଫି ଉଠାଇ ହରଘର ତିରଙ୍ଗା ଡଟକମ୍‌ରେ ଅପଲୋଡ କରିବାକୁ ଅନୁରୋଧ କରିଛନ୍ତି ସଂସ୍କୃତି ଓ ପର୍ଯ୍ୟଟକ ମନ୍ତ୍ରୀ । ଏହି ପର୍ବର ଆରମ୍ଭ ବର୍ଷ ୨୦୨୨ରେ ୨୩ କୋଟି ଲୋକ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ୬କୋଟି ସେମାନଙ୍କ ସେଲଫି ପଠାଇଥିଲେ । ୨୦୨୩ରେ ୧୦ କୋଟି ଲୋକ ସେଲଫି ଅପଲୋଡ କରିଥିଲେ । ବାଣିଜ୍ୟ ପ୍ରତିଷ୍ଠାନ, ଭାରତୀୟ ସେନା ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ସ୍ୱୟଂସହାୟିକା ଗୋଷ୍ଠୀ ବ୍ୟାପକ ମାତ୍ରାରେ ଜାତୀୟ ପତାକା ତିଆରି କରୁଛନ୍ତି । ଭାରତୀୟଙ୍କ ସହଭାଗିତାରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି । ମୁକ୍ତି ଆନ୍ଦୋଳନର ଇତିହାସ ସମ୍ପର୍କରେ ଯୁବ ତଥା ନୂତନ ପିଢ଼ିଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଇତିହାସର ଅବଲୋକନ କରାଉଛି । ଜାତୀୟ ପତାକାର ପ୍ରସିଦ୍ଧି ଏହାର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ବିଷୟରେ ଦେଶବାସୀଙ୍କୁ ଅବଗତ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଜୁଲାଇ ୨୮ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତର ନାଗରିକଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଅନୁରୋଧ କରିଥିଲେ । ଜାତୀୟ ପତାକା ପ୍ରତି ସମ୍ମାନବୋଧ ପ୍ରଦର୍ଶନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଏବେ ହରଘର ତ୍ରିରଙ୍ଗା ରୂପ ଧାରଣ କରି ଦେଶବ୍ୟାପୀ ଏକ ମହାପର୍ବରେ ପରିଣତ ହୋଇଛି ।

ସ୍ୱାଧୀନତା ଦିବସ ସମାରୋହ ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସପତ୍ନୀକ ତାଙ୍କର ନୂଆ ଦିଲ୍ଲୀ ସ୍ଥିତ କ୍ରିଷ୍ଣାମେନନ ମାର୍ଗ ବାସଭବନରେ ହରଘର ତିରଙ୍ଗା ଅଭିଯାନରେ ସାମିଲ ହୋଇ ତିରଙ୍ଗା ଉତ୍ତୋଳନ କରିଛନ୍ତି । କାଶ୍ମୀରର ସହରରୁ ଗାଁ ଏବେ କମଳା, ଧଳା, ଆଉ ସବୁଜ ରଙ୍ଗରେ ଭରିଯାଇଛି । ଦିନେ ଅଶାନ୍ତ ଥିବା ଅଞ୍ଚଳ, ଏବେ ତିରଙ୍ଗା ପତାକା ଭିତରେ ଆଚ୍ଛାଦିତ ହେବା ସହିତ ସାଧାରଣ ନାଗରିକଙ୍କ ଭିତରେ ଉତ୍ସୁକତା ଲକ୍ଷ୍ୟ କରାଯାଉଛି । ରାସ୍ତାଘାଟ, ସ୍କୁଲ କଲେଜ, ବଜାର, ପ୍ରତିଷ୍ଠାନ ସବୁଠି ଶୁଭୁଛି 'ଜୟହିନ୍ଦ୍'ର ସ୍ଲୋଗାନ ଏବଂ ତିରଙ୍ଗାୟିତ ଜାତୀୟ ପତାକା ।

ଭାରତ ଏହାର ୭୯ତମ ସ୍ୱାଧୀନତା ଦିବସ ସମାରୋହ ପାଳନ କରିବାକୁ ଯାଉଥିବା ବେଳେ କାଶ୍ମୀରରୁ କନ୍ୟାକୁମାରୀ ଆରମ୍ଭ ହୋଇଛି ତିରଙ୍ଗା ଶୋଭାଯାତ୍ରା । ଚଳିତ ବର୍ଷ ଭାରତୀୟ ଏବଂ ଜାତୀୟ ପତାକା ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ ଓ ଆତ୍ମୀୟ କରିବା ପାଇଁ ତଥା ନାଗରିକଙ୍କୁ ତିରଙ୍ଗାର ତେଜଦୀପ୍ତ ପ୍ରତୀକକୁ ବ୍ୟାପକ ଭାବେ ପ୍ରତ୍ସାହିତ କରିବାକୁ ଏହି ଅଭିଯାନରେ ସେମାନଙ୍କୁ ଆମ୍ବାସଡର୍ ବା ବାର୍ତ୍ତାବହ ଭାବେ ଅଭିହିତ କରାଯାଉଛି । ଆମ୍ବାସଡର୍ ହେବା ପାଇଁ ତଥା ସ୍ୱାଧୀନତା ଏବଂ ତିରଙ୍ଗା ବାର୍ତ୍ତା ବାଣ୍ଟିବା ପାଇଁ ନାଗରିକକୁ ସେମାନଙ୍କ ତିରଙ୍ଗା ସେଲଫି ଅନଲାଇନରେ ସେୟାର କରିବାକୁ ହେବ । ଏ କ୍ଷେତ୍ରରେ ବ୍ରତୀ ନାଗରିକକୁ ବ୍ୟାଜ ଏବଂ ପ୍ରମାଣପତ୍ର ବି ଦିଆଯିବାର ବ୍ୟବସ୍ଥା ରହିଛି । ଉତ୍ତରପ୍ରଦେଶରେ ୬୦ଲକ୍ଷ ଜାତୀୟ ପତାକା ମୁକ୍ତରେ ସହରାଞ୍ଚଳ ଗରିବ ଲୋକଙ୍କ ଭିତରେ ବଣ୍ଟାଯାଇଛି ଏବଂ ଏଗୁଡିକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ଯାହା ଦ୍ୱାରା ୨୯ ହଜାର ମହିଳା ଉପକୃତ ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି । ଭାରତବ୍ୟାପୀ ଏସ.ଏଚ.ଜି. ପତାକା ଉତ୍ପାଦନ କରିବାରେ ଏକ ଶକ୍ତିଶାଳୀ ଗ୍ରୁପରେ ପରିଣତ ହୋଇଛନ୍ତି । ଏ ବର୍ଷ ଦେଶର ସବୁଠୁ ବଡ ରାଜ୍ୟ କେବଳ ଉତ୍ତର ପ୍ରଦେଶରେ ୪.୬କୋଟି ପତାକା ଉତ୍ତୋଳନ କରାଯିବ ବୋଲି ଜଣାପଡିଛି । କେତେକ ସ୍ଥଳରେ ହରଘର ତିରଙ୍ଗା ଅଭିଯାନ ସହିତ ସ୍ୱଚ୍ଛତା ଏବଂ ସ୍ୱଦେଶୀ ଯାତ୍ରା ଅଭିଯାନକୁ ମଧ୍ୟ ସାମିଲ କରାଯାଇଛି । ମଧ୍ୟ ପ୍ରଦେଶରେ ସରକାର ପଦାଧିକାରୀମାନେ ତିରଙ୍ଗା ଯାତ୍ରା ସହ ସ୍ୱଚ୍ଛତା ଶୋଭାଯାତ୍ରା କରୁଛନ୍ତି ହରଘର ତିରଙ୍ଗା ଅଭିଯାନରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ମହାନଗର ନିଗମ ପକ୍ଷରୁ ୧୦ କି.ମି ବ୍ୟାପୀ ଦୀର୍ଘରାସ୍ତାରେ ଜାତୀୟ ପତାକା ପ୍ରଦର୍ଶନ ବନ୍ଦୋବସ୍ତ କରାଯାଇଛି । ଧର୍ମ, ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ସେଥିରେ ସାମିଲ ହେଉଛନ୍ତି । ୯ଫୁଟ ଓସାର ଓ ୧୦କି.ମି ଲମ୍ବର ଏହି ପତାକା ପ୍ରଦର୍ଶନ ଏକ ନୂଆ ରେକର୍ଡ କରିବାକୁ ଯାଉଛି । ପୂର୍ବରୁ ଏଠାରେ ୯କି.ମି ରାସ୍ତାରେ ପତାକା ପ୍ରଦର୍ଶନର ରେକର୍ଡ ରହିଛି ।(ପି.ଆଇ.ବି)

**ବରିଷ୍ଠ ସାମ୍ବାଦିକ**

# ମୁକ୍ତି ଆନ୍ଦୋଳନରେ ଆଦିବାସୀମାନଙ୍କ ଭୂମିକା

**ଦଶରଥ ହେମ୍ବ୍ରମ୍**

ଦୀର୍ଘ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ କାଳ ଇଂରେଜମାନେ ଭାରତକୁ ଶାସନ କରିଥିଲେ। ସେହି ସମୟରେ ଯଦିଓ ଭାରତରେ ରାଜତନ୍ତ୍ର ପ୍ରଚଳିତ ଥିଲା, ଯୁଦ୍ଧରେ ରାଜାମାନଙ୍କୁ ପରାସ୍ତ କରି ଇଂରେଜମାନେ କଲିକତାରେ Company Council of Bengal ପ୍ରତିଷ୍ଠା କଲେ । କିନ୍ତୁ ଭାରତରେ ଥିବା ପାରମ୍ପରିକ ନୀତିକୁ ହଟାଇ Self-Governance Rules ପ୍ରଚଳିତ ହେଲା, ଯାହାଦ୍ୱାରା Company ଲାଭବାନ ହେଲା । ତା'ପରେ ଗୋଟିଏ ଭାରତୀୟ ସାମ୍ରାଜ୍ୟ ବ୍ରିଟିଶ ଅଧୀନକୁ ଚାଲିଗଲା । ଆମ ଓଡ଼ିଶା ମଧ୍ୟ ୧୮୦୩ରେ ଇଂରେଜ ସାମ୍ରାଜ୍ୟଭୁକ୍ତ ହେଲା । ପରେ ଇଂରେଜମାନେ ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଲାଗୁ କଲେ, ଯାହାଫଳରେ ଜମିଗୁଡ଼ିକ ବିକ୍ରିଯୋଗ୍ୟ କରାଗଲା ଏବଂ ଜମିର ବ୍ୟକ୍ତିଗତ ମାଲିକାନା ପ୍ରଦାନ କରାଗଲା । କିନ୍ତୁ ଏହା ଚାଷୀଙ୍କଠୁ ଅଧିକରୁ ଅଧିକ ଖଜଣା ଆଦାୟ କରିବାରେ ସହାୟକ ହେଲା । ଯେଉଁମାନେ ଭୂ-ରାଜସ୍ୱ ଖଜଣା ଦେଇ ପାରିଲେ ନାହିଁ ସେମାନଙ୍କଠୁଁ ଜବରଦସ୍ତ ଜମିକୁ ଛଡ଼ାଇ ନିଆଯିବାର ଆଇନରେ ବ୍ୟବସ୍ଥା ହେଲା । କୃଷି ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ଢାଞ୍ଚାରେ ନୂତନ ପରିବର୍ତ୍ତନର ଅର୍ଥ କୃଷକକୁ କିପରି ଅଧିକରୁ ଅଧିକ ଶୋଷଣ କରାଯିବ ।

ଏଭଳି ଇଂରେଜମାନଙ୍କ ଆଇନ ପ୍ରଣୟନକୁ ଓଡ଼ିଶାରେ ରହିଥିବା ଆଦିବାସୀ ସଂଗ୍ରାମୀମାନେ ସହଜରେ ଗ୍ରହଣ କରି ନପାରିବାରୁ ଇଂରେଜ ବିରୋଧରେ ବିଦ୍ରୋହ କରିବା ପାଇଁ ଡାକରା ଦେଇଥିଲେ । ଓଡ଼ିଶାରୁ ଦୋରା ବିଶୋଇ, ଚକରା ବିଶୋଇ, ରେଣ୍ଡୋ ମାଝୀ, କଙ୍କା ମାଝୀ, କାଳିଆ ମହାନ୍ତ, ଲକ୍ଷ୍ମଣ ନାୟକ, ଧରଣୀଧର ନାୟକ, ମାଧୋ ସିଂ, ଦୟାନିଧି ଧାରୁଆ, ରତ୍ନା ନାୟକ, ନବଘନ କହଁରଙ୍କ ଭଳି ପ୍ରମୁଖ ଆଦିବାସୀ ସଂଗ୍ରାମୀଙ୍କର ଭୂମିକା ଅବିସ୍ମରିଣୀୟ ।

ଇଂରେଜମାନେ ପୂର୍ବ ଉପକୂଳବର୍ତ୍ତୀ ଓଡ଼ିଶାକୁ ନିଜ ଅଧିକାରଭୁକ୍ତ କଲା ପରେ ରାଜସ୍ୱତ୍ତ୍ୱ ଲୋପ ନୀତି ବଳରେ ପଶ୍ଚିମ ଓଡ଼ିଶାକୁ ଅକ୍ତିଆର କରିନେଲେ । ଏହି ନୀତି ବଳରେ ନିରୀହ ତଥା ନିଃସ୍ୱାର୍ଥପର ଆଦିବାସୀ ସମ୍ପ୍ରଦାୟ ଉପରେ ଇଂରେଜ ସରକାର ଶୋଷଣ ଓ ଅତ୍ୟାଚାର ଆରମ୍ଭ କଲେ । ତାହାର ପ୍ରତିବାଦ କରି ଆଦିବାସୀ କନ୍ଧ ସମ୍ପ୍ରଦାୟର କମଳଲୋଚନ ଦୋରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହ ହୋଇଥିଲା । ସେହିପରି କନ୍ଧବୀର ଦୋରା ବିଶୋଇ ଓ ଚକରା ବିଶୋଇଙ୍କ ନେତୃତ୍ୱରେ 'ଘୁମସୁର ବିଦ୍ରୋହ' ଦ୍ୱାରା ୧୮୩୫ ରୁ ୧୮୩୭ ପର୍ଯ୍ୟନ୍ତ କନ୍ଧମାନଙ୍କୁ ଏକତ୍ର କରି ବିଦ୍ରୋହ ହୋଇଥିଲା । କନ୍ଧ ସଂଗ୍ରାମୀ ଦୋରାଙ୍କୁ ଅନୁଗୁଳରୁ ଗିରଫ କରି ମାଡ୍ରାସ କାରାଗାରରେ ରଖାଗଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହେଲା। ଏ ଖବର ଜାଣି ତାଙ୍କ ପୁତୁରା ଚକରା ବିଶୋଇ ଘୁମସୁର ବିଦ୍ରୋହକୁ ତୀବ୍ରତର କଲେ, ଯାହା ୧୮୪୨ ରୁ ୧୮୫୫ ମସିହା ଯାଏଁ ଚାଲିଥିଲା । ଚକରାଙ୍କ ବିଦ୍ରୋହର ରୂପରେଖ ସମଗ୍ର ଦେଶରେ ଛାଇ ପରି ଖେଳି ଯାଇଥିଲା। ଘୁମସୁର ବିଦ୍ରୋହ ସମାପ୍ତ ଘଟିବା ପରେ ପୁଣିଥରେ କନ୍ଧ ବିଦ୍ରୋହ କଳାହାଣ୍ଡିରେ କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ ଆରମ୍ଭ ହେଲା । ପାରମ୍ପରିକ ପ୍ରଥାର ଉଚ୍ଛେଦ ଓ ଭୂ-ରାଜସ୍ୱ ଆଇନ ବଳରେ ଜମି ଉପରେ ଅତ୍ୟଧିକ ଖଜଣା ଲଗାଯିବା କାରଣରୁ ୧୮୩୭ରୁ ୧୮୫୫ ମସିହା ଯାଏଁ ବିଦ୍ରୋହ ଚାଲିଥିଲା । ଏହି ବିଦ୍ରୋହରେ ଅନେକ ଇଂରେଜ ସେନାଙ୍କୁ ହତ୍ୟା କରାଯାଇଥିଲା । ପ୍ରତିଶୋଧପରାୟଣ ହୋଇ ଇଂରେଜମାନଙ୍କ ଗୁଳିମାଡ଼ରେ ୧୮୫୫ ମସିହା ଡିସେମ୍ବର ୧୦ ତାରିଖରେ ରେଣ୍ଡୋ ମାଝୀ ସହିଦ ହୋଇଥିଲେ । ଗଞ୍ଜାମ ଜିଲାର ନବଘନ କହଁରଙ୍କ ନେତୃତ୍ୱରେ ଆଦିବାସୀଙ୍କୁ ସଂଗଠିତ କରି ବ୍ରିଟିଶ ନୀତି ଓ ଔପନିବେଶିକ ଶାସନ ବିରୋଧରେ ବିଦ୍ରୋହ ହେଲା। ଅନ୍ୟାୟରେ ଜମି ଅଧିଗ୍ରହଣ ଏବଂ ଅତ୍ୟଧିକ ଟିକସ ବ୍ୟବସ୍ଥା ସମେତ ବ୍ରିଟିଶମାନଙ୍କ ଶୋଷଣନୀତି ବିରୋଧରେ ଦୟାନିଧି ଧାରୁଆଙ୍କ ନେତୃତ୍ୱରେ ଆଉ ଏକ ଆଦିବାସୀ ବିଦ୍ରୋହ ଜନ୍ମ ନେଇଥିଲା। ସେହିପରି ଆଉ ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ବରଗଡ଼ ଜିଲ୍ଲା ଅନ୍ତର୍ଗତ ଘେଁସ ଗ୍ରାମର ଜମିଦାର ବୀର ଶହୀଦ୍ ମାଧୋ ସିଂ। ସେ ଥିଲେ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ । ୧୮୫୭ ମସିହାରେ ପ୍ରଥମ ମୁକ୍ତି ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ଡାକରାରେ ମାଧୋ ସିଂ ଆନ୍ଦୋଳନରେ ଯୋଡ଼ି ହୋଇଥିଲେ । କିନ୍ତୁ ସହକର୍ମୀଙ୍କ କୁଚକ୍ରାନ୍ତର ଶିକାର ହୋଇ ମାଧୋ ସିଂ ଗିରଫ ହେଲେ ଏବଂ ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ତାଙ୍କୁ ଫାଶୀ ଦିଆଗଲା । ଏହାର ଦଶବର୍ଷ ପରେ ଅର୍ଥାତ୍ ୧୮୬୮ରେ ଭୂୟାଁ ବିଦ୍ରୋହୀ ରତ୍ନା ନାଏକଙ୍କ ନେତୃତ୍ୱରେ କେଉଁଝରର ଭୂୟାଁ ଆଦିବାସୀମାନେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜ ଓ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ ।

ଏହି ବିଦ୍ରୋହରେ ଭୂୟାଁ, କୋହ୍ଲ ଓ ଜୁଆଙ୍ଗ ଜାତିର ଆଦିବାସୀମାନେ ସାମିଲ ଥିଲେ । ବିଦ୍ରୋହର ସମାପ୍ତ ଘଟି ନଥିଲା, ପୁଣିଥରେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜଙ୍କ ବିରୋଧରେ କେଉଁଝରର ଭୂୟାଁ ଆଦିବାସୀମାନେ ୧୮୯୧ରେ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହରେ ନେତୃତ୍ୱ ନେଇଥିଲେ ଧରଣୀଧର ଭୂୟାଁ । ଇଂରେଜ ଅତ୍ୟାଚାର ବିରୋଧରେ ଆଦିବାସୀ ପ୍ରତିରୋଧ ଆନ୍ଦୋଳନରେ ତମା ଦୋରା ଆଦିବାସୀମାନଙ୍କ ପ୍ରେରଣାର ଉତ୍ସ ପାଲଟିଥିଲେ । ତାଙ୍କ ଉଦ୍ୟମରେ ବ୍ରିଟିଶଙ୍କ ବିରୋଧରେ କୋୟା ବିଦ୍ରୋହ ସୂତ୍ରପାତ ହୋଇଥିଲା । ମାଡ୍ରି କାଲୋ ଆଦିବାସୀ ଆନ୍ଦୋଳନର ଅନ୍ୟଜଣେ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଥିଲେ। ସେହିପରି ଆଦିବାସୀଙ୍କ ଅଧିକାର ଏବଂ ସମ୍ମାନ ପାଇଁ ଯୋଦ୍ଧା ନିର୍ମଳ ମୁଣ୍ଡା ଇଂରେଜ ଶାସନ ବିରୋଧରେ ଯେଉଁ ଆନ୍ଦୋଳନ ଚଳାଇଥିଲେ, ତାହା ଆଦିବାସୀଙ୍କ ସାହସର ପ୍ରତୀକ ବୋଲି ସୂଚେଇ ଦେଉଥିଲା ।

ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ମୃତ୍ୟୁ ପରେ 'କୋର୍ଟ ଅଫ ୱାର୍ଡସ' ଶାସନ ଇଂରେଜ ଅଧୀନରେ ରହିଲା। ଏହାଦ୍ୱାରା ରାଜସ୍ୱ ଆଦାୟ କରିବା ପାଇଁ ସର୍ଦ୍ଦାର, ପ୍ରଧାନ, ମୁଖିଆ ଏବଂ ଛାଟିଆମାନଙ୍କୁ ନିଯୁକ୍ତି ଦିଆଯିବା ଏବଂ ବର୍ଷକରେ ଦୁଇ ତିନି ଥର ରାଜସ୍ୱ ଆଦାୟ କରିବା କାରଣରୁ ୧୯୧୭ ମସିହା ଜାନୁଆରୀ ୧୫ ତାରିଖରେ କଙ୍କା ମାଝୀ ଓ କାଳିଆ ମହାନ୍ତଙ୍କ ନେତୃତ୍ୱରେ 'ସାନ୍ତାଳ ବିଦ୍ରୋହ' ହୋଇଥିଲା। ଚାରିମାସ ବିଦ୍ରୋହ ଚାଲିଲା ପରେ ଅର୍ଥାତ୍ ମଇ ୩ ତାରିଖ ୧୯୧୭ରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ୧୯୩୯ରେ ସୁନ୍ଦରଗଡ଼ ଜିଲା ଗାଙ୍ଗପୁର ଗଡ଼ଜାତ ରାଜ୍ୟରେ ଆଉ ଏକ ଇଂରେଜ ବିରୋଧୀ ବିଦ୍ରୋହର ନେତୃତ୍ୱ ନେଇଥିଲେ ମୁଣ୍ଡା ଜାତିର ଆଦିବାସୀଙ୍କ ମଉଡ଼ମଣି ନିର୍ମଳ ମୁଣ୍ଡା। ଏପ୍ରିଲ ୨୫ରେ ରାଇବୋଗା ନିକଟସ୍ଥ ଆମ୍‌କୋ ସିମ୍‌କୋଠାରେ ନିରସ୍ତ୍ର ଆଦିବାସୀମାନଙ୍କ ଉପରେ ଇଂରେଜମାନଙ୍କ ଦ୍ୱାରା ନିଷ୍ଠୁର ଭାବେ ଗୁଳିଚାଳନା କରାଯାଇ ସଂଗ୍ରାମୀ ଏବଂ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯାଇଥିଲା। ଶୁଣାଯାଏ ଯେ ସେ ବିରଶ ମୁଣ୍ଡାଙ୍କଠାରୁ ଆହୁରି ପ୍ରଭାବଶାଳୀ ଥିଲେ । ୧୯୪୨ ମସିହା ଅକ୍ଟୋବର ୧୦ ତାରିଖ ଦିନ ନୟାଗଡ଼ ଗଡ଼ଜାତ ରାଜ୍ୟର ନୂଆଗାଁଠାରେ ଇଂରେଜ ବିରୋଧୀ ଆନ୍ଦୋଳନ ଯୋଗୁଁ କନ୍ଧ ଯୁବକ କଷ୍ଟି ଡାକୁଆ ସହିଦ ହୋଇଥିଲେ । ଭାରତ ସ୍ୱାଧୀନତା ଆନ୍ଦୋଳନରେ ସହିଦ ଲକ୍ଷ୍ମଣ ନାୟକ ହେଉଛନ୍ତି ଜନଜାତିର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ । ଗାନ୍ଧିଙ୍କ ଡାକରାରେ ୧୯୨୧ରେ 'ଅସହଯୋଗ' ଏବଂ ୧୯୪୨ରେ 'ଭାରତ ଛାଡ଼' ଆନ୍ଦୋଳନକୁ ବ୍ୟାପକ କରିବାରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ।

ଗାଁ ଗାଁ ବୁଲି ଇଂରେଜମାନଙ୍କୁ ସହଯୋଗ ନକରିବାକୁ ଲୋକମାନଙ୍କୁ ବୁଝାଉଥିଲେ । ୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ତାଙ୍କ ନେତୃତ୍ୱରେ ଶତାଧିକ ବିପ୍ଳବୀ ଜନଜାତି ମାଥିଲି ହାଟପଡ଼ିଆରେ ଏକତ୍ର ହୋଇ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇ ସ୍ୱରାଜ୍ୟ ଫେରାଇ ଆଣିବାକୁ ଶପଥ ନେଇଥିଲେ । ଇଂରେଜ ଏବଂ ଆଦିବାସୀ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବାବେଳେ ଅନେକ ଆଦିବାସୀ ସତ୍ୟାଗ୍ରହୀ ଇଂରେଜ ଗୁଳିରେ ସହିଦ ହେଲେ । ୧୯୪୩ ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣଙ୍କୁ ଫାଶୀ ଦିଆଗଲା ଏବଂ ତାଙ୍କର ସହଯୋଗୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଏହିପରି ଭାବରେ ଓଡ଼ିଶାରେ ବିଭିନ୍ନ ସମୟରେ ଆଦିବାସୀ ସ୍ୱାଧୀନତା ଆନ୍ଦୋଳନ ଓ ଗଣବିଦ୍ରୋହକୁ ଇଂରେଜ ଦମନ କରିବାରେ ସଫଳ ହୋଇଥିଲା । ତଥାପି, ଦେଶମାତୃକା ପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କର ପ୍ରାଣ ପ୍ରଚେଷ୍ଟାରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଫିରିଙ୍ଗି ଶାସନ କବଳରୁ ଭାରତ ମୁକ୍ତି ପାଇ ସ୍ୱଶାସନ କରିବାରେ ସୁବର୍ଣ୍ଣ ସୁଯୋଗ ପାଇଥିଲା । ତେଣୁ ଏହି ଦିନଟି ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇ ଦେଇଥାଏ ।

**ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର,**
**ମୋ –୯୩୩୭୪୦୪୨୫୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁସ୍ଥ...

ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରି ନିଜ ଅଭିଭାଷଣରେ କହିଥିଲେ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ । ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମମାନେ ସଠିକ୍ ଭାବେ ତୁଲାଇ ପାରିଥାନ୍ତି , ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ ଯେ ଗଠନମୂଳକ ସମାଲୋଚନା କରିବା ସମ୍ବାଦପତ୍ରର ଦାୟିତ୍ୱ । ତେବେ ଗଠନମୂଳକ ସମାଲୋଚନା ଏବଂ ଏଜେଣ୍ଡା ଚଳାଇବା ଭିତରେ ଏକ ଲକ୍ଷ୍ମଣ ରେଖା ଅଛି । ଏଜେଣ୍ଡା ଚଳାଇବା ପାଇଁ ମିଛ ଖବର କିମ୍ବା ଖବରକୁ ବିକୃତ କରି ପରିବେଷଣ କରାଯାଏ । ମିଛ ଖବର କିଛି ସମୟ ମଧ୍ୟରେ ଜଙ୍ଗଲ ନିଆଁ ପରି ଖୁବ ଶୀଘ୍ର ବ୍ୟାପିଯାଏ, କିନ୍ତୁ ଶେଷରେ ସତ୍ୟର ହିଁ ଜୟ ହୋଇଥାଏ । ପୂର୍ବରୁ ଓଡ଼ିଆ ସାମ୍ବାଦିକତା ଓ ସମ୍ବାଦପତ୍ର ସମାଜର ଦର୍ପଣ ସାଜିବା ସହିତ ଶିକ୍ଷା, ସଂସ୍କାର ଓ ଜାଗରଣର ବାହକ ଥିଲା । କିନ୍ତୁ ଏବେ ସାମାଜିକ ଗଣମାଧ୍ୟମ ଯୁଗରେ ଅନେକ ସମୟରେ ଖବରର ଶୁଦ୍ଧତା, ମନୋରଞ୍ଜନ ଓ ନାଟକୀୟତାରେ ସୀମିତ ହୋଇଯାଉଛି । ଗଣମାଧ୍ୟମ ଅନେକ ସମୟରେ ଦର୍ଶକ ଓ ପାଠକଙ୍କ ସଂଖ୍ୟା ଏବଂ ବ୍ୟବସାୟ ଚାପରେ ଭାଷାର ଶାଳୀନତା ତଥା ନୈତିକତା ହରାଉଛି । ରାଜନୈତିକ ଖବରକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଓଡ଼ିଶାର ଗାଁ, ଖେତ, ସ୍କୁଲ ଆଦି ସମସ୍ୟା ଗୁଡ଼ିକର ଖବର କେଉଁଠି ହଜିଯାଉଛି । ଏହାରି ଉପରେ ଗଭୀର ଭାବେ ଅନୁଶୀଳନ କରିବାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଶିଳ୍ପୋଦ୍ୟୋଗୀ ପୂର୍ଣ୍ଣିମା ଦିବେ ଭାରତର କଷ୍ଟଲବ୍ଧ ସ୍ୱାଧୀନତାକୁ ବୁଝି ନାଗରିକ କର୍ତ୍ତବ୍ୟ ସଠିକ ଭାବେ ନିର୍ବାହ କରିବାକୁ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସମୟ ଲାଇଭ୍ ର ୨୭ ଜଣ ବଛା ବଛା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏକାଡେମୀର ମ୍ୟାନେଜମେଣ୍ଟ ଆଣ୍ଡ ଇନ୍ଫରମେସନ ଟେକ୍ନୋଲୋଜି (ଅମିତ) କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନର୍ସିଂ ସେବା କ୍ଷେତ୍ରରେ ବିଶେଷ ଭୂମିକା ପାଇଁ ଶ୍ରୀମତୀ ବାସନ୍ତୀଲତା ନାୟକ, ଉପନର୍ସିଂ ଅଧିକ୍ଷକ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ କ୍ୟାନସର ଇନ୍ଷ୍ଟିଚ୍ୟୁଟ କଟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମୟର ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମୟର ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା, ସମୟ ଲାଇଭ୍ ର ଜେନେରାଲ ମ୍ୟାନେଜର ଶୁଭେନ୍ଦ୍ର ପଟ୍ଟନାୟକ, ସମୟର ଜିଏମ୍ ଫାଇନାନ୍ସ ବିଜନ ପାଢ଼ୀ, ବାର୍ତ୍ତା ସମ୍ପାଦକ ଶାରଦା ଦେବତା, ପଶ୍ଚିମ ଓଡ଼ିଶା ସଂସ୍କରଣ ମୁଖ୍ୟ ସତ୍ୟସୁନ୍ଦର ଭଞ୍ଜଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ...

ପୁନର୍ଗଠନ କଥା ରାଜସ୍ୱ ବିଭଗ ପାଖକୁ ପଠାଯାଇଛି । ଅପେକ୍ଷା ନ କରି ସମୂହ ଛୁଟି ଗ୍ରହଣୀୟ ନୁହେଁ । ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ । ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ । କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ । ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ । ତେଣୁ ସମୂହ ଛୁଟିରୁ ଓହରିବାକୁ ମୁଁ ନିବେଦନ କରୁଛି ।

## ପଞ୍ଚାୟତ...

କାମ ନ ହେବ ଉନ୍ନତି ନ ହେବ, ସେତେବେଳେ ସ୍ୱର ଉଠିବ । ୨୦୩୬ ଏବଂ ୨୦୪୭ ମସିହାରେ ଓଡ଼ିଶା ବହୁ ଆଗରେ ରହିବ । ଓଡ଼ିଶାର ସାମଗ୍ରିକ କ୍ଷେତ୍ରରେ ଉନ୍ନତି ହେବ ।

କରୋନା ସମୟରେ ସରପଞ୍ଚଙ୍କୁ ଜିଲ୍ଲାପାଳ କ୍ଷମତା ଦିଆଯାଇଥିଲେ ବି ସେମାନେ ଜିଲ୍ଲାପାଳ ହୋଇପାରି ନଥିଲେ । ପୂର୍ବ ସରକାର ସମୟର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆମେ ଦେଖିଛୁ । ପୂର୍ବ ସରକାର ଏମିତି ସେମାନଙ୍କୁ ଅବସ୍ଥା କଲେ, ଗ୍ରାମ ସଭା କିମ୍ବା ପଲ୍ଲୀ ସଭା ହୋଇପାରିଲା ନାହିଁ ।

## ୩୮ ମଡେଲ...

ରହିବେ । ଅଧସ୍ତନ କାର୍ଯ୍ୟାଳୟସ୍ଥିତ କନିଷ୍ଠ ସହାୟକଙ୍କୁ ମୂଳ ପଦବୀ ସଂଖ୍ୟାରେ ୮୦% ସିଧାସଳଖ ନିଯୁକ୍ତି ମାଧ୍ୟମରେ ଓ ୨୦% ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ । ଓଡ଼ିଶା ନର୍ସିଂ ଏଜୁକେସନ୍ ସର୍ଭିସ୍ ୨୦୨୫ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହା ଗଠନ ହେବାଦ୍ୱାରା ଓଡ଼ିଶା ନର୍ସିଂ ଶିକ୍ଷା ସେବା କ୍ୟାଡରରେ ଖାଲି ପଡିଥିବା ମୂଳ ପଦବୀଗୁଡ଼ିକ ପୂରଣ କରାଯାଇପାରିବ । ଭୁବନେଶ୍ୱର ବିମାନ ବନ୍ଦର ଏମ୍ଆର୍‌ଓ ସ୍ଥାପନକୁ ମଞ୍ଜୁରୀ ମିଳିଛି । ଏହା ପୂର୍ବ ଭାରତର ପ୍ରଥମ ବଡ ଏମ୍ଆର୍‌ଓ କେନ୍ଦ୍ର ହେବ । ଏହି ପ୍ରକଳ୍ପ ସରକାରଙ୍କ ବି-ମାନ ଯୋଜନାର ଅଂଶ । ୨୦୨୨ ଅନୁସାରେ ସ୍ୱତନ୍ତ୍ର ପ୍ୟାକେଜ୍ ଅଫର କରାଯାଇଛି । ମେସର୍ସ ଏୟାର ୱାର୍କ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି । ବିଶ୍ୱ ଏମ୍ଆର୍‌ଓ ବଜାରରେ ୨୦୩୧ ସୁଦ୍ଧା ୧୧୭ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

ସମ୍ବଲପୁର, ହୀରାକୁଦ, ବୁର୍ଲାକୁ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ପାଇଁ ୩୮୨.୪୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏମ୍ଏସ୍‌ଇନ୍ଫ୍ରା ଇଣ୍ଡିଆ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେବ । ଏଥିରେ ୧୧୦ ଏମ୍ଏଲ୍‌ଡି କ୍ଷମତାର ଏକ ଜଳ ଗ୍ରହଣ କୁଅ ଓ ୬୫ ଏମ୍ଏଲ୍‌ଡି, ୩୫ଏମ୍ଏଲ୍‌ଡି କ୍ଷମତାର ଦୁଇଟି ଜଳ ସୁଦ୍ଧିକରଣ କେନ୍ଦ୍ର ନିର୍ମାଣ ହେବ ।୨୦୨୭ ଅଗଷ୍ଟ ୩୧ ସୁଦ୍ଧା ଏହି କାର୍ଯ୍ୟ ସରିବ । ୧୧୦ ସହରରେ ଏଲଇଡି ରାସ୍ତା ଆଲୋକ ପ୍ରକଳ୍ପ ପାଇଁ ଓଡ଼ିଶା ନଗର ଭିତ୍ତିଭୂମି ପାଇଁ ଉନ୍ନୟନ ପାଣ୍ଠିରୁ ୨୦୦ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ କରାଯାଇଛି । ୬ଟି ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି । ରାଜ୍ୟ ସଂଗ୍ରହାଳୟର ବ୍ୟବସ୍ଥାପନା ଓ ସମନ୍ୱୟ ପାଇଁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଗଠନ ପରେ ଓଡ଼ିଶା ମ୍ୟୁଜିୟମ୍ କ୍ୟୁରେଟୋରିଆଲ ସର୍ଭିସେସ୍ ରୁଲ୍ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହା ରାଜ୍ୟର ସଂଗ୍ରହାଳୟଗୁଡ଼ିକରେ ସୁପରିଚାଳନା ଆଣିବ ।

## ବିହାର...

ଆଧାରକୁ ନାମ ଦର୍ଜ କରିବା ପାଇଁ ଏକ ବୈଧ ତଥ୍ୟ ଭାବେ ଗ୍ରହଣ କରାଯାଇଛି । ଯଦି ଏହାକୁ ଗ୍ରହଣ କରାନଯାଏ ଆମେ ସମସ୍ତେ ବାଦ୍ ପଡିଯିବା । ୨୦୦୩ରୁ ୨୦୨୫ ମଧ୍ୟରେ ଯେଉଁମାନଙ୍କ ନାଁ ଭୋଟର ତାଲିକାରେ ଅଛି, ସେମାନେ ମଧ୍ୟ ବାଦ୍ ପଡିପାରନ୍ତି । ୨୦୦୩ରେ ଏସ୍ଆଇଆର୍ ହୋଇଥିଲା । ଲୋକସଭା ନିର୍ବାଚନର ବର୍ଷକ ପୂର୍ବରୁ ତାହା କରାଯାଇଥିଲା । ବିହାରରେ ଜୁଲାଇରେ କାହିଁକି କରାଯାଉଛି । ୨୦୨୬ରେ ଅରୁଣାଚଳ ନିର୍ବାଚନ ଥିଲେ ବି, ସେଠି ଆରମ୍ଭ ହୋଇନାହିଁ । ଏସ୍ଆଇଆର୍ ୨୦୦୩ରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଂଶୋଧନ କରିଥିଲା । ବିହାରରେ ଅକେଟୋବରରୁ ନଭେମ୍ବର ମଧ୍ୟରେ ବିଧାନସଭା ନିର୍ବାଚନ ହେବ । ନିର୍ବାଚନ କମିଶନ ଏବେ ଅଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ସେଥିରେ ଅଣନାଗରିକଙ୍କ ପ୍ରବେଶକୁ ରୋକାଯାଇଛି ।

## ରାଜନଗର...

ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଗତକାଲି ମୁଖ୍ୟ ଅଭିଯୁକ୍ତ ପିଇଶା ଚିତ୍ତ ରଞ୍ଜନ ମଲିକ ଓରଫ ହାପି ଙ୍କୁ କୋର୍ଟ ଚାଲାଣ କରିଥିଲା । ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପବିତ୍ର ରାଖୀ ପୂର୍ଣ୍ଣିମା ଶନିବାର ଦିନ ଅପରାହ୍ନ ୫ ଘଟିକା ସମୟରେ ନିଜର ପିଇଶା ସହ ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଓଡପଦାକୁ ବାହାରିଥିଲେ। ଓଡପଦା ନେବା ପରିବର୍ତ୍ତେ କୁଦୁପୁର ମସାଣିକୁ ଥିବା ମାଟି ରାସ୍ତାରେ ଥିବା ନିଛାଟିଆ ସ୍ଥାନରେ ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ପିଇଶା ନିଜ ଝିଆରୀକୁ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ବିରୋଧ କଲେ ମଧ୍ୟ ପିଇଶା ଶୁଣିନଥିଲେ। ପୀଡ଼ିତା ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଆସି ନାବାଳିକା ଓ ପିଇଶାର ନଗ୍ନ ଫଟୋ ଉଠାଇବା ସହିତ ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏହି ୪ ଯୁବକ ପୀଡିତଙ୍କୁ ଟଣା ଓଟରା କରି , ମାଡ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏତଲାରେ ଉଲ୍ଲେଖ କରିଛନ୍ତି ।

## ତେଲେଙ୍ଗାନାରେ...

ପ୍ରକାଶ ପାଇଥିଲା । ଗ୍ରାମବାସୀ ବିଜେଡି ଓ କଂଗ୍ରେସ ସହ ଅନ୍ୟକିଛି ରାଜନୈତିକ ଦଳ ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବି କରି ଉମରକୋଟ-ନବରଙ୍ଗପୁର ରାଜପଥକୁ ଅବରୋଧ କରିଥିଲେ । ତେବେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ଏଲ୍‌ଓସିରେ...

ଗୁଳି ଗୋଳା ବିନିମୟ ସହାୟତାରେ ଏହି ଅନୁପ୍ରବେଶ ଉଦ୍ୟମ କରାଯାଇଥିଲା । ପାକିସ୍ତାନର ବର୍ଡର ଆକ୍ସନ ଟିମ୍ ଏହି ଉଦ୍ୟମକୁ ପ୍ରୋତ୍ସାହନ ଯୋଗାଇଥିଲା । ତେବେ ଏହାର ଜବବା ଦେବାକୁ ଯାଇ ଜଣେ ସୈନିକ ମୃତ୍ୟୁବରଣ କରିଛନ୍ତି । ତେବେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି । ଖରାପ ପାଣିପାଗ ଯୋଗୁ ଅନ୍ୟମାନେ ଖସି ଯାଇଛନ୍ତି । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ପକ୍ଷରୁ ପ୍ରଥମ ଥର ଲାଗି ନୂଆ ଧରଣର ଉଦ୍ୟମ କରାଯାଇଛି । ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଅପରେସନ୍ ସିନ୍ଦୂର ମାଧ୍ୟମରେ ଦୃଢ଼ ଜବାବ ଦେଇଥିଲା । ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂଶ କରାଯାଇଥିଲା । ବାରମୁଲା ଜିଲ୍ଲାରେ ଥିବା ନିୟନ୍ତ୍ରଣ ରେଖାରେ ଅପରେସ୍‌ନାଲ୍ ଡ୍ୟୁଟିରେ ଥିବା ସାହସୀ ସିପାହୀ ବାନୋତ୍ ଅନିଲ କୁମାର ସହିଦ ହୋଇଛନ୍ତି । ସେନାର ଚିନାର କର୍ପସ ଟ୍ୱିଟରରେ ଦର୍ଶାଇଛନ୍ତି ଯେ ଗଭୀର ଦୁଃଖ ପ୍ରକାଶ କରାଯାଉଛି । ତାଙ୍କର ବିଶାଳ ସାହାସ ଏବଂ ବଳିଦାନକୁ ସଲାମ । ଗଭୀର ସମବେଦନା ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ସହ ଠିଆ ହୋଇଛୁ ।

## ରାହୁଲଙ୍କ...

ବିଜେପି ନେତାଙ୍କ ଠାରୁ ସେ ଦୁଇଥର ଚେତାବନୀ ପାଇଛନ୍ତି । ଜଣେ କେନ୍ଦ୍ରମନ୍ତ୍ରୀ ରଭନୀତ୍ ସିଂ ବିଟୁ ତାଙ୍କୁ ଦେଶର ଏକନମ୍ବର ଆତଙ୍କବାଦୀ ବୋଲି କହିଥିବା ବେଳେ ଅନ୍ୟତମ ବିଜେପି ନେତା ତରବିନ୍ଦର ସିଂ ତାଙ୍କୁ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି । ସାତ୍ୟକୀ ପୂର୍ବରୁ ଗାନ୍ଧିଙ୍କ ନାମରେ ଫୌଜଦାରୀ ମାନହାନି ମୋକଦ୍ଦମା ଦାଏର କରିଛନ୍ତି ।

# 'ସାଇତା ସତ' ପୁସ୍ତକ, 'ବେହାଲ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ



ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ଯୁଗଳବନ୍ଦୀ ଡ଼ ଅରୁଣ କୁମାର ସାହୁଙ୍କ ସଂପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ୍ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ୍ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗ ଦେଇଥିଲେ । ପ୍ରକାଶକ ବିଜୟ ମହାପାତ୍ରଙ୍କ ବି. କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାରକଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ, ତାହା ଉପସ୍ଥାପିତ ହୋଇଛି । ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଡ଼ ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି । କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି ଦୁନିଆର ପ୍ରଖ୍ୟାତ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଉପଭୋଗ କରିଥିଲେ । ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଡ଼ ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ୍ ସନ୍ଧ୍ୟା ୬.୧୮ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭.୩୩ରେ ଶେଷ ହେବାକୁ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

# ସଂସ୍କୃତ ସପ୍ତାହ ସମାରୋହ ଉତ୍ସବ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ହାୟାର ସେକେଣ୍ଡାରୀ ସ୍କୁଲର ସଂସ୍କୃତ ସପ୍ତାହ ସମାରୋହ ଉତ୍ସବ ପାଳିତ ହୋଇଯାଇଛି । ଅଧକ୍ଷା ଡଃ ମନ୍ଦାକିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶେଖାଓ୍ୱତ ଅଲ୍ଲୀ ସଂଯୋଜନା ଏବଂ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ପ୍ରମୁଖ ସଂସ୍କୃତ ଭାଷା ଏବଂ ସଂସ୍କୃତି ବିଷୟରେ ପିଲାମାନଙ୍କୁ ଉପଦେଶ ମୂଳକ ଗୁରୁ ଗମ୍ଭୀର ଭାଷଣ ପ୍ରଦାନ କରିଥିଲେ । ଗ୍ରାମଠାରୁ ସହର, ପ୍ରତି ଶିକ୍ଷାନୁଷ୍ଠାନ ଏବଂ ବୁଦ୍ଧିଜୀବି ମାନଙ୍କ ମାଧ୍ୟମରେ ସଫଳତାର ସହିତ ପ୍ରସ୍ତର ପ୍ରସାର ହେଲେ ସଂସ୍କୃତ ଭାଷା ଉଚ୍ଚ ସ୍ତରରେ ସୋପାନରେ ପହଞ୍ଚି ପାରିବ । ସଂସ୍କୃତ ଭାଷା ଏବଂ ସଂସ୍କୃତିର ନୀତି ଆଦର୍ଶକୁ ନେଇ ବିଦ୍ୟାଳୟରୂପୀ ମଣିଷ ତିଆରି କାରଖାନାରେ ପିଲାଙ୍କୁ ମାଜି ମାଜି ଅଳିଆ ଗୁଡ଼ିକ ସଫା କରି ପରିଶୋଧନ କରିପାରିଲେ ଉଚ୍ଚସ୍ତରର ମର୍ଯ୍ୟାଦା ସଂପନ୍ନ ଛାତ୍ରଛାତ୍ରୀ ଗଢ଼ାଯାଇ ପାରିବ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ ୫ ଏହି ସଭାରେ ବାଲ୍ମୀକି, ବ୍ୟାସଦେବ ଏବଂ ସଂସ୍କୃତି ବିଷୟରେ ପ୍ରତିଯୋଗିତାରେ ଭାଗ ନେଇ ବିଜେତା ହୋଇଥିବା ୯ (ନଅ) ଜଣ ଛାତ୍ରଛାତ୍ରୀଙ୍କ ସହ ଆମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ପ୍ରମୁଖ ଅଧ୍ୟାପକ ଯାମିନୀକାନ୍ତ ଗିରି ଏବଂ ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରାଙ୍କୁ ଅଧ୍ୟକ୍ଷା ମହୋଦୟା ଗୀତା ଗ୍ରନ୍ଥ ପୂର୍ବକ ସମ୍ମାନିତ କରିଥିଲେ ଏବଂ ଶାନ୍ତିପାଠ ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ସହଯୋଗ କରିଥିଲେ ।

# ଅସରାଏ ବର୍ଷାରେ ବଜାର ରାସ୍ତାର ଅବସ୍ଥା ବେହାଲ

ବାହାନଗା, (ସବୁ୍ୟ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଖନ୍ତାପଡ଼ା ବଜାର ରେ ଅସରାଏ ବର୍ଷାରେ ଅଟକି ରହିଛି ଆଣ୍ଠୁଏ ପାଣି ।ଏହି ବଜାରଟି ଜାତୀୟ ରାଜପଥ ନିକଟରେ ହୋଇଛି ।ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି ।ଏପରିକି ଏହି ରାସ୍ତା ଦେଇ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଲୋକେ ଯାଉଛନ୍ତି ।ବସ ଷ୍ଟପରୁ ଲୋକେ ଓହ୍ଲାଇବା ପରେ ଏହି ରାସ୍ତାରେ ପାଦ ପକାଇ ଅର୍ଥାତ ଏହି ଜଳରେ ପାଦ ବୁଡାଇ ରାସ୍ତା ପାରି ହୋଇଥାନ୍ତି । ପ୍ରତ୍ୟେକ ଦିନ ଅନ୍ୟୁନ ୫ହଜାର ରୁ ଅଧିକ ଲୋକ ଯାତାୟତ କରୁଛନ୍ତି । ମାତ୍ର କାହାରି ଶୁଭ ଦୃଷ୍ଟି ପଡୁନାହିଁ । ଯଦି କୌଣସି ଗାଡି କ୍ଷିପ୍ର ବେଗରେ ଏହି ରାସ୍ତା ଦେଇ ଯାତାୟତ କରନ୍ତି ଅଟକି ରହିଥିବା ମଇଳା ପାଣି ନିକଟରେ ବସିଥିବା ଉଠା ଦୋକାନୀ ଭାଇଙ୍କ ଉପରେ ପଡେ ।ନାଁ କାହାରିକି କିଛି କହିହେବ ନାଁ କିଛି ପଦକ୍ଷେପ ନେଇହେବ । ତେଣୁ ଉଠା ଦୋକାନୀ ମାନେ ଭାଗ୍ୟ କୁ ଆଦରି ଚୁପ ରାହୁଛନ୍ତି । ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏହି ମଇଳା ଜଳ ନିଷ୍କାସନ ହୋଇ ପାରୁନଥିବା ଜଣା ପଡ଼ିଛି ।ତେବେ ଘଟଣା ବାବଦରେ ଆମେ ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ମତାମତ ନିଆଯାଇ ଥିଲେ ମଧ୍ୟ ମୋବାଇଲ ରିସିଭ କରିନଥିଲେ ।ତେବେ ଜିଲ୍ଲା ପ୍ରଶାସନ ଘଟଣାଟିକୁ ଗୁରୁତର ସହ ନେଇ ରାସ୍ତାଟିକୁ ମରାମତି କରିବା ସହିତ ଡ୍ରେନେଜ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ୨୧ ଜୀବିତ ମହିଳାଙ୍କୁ ମୃତ ଦର୍ଶାଇଲା ସୁଭଦ୍ରା ପୋର୍ଟାଲ

ସାକ୍ଷୀଗୋପାଳ ,(ସବ୍ୟୁ): ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସୁଭଦ୍ରା ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକରେ । ୨୧ ଜଣ ମହିଳା ହିତାଧିକାରୀ ଜୀବିତ ଅଛନ୍ତି । ମାତ୍ର ଏହି ମହିଳା ମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଅଛି ।ଏହି କାରଣରୁ ଏହି ୨୧ଜଣ ମହିଳା ସୁଭଦ୍ରା ଯୋଜନା ସହାୟତା ପାଇ ପାରି ନାହାନ୍ତି । ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁ ନଥିବା ଏହି ମହିଳା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ଗଙ୍ଗାଧର ମିଶ୍ରଙ୍କ ସ୍ତ୍ରୀ ପ୍ରତିମା ମିଶ୍ର ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ପାଇଥିଲେ । ମାତ୍ର ସୁଭଦ୍ରା ଦ୍ୱିତୀୟ କିସ୍ତି ସରକାର ଛାଡିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ରେ ସୁଭଦ୍ରା ଟଙ୍କା ଆସି ନ ଥିଲା । ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିବାରୁ ତାଙ୍କୁ ମୃତ ଦର୍ଶାଯାଇ ତାଙ୍କୁ ଉକ୍ତ ଯୋଜନାରୁ ବାଦ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ । ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ । ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳି ନାହିଁ ଅଭିଯୋଗ କରିଛନ୍ତି । ସେହିପରି ଅଞ୍ଜଳି ପ୍ରଧାନ, ପେଣ୍ଠପଡା ପଞ୍ଚାୟତ ବାସୁକେରା ଗ୍ରାମ, ସିପ୍ରା ସାହୁ ସାରା ଶାସନ ପଞ୍ଚାୟତ ଓ ନିବେଦିତା ପ୍ରଧାନ, ପେଣ୍ଠପଡା ପଞ୍ଚାୟତ ନିବାସୀ ସ୍ଥାନୀୟ ମହିଳା,ହିତାଧିକାରୀ ମଧ୍ୟ ଏହି ମୃତ କାରଣରୁ ସୁଭଦ୍ରା ଦିତୀୟ କିସ୍ତି ପାଇ ପାରି ନାହାନ୍ତି । ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖି ମୁଠି ଅନୁକୂଳ ଏହି ସ୍ୱତନ୍ତ୍ର ଉତ୍ସ ।ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କୁ ସେ ଏ ସମ୍ପର୍କରେ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ହିତାଧିକାରୀ ମାନେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । । ଏହା ମଧ୍ୟରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଅଛି । ଏହି ମହିଳା ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବା ବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କୁହନ୍ତି ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗ ରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଅଛି ବୋଲି ସିଡିପିଓ କାର୍ଯ୍ୟାଳୟ ତରଫରୁ ସୂଚନା ଦେଇଛନ୍ତି । ଏ ସମ୍ପର୍କ ରେ ସି ଡି ପି ଓ ରାଜଲକ୍ଷ୍ମୀ ଦାସଙ୍କ ସହିତ ଯୋଗାଯୋଗ କରା ଯାଇଥିଲା ।ସି ଡି ପି ଓ ଶ୍ରୀମତୀ ଦାସ କହିଥିଲେ, ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇ ସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି । ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ଆମେ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରା ଯାଇଥିଲା । ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବା ବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଅଛି । ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।ଖୁବ ଶୀଘ୍ର ସଂଶୋଧନ କରାଯିବା ସହ ବାଦ ପଡ଼ିଥିବା ଏହି ମହିଳା ହିତାଧିକାରୀ ମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ସୁଭଦ୍ରା ସହାୟତା ଅର୍ଥ ପ୍ରଦାନ କରାଯିବ ।

**AFFIDAVIT**

I, Lohiya Nilofar Mansurbhai, W/O- Shabbir Halari resident of Jobra, Jamal Basti, College Square, Cuttack, Odisha, Pin-753003 declare by this affidavit No- 1821, dtd. 12.08.2025 that now onwards I shall be known as **Nilofar Halari** for all future purposes.

Sd/- **Nilofar Halari**

**AFFIDAVIT**

**I, LIPIKA PATTNAYAK, W/O-SOUBHAGYA KUMAR PATTANAIK, NEAR OMC GUEST HOUSE, JAJPUR ROAD, JAJPUR - 755019, ODISHA DECLARE BY THIS AFFIDAVIT NO-37218, dt 13.08.2025 THAT NOW ONWARDS I SHALL BE KNOWN AS LIPIKA PATTNAIK FOR ALL FUTURE PURPOSES.**

**AFFIDAVIT**

By virtue of an affidavit sworn before Executive Magistrate, Jagatsinghpur, Sl. No 1165, Dt. 13.08.2025 I, Mitali Chakrabarty, aged about 37 years, W/o Pradip Kumar Chakravarty Address Village : Madhapur, PO/Ps/ Dist- Jagatsinghpur, 754103 Declare that I have changed the name of my Son from **Jaydip Chakrabaty (old name) to Jayadip Chakrabarty (new Name).** Henceforth He shall be known as **Jayadip Chakrabarty (new Name)** for all purposes.

**(Mitali Chakarbarty)**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.08.2025 I ES JYOTI REDI Address AT-Suka VIHAR, PO-BHOI NAGAR, PS-SAHEED NAGAR, DIST-KHORDHA, PIN-751022, ODISHA declare that I have changed my name from ES JYOTI REDI to JAYANTI REDDY. Henceforth, I shall be known as JAYANTI REDDY for all purposes.

**(JAYANTI REDDY)**

**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ :

(1) ମଞ୍ଚେଶ୍ୱର - Mix(2-cum-4 ଚକିଆ) (ପରିଚାଳନ କ୍ଷେତ୍ରରେ), (2) ଖୋର୍ଦ୍ଧା ରୋଡ୍ - Mix (2-cum-4 ଚକିଆ) (ପୂର୍ବ ପ୍ରବେଶ ପାର୍ଶ୍ୱ), (3) ନିରାକାରପୁର - Mix(2-cum-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ) ।

ନିଲାମ ଆରମ୍ଭ ହେବା ତାରିଖ : ତା.21.08.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା.22.08.2025ରିଖ (କ୍ରମ ସଂ. 2 ଏବଂ 3 ପାଇଁ) । ଆରମ୍ଭ ସମୟ : 1100 ଘଟିକା (କ୍ରମ ସଂ. 1, 2 ଏବଂ 3 ପାଇଁ) ।

ନିଲାମ ବନ୍ଦ ହେବା ତାରିଖ : ତା.21.08.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା.22.08.2025ରିଖ (କ୍ରମ ସଂ. 2 ଏବଂ 3 ପାଇଁ) । ବନ୍ଦ ସମୟ : 1130 ଘଟିକା (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 1140 ଘଟିକା (କ୍ରମ ସଂ. 3 ପାଇଁ) ।

ଟିପ୍ପଣୀ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-471/Q/25-26

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ସିନିୟର ଡିଏସ୍‌ଟିଇ/ସିଟେପି ତଳ ସୂଚିତ ଟେଣ୍ଡର ନଂ ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୦୩.୦୯.୨୦୨୫ ଅପରାହ୍ଣ ୧୫.୦୦ ଘଟିକାରେ ଖୋଲାଯିବ । ଟେଣ୍ଡର ନୋଟିସ ନଂ : ଏସ୍‌ଟି-ସିକେପି-ଓଟି-୨୫-୨୬-୫୬, କାର୍ଯ୍ୟର ନାମ : ଚକ୍ରଧରପୁର ଡିଭିଜନର ଡିଜିଟାଲ ଆକ୍ସଲ କାଉଣ୍ଟର ସହିତ ଲେଗ୍ୟାସିର ଆନାଲଗ ଏକ୍ସଲ କାଉଣ୍ଟର ର ପରିବର୍ତ୍ତନ । ଟେଣ୍ଡର ମୂଲ୍ୟ : ଟ. ୩,୯୨,୪୩,୩୮୧.୭୧, ଅମାନତ ଅର୍ଥ : ଟ. ୩,୪୮,୨୦୦.୦୦, ସମାପ୍ତି ସମୟ : ୧୫ ମାସ । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ସବିଶେଷ ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ମାଗଣାରେ ଇସ୍ୟୁ କରାଯିବ । (PR-520)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER**
National Health Mission (NHM), Dhenkanal
Health & Family Welfare Department, Govt. of Odisha
E-313
Letter No. 3348 / Date : 12.8.25

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

CONTRACTUAL RECRUITMENT

Walk-in-Interview for Super Specialist / Specialist Doctors is going to be conducted at the O/o the CDM & PHO, Dhenkanal. For detailed information please log on to www.dhenkanal.odisha.gov.in

Sd/-
CDM & PHO-cum-DMD, Dhenkanal

OIPR : 10059/11/0020/2526

C-866 ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି By Speed Post / e-Mail / WhatsApp

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Phono No.: 06815-222052 e-Mail: parala.mply@gmail.com

Letter No.: 2600 Date: 12.08.2025

QUOTATION CALL NOTICE

Sealed quotations paper is invited from registered suppliers having GST certificate for Conducting Ward level wall painting on IEC activities relating to "Aaingata Safei Surakshit Safei" & other sanitation theme for wide awareness of ward habitants. The tender paper can be available on payment of Rs.3000/- (Rupees Three Thousand) only (non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of Cash. The prescribed bid documents & related terms condition need to be purchased from office from date. 12.08.2025 to 19.08.2025 during office hours by paying cash / DD. The last date of receipt of quotation is 20.08.2025 by 2.00 P.M & the same will be opened on date 20.08.2025 at 4.00 P.M in this office by the under signed in presence of Quotation or their authorized representatives if any. Up to date GST/IT clearance certificate should be accompanied with quotation failing which the quotations are liable for rejection.

Quotation incomplete in any respect/received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

Yours Faithfully
Sd/- Executive Officer
Parlakhemundi Municipality

OIPR : 13145/11/0036/2526

ଭାରତୀୟ କ୍ରୀଡ଼ା ପ୍ରାଧିକରଣ
**SPORTS AUTHORITY OF INDIA**
ଭାରତ ସରକାର / **GOVERNMENT OF INDIA**
କ୍ରୀଡ଼ା ବିଭାଗ/ **DEPARTMENT OF SPORTS**
**(An Autonomous Body under Ministry of Youth Affairs and Sports)**
(ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂକ୍ରିୟ ସଂସ୍ଥା)

ଏଫ୍.ନଂ.-୦୧-୦୪୦୦୧(୦୧)/୩/୨୦୨୫-ଏଚ୍‌ଓ-ପର୍ସୋନେଲ ଡିଭିଜନ ତାରିଖ : ୨୪.୦୭.୨୦୨୫

ବିଜ୍ଞପ୍ତି

ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ ସହାୟକ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ୪୮ ନିୟମିତ ସହାୟକ ପଦବୀ (ଅସଂରକ୍ଷିତ-୨୨, ଇଡବ୍ଲୁଏସ୍-୦୪, ଓବିସି-୧୨, ଏସ୍‌ସି-୦୭, ଏସଟି-୦୩) (ଦିବ୍ୟାଙ୍ଗ-୦୨) ପାଇଁ ଅନ୍‌ଲାଇନ୍ ଆବେଦନ ପତ୍ର ଆହ୍ୱାନ କରୁଛନ୍ତି । ଖାଲି ପଡିଥିବା ପଦବୀଗୁଡିକ ପାଇଁ ୧:୫ ପ୍ରତି କ୍ୟାଟେଗୋରି (ୟୁଆର:ଇଡବ୍ଲୁଏସ୍/ଓବିସି/ଏସ୍‌ସି/ଏସ୍‌ଟି/ଦିବ୍ୟାଙ୍ଗ) ର ଅନୁପାତରେ ଏସ୍‌ଏସ୍‌ସି ସିଜିଏଲ୍ ୨୦୨୪ ପବ୍ଲିକ ଡିସ୍କ୍ଲୋଜର ଲିଷ୍ଟ (ପିଡିଏଲ୍)ରେ ତାଲିକାଭୁକ୍ତ ହୋଇଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇ ନିଯୁକ୍ତି ପରୀକ୍ଷା ପରିଚାଳନା କରାଯିବ ।

ଯୋଗ୍ୟତା ମାନଦଣ୍ଡ :

୧. ଶିକ୍ଷାଗତ ଯୋଗ୍ୟତା : ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନ/ଆଇସିଡବ୍ଲୁଏ/ଆଇସିଏଆଇ ରୁ ଆକାଉଣ୍ଟସ୍/କମର୍ସ/ଅର୍ଥଶାସ୍ତ୍ରରେ ସ୍ୱୀକୃତିପ୍ରାପ୍ତ କିମ୍ବା ଏକ ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ ରୁ ସ୍ନାତକ ଡିଗ୍ରୀ କିମ୍ବା ତତୁଲ୍ୟ କିମ୍ବା ସ୍ନାତକ ଡିଗ୍ରୀ ଅଥବା ତତୁଲ୍ୟ ।
୨. ବୟସ ସୀମା : ଅନଲାଇନ ଆବେଦନ ପତ୍ର ଦାଖଲର ଖୋଲା ତାରିଖ ସୁଦ୍ଧା ୩୦ ବର୍ଷରୁ ଅଧିକ ହୋଇ ନଥିବ । ଭାରତ ସରକାରଙ୍କ ଗାଇଡ୍ ଲାଇନ ଡବ୍ଲୁଆରଟି ରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସମୟକୁ ସମୟ ଇସ୍ୟୁ ହୋଇଥିବା ଡିଓପିଟି ଓଏମ୍‌ଏସ୍ ଅନୁଯାୟୀ ବିଭିନ୍ନ କ୍ୟାଟେଗୋରୀ ସକାଶେ ସଂରକ୍ଷଣ ଲାଗୁ ହେବ ।
୩. ପ୍ରବରଣ : ପବ୍ଲିକ ଡିସ୍କ୍ଲୋଜର ଲିଷ୍ଟ ରେ ଏସ୍‌ଏସ୍‌ସି ସିଜିଏଲ ୨୦୨୪ ସ୍କୋର କରିଥିବା ପ୍ରାର୍ଥୀଙ୍କ ମେରିଟ୍ ଲିଷ୍ଟ ପ୍ରସ୍ତୁତ କୁ ଭିତ୍ତି କରି ।
୪. ବେତନ ହାର : ପେ ମାଟ୍ରିକ୍ସ ଲେଭଲ-୦୬ (ସପ୍ତମ ସିପିସି ଅନୁଯାୟୀ)
୫. ଦିବ୍ୟାଙ୍ଗ ସଂରକ୍ଷଣ : ବେଞ୍ଚ ମାର୍କ ଅକ୍ଷମତା (ଦିବ୍ୟାଙ୍ଗ ପାଇଁ ହରିଜେଣ୍ଟାଲ ସଂରକ୍ଷଣ ଅଧୀନରେ ୦୨ ପଦବୀ ସଂରକ୍ଷଣ ରହିଛି) ।

- ଗୁରୁତ୍ୱପୂର୍ଣ୍ଣ : ଆବେଦନ ପତ୍ର ଦାଖଲ କରିଦେଲେ ଏହାକୁ କେବଳ ଆମନ୍ତ୍ରଣ ବୋଲି ଚୂଡାନ୍ତ ଚୟନ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଖାଲି ପଡିଥିବା ପଦବୀ ଏବଂ ମେରିଟ୍‌କୁ ଭିତ୍ତିକରି ଅଫର ଲେଟର ଇସ୍ୟୁ କରାଯିବ ।
- ସବିଶେଷ ବିବରଣୀ ଓ ଦରଖାସ୍ତ ପାଇଁ : ଦେଖନ୍ତୁ https://sportsauthorityofindia.nic.in
- ଅଧିକ ଜାଣିବା ପାଇଁ ଇମେଲ : recruitment.cell.sai@gov.in
- ସାଇ ୱେବସାଇଟରେ ଶେଷ ତାରିଖ ଓ ବିଜ୍ଞପ୍ତିର ସବିଶେଷ ବିବରଣୀ ପ୍ରକାଶିତ ହୋଇଅଛି ।

cbc47103/12/0004/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଟଙ୍କା ମାଗି ନିଲମ୍ବିତ ହେଲେ ଏଏସଆଇ
# ୨ ଫେରାର, ନାବାଳକ ଗିରଫ

ଭଦ୍ରକ/ଧାମନଗର, (ସବ୍ୟୁ): ଅପହରଣର ୫୫ଦିନ ପରେ ଉଦ୍ଧାର ହେଲେ ନାବାଳିକା ଛାତ୍ରୀ କିନ୍ତୁ ନାବାଳିକା ଉଦ୍ଧାର ପାଇଁ ତଦନ୍ତକାରୀ ଅଧିକାରୀ ଟଙ୍କା ମାଗିବା ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମାଆ ଓ ବାପା । କୋର୍ଟଙ୍କ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ପରେ ଏଏସଆଇ ନିଲମ୍ବିତ । ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକ ନାବାଳିକା ଛାତ୍ରୀକୁ ଧାମନଗର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜନୈକ ଯୁବକ ଜୁନ ୧୭ତାରିଖରେ ତାର ଦୁଇଜଣ ସାଙ୍ଗଙ୍କ ସହଯୋଗରେ ଅପହରଣ କରିଥିବା । ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ । ଉଭୟ ଛାତ୍ରୀ ଓ ଅପହରଣ କରିଥିବା ଯୁବକକୁ ଠାବ କରିପାରିନଥିଲେ ତଦନ୍ତକାରୀ ଅଧିକାରୀ । ଏମିତି କି ଉଦ୍ଧାର ପାଇଁ ଖର୍ଚ୍ଚ ଦାବି କରିଥିଲେ ତଦନ୍ତକାରୀ ଅଧିକାରୀ ।

ତେବେ ଅଭିଯୋଗର ୫୫ଦିନ ପରେ ଧାମନଗର ପୁଲିସ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ କରି ଗତ ୧୧ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲାର ଏକ ଭଡାଘରୁ ନାବାଳିକା ଛାତ୍ରୀକୁ ଉଦ୍ଧାର କରିଥିଲେ । ଏପଟେ ନାବାଳିକାକୁ ଖୋଜିବାରେ ବିଳମ୍ବ ଓ ଟଙ୍କା ଦାବି କରିବା ନେଇ ତାଙ୍କ ପରିବାର ପକ୍ଷରୁ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ । ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଗତ ୧୧ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ଘଟଣାରେ ହାଇକୋର୍ଟ ନିର୍ଦ୍ଦେଶ ପରେ ଏସଡିପିଓଙ୍କ ତଦନ୍ତ ପରେ ତଦନ୍ତକାରୀ ଅଧିକାରି ଏଏସଆଇ ନେପାଳ ସାହାଙ୍କୁ ଭଦ୍ରକ ଏସପି ମନୋଜ ରାଉତ ନିଲମ୍ବିତ କରିଛନ୍ତି । ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ଜଣେ ଅଭିଯୁକ୍ତ ଫେରାର ହୋଇଥିବାବେଳେ ଜଣେ ନାବାଳକ ସହଯୋଗୀ ପୋଲିସ ଦ୍ୱାରା ଗିରଫ ହୋଇଛି । ଗିରଫ ନାବାଳକକୁ ସ୍ୱଧାର୍ ଗୃହରେ ଛଡ଼ା ଯିବା ସହ ଫେରାର ଦୁଇ ଜଣ ଖୁବ୍ ଶୀଘ୍ର ଗିରଫ ହେବେ ବୋଲି କହିଛନ୍ତି ଭଦ୍ରକ ଏସପି ମନୋଜ ରାଉତ ।

## ଲାଞ୍ଚ

# ଭିଜିଲାନ୍ସ ପଞ୍ଝାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିରାଣୀ




ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ ୨୫୦୦୦ ଟଙ୍କା ଲାଞ୍ଚ ନେବାବେଳେ ବ୍ରହ୍ମପୁର ଭିଜିଲାନ୍ସ ବିଭା ହାତରେ ଧରାପଡ଼ିଥିବା ଜଣା ପଡ଼ିଛି। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ନୋଟରୁ ଜଣାପଡ଼ିଛି ଯେ, ଜଣେ ଚୁକ୍ତି ଭିତ୍ତିକ ଯୁବ ଡାକ୍ତର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦ୍ୱାରା ଅନୁମୋଦନ କ୍ରମେ ନିଯୁକ୍ତି ପାଇ ଏଠାକୁ ଆସିଥିଲେ । ତାଙ୍କୁ ନିଯୁକ୍ତି ପତ୍ର ଦେବା ପାଇଁ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ ୨୫୦୦୦ଟଙ୍କା ଲାଞ୍ଚ ମାଗିଥିଲେ ଏବଂ ନିଯୁକ୍ତି ପତ୍ର ଦେଇନଥିଲେ । ଏହାପରେ ସଂପୃକ୍ତ ଚୁକ୍ତି ଭିତ୍ତିକ ଯୁବ ଡାକ୍ତର ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ।

ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଠାରେ ସମ୍ପୃକ୍ତ ଚୁକ୍ତି ଭିତ୍ତିକ ଡାକ୍ତର ୨୫୦୦୦ ଟଙ୍କା ଲାଞ୍ଚ ପ୍ରଦାନ କରିଥିଲେ। ପୂର୍ବରୁ ନିକଟରେ ଛପି ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ଚଢ଼ାଉ କରି କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକଙ୍କ ଠାରୁ ଲାଞ୍ଚ ନେଇଥିବା ୨୫୦୦୦ଟଙ୍କା ଉଦ୍ଧାର କରି କେସନଂ୧୨-୧୨/୮/୨୦୨୫ରେ ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

# ବଅଁରପାଳରେ ହାତୀ ଆତଙ୍କ: ସନ୍ଧ୍ୟା ହେଲେ ଘରେଘରେ ଟାଟି କବାଟ



ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ତୁଳସୀପାଳ, ଲଙ୍ଗୁଳିଆବେଡା, ଗଡସନ୍ତ୍ରୀ, ଅରହାଟ, ପୁରୁକିଆ, ଗାଢ଼ରଖାଇ, କଙ୍କିନାଳି, କୁଲାଡ ଓ ଆଲୁମିନିୟମ ପାର୍କ ଅଞ୍ଚଳରେ ହାତୀ ପଲ ଆତଙ୍କ ସୃଷ୍ଟି କରୁଛନ୍ତି । ଫଳରେ ସଂଧ୍ୟା ହେଲେ ଘରେ ପଡୁଛି ଟାଟି କବାଟ ହାତୀ ଭୟରେ ଗାଁ ଲୋକେ ଘରୁ ବାହାରୁ ନଥିବାବେଳେ ସହର ଲୋକେ ଗାଁକୁ ଆସୁନାହାନ୍ତି ।

କିଛି ମାସର ବ୍ୟବଧାନ ପରେ ପୁଣି ତିନି ଦିନ ହେଲା ଦଳବଦ୍ଧ ହାତୀଙ୍କର ଉପସ୍ଥିତି ଦେଖିବାକୁ ମିଳିଛି । ଗତ ଧାନକଟା ସମୟରେ ହାତୀ ଦଳ ଏହି ଅଞ୍ଚଳରେ ବ୍ୟାପକ ଧାନ ଫସଲ ଖାଇବା ସହ ଦଳିଚକଟି ଶହଶହ ଏକର ଧାନ ଫସଲ ନଷ୍ଟ କରିଥିଲେ । ଏଥର ଧାନ ରୁଆ ସମୟରୁ ହାତୀଦଳଙ୍କ ଉପସ୍ଥିତି କୁ ନେଇ ଅଞ୍ଚଳବାସୀ ଚିନ୍ତିତ ହେବା ଶହ ଆତଙ୍କିତ ହୋଇ ପଡିଛନ୍ତି । ଗତ ଦୁଇ ଦିନ ତଳୁ ଆସିଥିବା ୪୫ ପଟ ହାତୀଦଳ ନିକଟସ୍ଥ ବିଲରେ ପଶି ଧାନତଳି ଖାଇବା ସହ ମାଡିଚକଟି ନଷ୍ଟ କରୁଛନ୍ତି । ବର୍ତ୍ତମାନ ତାଳ ପାଚିବା ସମୟ ହୋଇଥିବାରୁ ସେଥିପାଇଁ ହାତୀଦଳ ଆସିଥିବା ଅନୁମାନ କରାଯାଉଛି । ଏହି ଅଞ୍ଚଳର ବିଭିନ୍ନ ଗ୍ରାମରୁ ନିକଟସ୍ଥ କଳକାରଖାନାରେ ଡିଉଟି କରୁଥିବା କର୍ମଚାରୀ ମାନେ ଚିନ୍ତାରେ ପଡି ଯାଇଛନ୍ତି । ଚାଷୀ ନିଜ ବିଲକୁ ଯାଉନାହାନ୍ତି ଓ ଶୌଚ ହେବାକୁ ବାହାରକୁ ଯିବାକୁ ଡରୁଛନ୍ତି । ନିକଟ ଅତୀତରେ ଆଖପାଖ ଗ୍ରାମରୁ କିଛି ଲୋକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

ଅନ୍ୟ ପକ୍ଷରେ ବନ ବିଭାଗ କର୍ମଚାରୀ ମାନେ ହାତୀଙ୍କ ଉପରେ ନଜର ରଖିବା, ସଚେତନ କରିବା ବ୍ୟତୀତ ହାତ ଟେକି ବସିଛନ୍ତି । ସୋମବାର ରାତିରେ ଏକ ହାତୀ ଛୁଆ ଜନ୍ମ କରିଥିବା ବନ କର୍ମଚାରୀ ମାନେ ସୂଚନା ଦେଇଛନ୍ତି । ଉକ୍ତ ଛୁଆଟି ଠିକ ଭାବରେ ନଚାଲିବା ପର୍ଯ୍ୟନ୍ତ ହାତୀଦଳ ଅଞ୍ଚଳ ଛାଡି ଯିବାର ସମ୍ଭାବନା ନଥିବାରୁ ସ୍ଥାନୀୟ ଲୋକେ ଚିନ୍ତିତ ଅବସ୍ଥାରେ ଅଛନ୍ତି ।

# ବିଦ୍ୟୁତ୍ କର୍ମଚାରୀଙ୍କ ଯୋଗୁଁ ବଞ୍ଚିଗଲେ ହାତୀପଲ

କରଞ୍ଜିଆ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନ ଖଣ୍ଡରେ ୩୧ ଟିକିଆ ହାତୀ ପଲ ଉତ୍ପାତ ମୋଚାଇ ଥିବା ବେଳେ ଚାଷୀ ହନ୍ତସନ୍ତ ହେଉଛନ୍ତି । ହାତୀ ପଲମାନଙ୍କ ମଧ୍ୟରୁ ଗୋଠ ଛଡ଼ା ଦନ୍ତା ହାତୀ ବୁଲୁଥିବା ବେଳେ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ତେବେ ଗୋଠ ଛଡ଼ା ଦନ୍ତା ଓ ହାତୀ ପୋଲ ଚାଷ ନଷ୍ଟ କରିବା ସହିତ ବିଭିନ୍ନ ସମୟରେ ଘୋର ମଧ ଭାଙ୍ଗୁଛନ୍ତି ଗତ ମଙ୍ଗଳବାର ରାତି ପ୍ରାୟ ଗୋଟାଏରେ ୩୧ଟିକିଆ ହାତୀପଲ କରଞ୍ଜିଆ ବ୍ଲକ ଦରୀ ପଞ୍ଚାୟତ ଦେଉଳି ଗ୍ରାମରେ ଥିବା ଏକ ବିଦ୍ୟୁତ୍ ସବଷ୍ଟେସନ ଭାଙ୍ଗି ଦେବାରୁ ୪ଟି ଖୁଣ୍ଟ ସହ ତାର ଛିଣ୍ଡି ପଡିଥିଲା । ହେଲେ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ହାତୀପଲ ଥିବାର ସୂଚନା ଥିବାରୁ ବିଦ୍ୟୁତ ବିଭାଗ ରାତି ୧୧ଟାରୁ ବିଦ୍ୟୁତ ସରବରହୋ ବନ୍ଦ ଥିଲା ।

ଏ ବାବଦରେ କରଞ୍ଜିଆ ବିଦ୍ୟୁତ ବିଭାଗ ର ଅଧିକାରୀ ବୋପାନ୍ନା ପ୍ରସାଦ ରାଓ ଓ ତାଟୋ ଜୁନିୟର ଇଞ୍ଜିନିୟର ଅଜିତ ସାମଲ ସୂଚନା ଦେଇଥିଲେ । ବିଦ୍ୟୁତ ବିଭାଗର ଏହି ଉଚିତ ପଦକ୍ଷେପ ପାଇଁ ହାତୀପଲଙ୍କ ଜୀବନ ବଞ୍ଚିଯିବାରୁ ବିଦ୍ୟୁତ ବିଭାଗକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ଓ ପ୍ରସୂତି ସଂଘର ଉପସଭାପତି



କଟକ, (ସ୍ୱପ୍ର) : ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ଓ ପ୍ରସୂତି ସଂଘର ପୂର୍ବ ଭାରତ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଡା. ନାୟକ ୨୦୨୭-୨୦୨୮ବର୍ଷ ପାଇଁ ଏହି ଦାୟିତ୍ୱ ଗ୍ରହଣ କରିବେ । ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ପୂର୍ବତନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ଉପସଭାପତି ଡା. ହର ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର, ଡା. ଶରତ ମହାପାତ୍ର, ଭାରତୀୟ ମେଡିକାଲ ସଂଘ ଓଡିଶା ଶାଖା ସଭାପତି ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ଜୟଶ୍ରୀ ପଟ୍ଟନାୟକ ଓ ଡା. ସସ୍ମିତା ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ନ୍ୟାୟ ପାଇଁ ସପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

ଭଦ୍ରକ, (ସବ୍ୟୁ): ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଅଧିନସ୍ଥ ପନ୍ଦରବାଟିଆ ଗ୍ରାମରେ ଜମିଜମା ଘଟଣାକୁ ନେଇ ଜଣେ ମହିଳାଙ୍କୁ ଅନ୍ୟଜଣେ ପ୍ରଭାବଶାଳୀ ଶିକ୍ଷକ ବିଭିନ୍ନ ସମୟ ହଇରାଣ ହରକତ କରିବା ସହିତ ମାରଧର କରୁଛନ୍ତି । ତେଣୁ ମହିଳା ଜଣଙ୍କ ଏ ସମ୍ପର୍କରେ ଧୂଷୁରୀ ଥାନାରେ ଗତ ମାସ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କିଛି ବୁଝି ନଥିଲା । ତେଣୁ ମହିଳା ଜଣଙ୍କ ବାଧ ହୋଇ ଏସପିଙ୍କୁ ଜଣାଇବାରୁ ଏସପି ଥାନାକୁ ପଠାଇ ଦେଇଥିଲେ । ସେହି ଅନୁଯାଇ ମାମଲା ରୁଜୁ ହୋଇଥିଲାବେଳେ ପୋଲିସ ସେମାନଙ୍କୁ ଗିରଫ କଲା ନାହିଁ । ତେଣୁ ସେମାନେ କୋର୍ଟରୁ ବେଲରେ ଆସି ସମ୍ପୃକ୍ତ ମହିଳାଙ୍କୁ ହତ୍ୟା ଧମକ ଦେବା ସହିତ ଅଧିକ ହଇରାଣ ହରକତ କରି ମାନସିକ ନିର୍ଯାତନା ଦେଉଛନ୍ତି । ଏପରିକି ମାମଲା ଉଠାଇ ନେବାକୁ ଧମକ ଦେଉଛନ୍ତି । ପୋଲିସକୁ ବାରମ୍ବାର ଯାଇ ଗୁହାରି କଲେ ପୋଲିସ କିଛି ବୁଝୁନାହିଁ । ତେଣୁ ସମ୍ପୃକ୍ତ ମହିଳା ଜଣଙ୍କ ଆଜି ନ୍ୟାୟ ପାଇଁ ନିଜ ପରିବାର ସହିତ ଆସି ଏସପିଙ୍କ ଦ୍ୱାରସ୍ଥ ହୋଇ ଧାରଣାରେ ବସିଛନ୍ତି ।

# ବନ୍ଦର ମେରାଇନ ଥାନାରେ ଥାର୍ଡଡିଗ୍ରୀ



ନାଉଗାଁ, (ସବ୍ୟୁ) : ପୁଣି ଥାନାରେ ଥାର୍ଡଡିଗ୍ରୀ ଅଭିଯୋଗ ଜଗତସିଂହପୁର ଜିଲ୍ଲା ବିରିଡି ଥାନାରେ ଗତ କିଛିଦିନ ତଳେ ଜଣେ ଯୁବକକୁ ଥାର୍ଡଡିଗ୍ରୀ କରାଯାଇଥିବା ଅଭିଯୋଗ ତଦନ୍ତ ଚାଲିଥିବା ବେଳେ ଏହି ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ମେରାଇନ ଥାନାରେ ପୁଣି ଜଣେ ଯୁବକକୁ ଥାର୍ଡଡିଗ୍ରୀ ଦିଆଯାଇଥିବା ଅଭିଯୋଗ ଆସିଛି । ଧନୁହରବେଲାରୀ ଗ୍ରାମର ବିଭୁରାମ ଦଳାଇ ଏକ ଗଣ୍ଡଗୋଳ ସଙ୍କ୍ରାନ୍ତୀୟ ଅଭିଯୋଗ ନେଇ ଥାନାକୁ ଯାଇଥିବା ବେଳେ ସେଠାରେ ଥିବା ପୋଲିସ ବାବୁ ଅଭିଯୋଗ ପଢି ତାଙ୍କ ମୁହଁକୁ ଫୋପାଡିବା ଓ ତାଙ୍କୁ ଅନ୍ୟ ପୋଲିସ ଅଧିକାରୀମାନେ ମାଡ ମାରି ଜୋର ଜବରଦସ୍ତ ହାଜତ ଭିତରେ ପୁରାଇବା ନେଇ ସେ ଜିଲ୍ଲା ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାରେ ଏଭଳି ଘଟଣା ବୃଦ୍ଧି ପାଉଥିବା ଓ ପୋଲିସ ନ୍ୟାୟ ବଦଳରେ ଅଭିଯୋଗକାରୀଙ୍କୁ ମାଡ ମାରିବା ଏବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଅଭିଯୋଗକୁ ଆଧାର କରି ଆଜି ଜଗତସିଂହପୁର ଜିଲ୍ଲା ଅତିରିକ୍ତ ଏସ୍ପି ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସିସିଟିଭି ଜାଞ୍ଚ କରାଯାଇଥିବା ବେଳେ କେଉଁ ପରିସ୍ଥିତିରେ ପୋଲିସ ଏଭଳି କଲା ତାହାର ତଦନ୍ତ ଆରମ୍ଭ ହୋଇଛି ।

# ପିପୁଲ୍ସ କଲେଜ ପକ୍ଷରୁ ହର ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ଲେଫ୍ଟନାଣ୍ଟ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ହର ଘର୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକ ଉକ୍ତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଏଥିରେ ଏନସିସି, ୱାଇଆରସି, ଏନଏସଏସ, ସ୍କାଉଟର ଶତାଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ବୁଗୁଡା ସହର ପରିକ୍ରମା କରିଥିଲେ । ଦେଶମାତୃକାର ଜୟଗାନ, ଦେଶ ପାଇଁ ବଳିଦାନ ଦେଇଥିବା ଓ ଦେଶକୁ ସୁରକ୍ଷା ପ୍ରଦାନ କରୁଥିବା ଯବାନଙ୍କୁ ସମ୍ମାନ ଜଣାଇ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇଥିଲେ । ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ସୃଷ୍ଟି କରିବା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର କ୍ରୀଡା ଶିକ୍ଷକ ଏମ୍.ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ ।

# ରସନା ବିଏସ୍‌ଏଫ୍ ସହ ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବ



ଭୁବନେଶ୍ୱର, (ସବ୍ୟୁ) : ତୁରନ୍ତ ପାନୀୟ ଉତ୍ପାଦନ କରୁଥିବା ବିଶ୍ୱର ସର୍ବବୃହତ ଉତ୍ପାଦନକାରୀ ରସନା ପ୍ରାଇଭେଟ ଲିମିଟେଡ ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବି ଇଣ୍ଡିଆନ୍, ବାଇ ଇଣ୍ଡିଆନ୍' ଅଭିଯାନ ଜରିଆରେ ସ୍ୱଦେଶୀ ଭାବନାକୁ ପୁନର୍ଜୀବିତ କରିବାର ଆହ୍ୱାନକୁ ପ୍ରତିଫଳିତ କରୁଛି ।

ଏହାର ଶୁଭାରମ୍ଭ ସହିତ ରସ୍ନା ଆନୁଷ୍ଠାନିକ ଭାବେ ଆରଟିଡି ସେଗମେଣ୍ଟରେ ପ୍ରବେଶ କରି ଆତ୍ମନିର୍ଭରଶୀଳ, ସ୍ଥାନୀୟ ଉତ୍ପାଦ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିଛି । ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ରସ୍ନା ପ୍ରାଇଭେଟ୍ ଲିମିଟେଡ୍ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)କୁ କୃତଜ୍ଞତା ଜ୍ଞାପନ କରି ଦେଶର ସୁରକ୍ଷା ବାହିନୀକୁ ସମ୍ମାନିତ କରିବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଛି ।

ଏହି ଅଭିଯାନର ଏକ ଅଂଶ ଭାବରେ, ରସନା ଜମ୍ପିନ୍ ବିଏସଏଫ ଯବାନ ଏବଂ ସେମାନଙ୍କ ପରିବାରକୁ ବଣ୍ଟନ କରାଯାଇଥିଲା, ଯେଉଁଥିରେ ଦେଶ ପ୍ରତି ସେମାନଙ୍କର ଅତୁଟ ସମର୍ପଣ ଏବଂ ସେବାକୁ ପାଳନ କରାଯାଇଥିଲା ।

# କେନାଲରେ ଭାସିଯାଇ ହାତୀ ନିଖୋଜ

ବାଲିପାଟଣା, (ସବ୍ୟୁ) : କେନାଲରେ ଭାସିଯାଇ ହାତୀ ନିଖୋଜ ।ସୂଚନା ଅନୁସାରେ ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୂର୍ ଗ୍ରାମର କୈଳାଶ ହାତୀ(୮୦) ଆଜି ଅପରାହ୍ନ ଚାରିଟା ସମୟରେ କୌଣସି କାରଣରୁ ନିକଟସ୍ଥ କେନାଲକୁ ଯାଇଥିବା ସମୟରେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ ।ଗ୍ରାମ ଲୋକ ବହୁ ଖୋଜା ଖୋଜି କରି ତାଙ୍କୁ ନପାଇବାରୁ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ ।ଶେଷ ସୂଚନା ଅନୁସାରେ ଏପର୍ଯ୍ୟନ୍ତ ତାଙ୍କୁ ଉଦ୍ଧାର କରା ଯାଇପାରିନି । ଅଗ୍ନିଶ୍ରମ ବିଭାଗ ଉଦ୍ଧାର ପକ୍ରୀୟା ଜାରି ରଖିଛି ।

# ଚେନ୍ ଛିଣ୍ଡାଇ ନେଲେ ଦୁର୍ବୃତ୍ତ

ବାଲିପାଟଣା, (ସବ୍ୟୁ) : ବାଲିପାଟଣା ଥାନା ଅନ୍ତର୍ଗତ ରାଜସ ପଂଚାୟତର ରଡ ଦେଉଳି ଛକ ନିକଟରେ ତିନି ଜଣ ସାଙ୍ଗ ବସି କଥା ହେଉଥିବାବେଳେ ହଠାତ୍ ଦୁଇଜଣ ଦୁର୍ବୃତ୍ତ ଏକ ବଜାଜ ପଲସର୍ ୨୨୦ ଗାଡ଼ିରେ ଆସି ପ୍ରଦୀପ ସୱାଇଁ ପିନ୍ଧିଥିବା ଏକ ଚେନ ଛିଣ୍ଡାଇ ଚଂପଟ ମାରିଥିଲେ । ଏ ସମ୍ପର୍କରେ ପ୍ରଦୀପ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଛାନଭିନ କରୁଛି । ସୂଚନାନୁଯାୟୀ, ବଦଳା ପଡା ଗ୍ରାମର ପ୍ରଦୀପ ସ୍ୱାଇଁ ସାଙ୍ଗ ମାନଙ୍କ ସହିତ ରଡ ଦେଉଳି ତ୍ରିନାଥ ଛକ ନିକଟରେ ବସି କଥା ହେଉଥିଲେ । ରାଜସ ଗ୍ରାମର ରାହୁଲ ସ୍ୱାଇଁ ଓ ଦୁଃଶାସନ ସ୍ୱାଇଁ ଏକ ବଜାଜ ପଲସର୍‌ରେ ଆସି ପ୍ରଦୀପଙ୍କ ବେକରୁ ସୁନା ଚେନଟି ଛିଣ୍ଡାଇ ନେବା ବେଳେ ଅଧା ଚେନ ପ୍ରଦୀପ ହାତ ମୁଠାରେ ରହିଯାଇଥିଲା । ପ୍ରଦୀପଙ୍କୁ ମାଡ଼ ମାରିବା ସହ ସୋଦାବକା କରି ଚାଲି ଯାଇଥିଲେ ବୋଲି ଅଭିଯୋଗକାରୀ କହିଛନ୍ତି । ଖବର ପାଇ ପୋଲିସ ଘଟଣାର ତଦନ୍ତ ଚାଲୁ ରଖିଛି ।

## ନାବାଳିକା ଅପହରଣ ମାମଲା
# ବାପ-ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ବୁଧବାର ଏକ ନାବାଳିକା ଅପହରଣ ମାମଲାର ବିଚାର କରି ବାପ ଓ ପୁଅଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି। ।ଦୈତାରୀ ଥାନା ଅନ୍ତର୍ଗତ ସାନସିଆଡିମାଳ ଗ୍ରାମର ଚିତ୍ତରଞ୍ଜନ ମହାନ୍ତକୁ ଦଫା ୩୬୩ ଓ ୩୬୬ ଆଇପିସିରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲା ବେଳେ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତଙ୍କୁ ଅପହରଣ ପରେ ନାବାଳିକାକୁ ଧମକ ଦେଇଥିବାରୁ ଦଫା ୫୦୬ ଆଇପିସିରେ ୧ ବର୍ଷ ଜେଲ ଦଣ୍ଡାଦେଶ ସହ ଏକ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ।

ଘଟଣାରୁ ପ୍ରକାଶ ଯେ, ତା ୧୦।୧୨।୨୦୧୬ ରିଖ ଶନିବାର ଦିନ ନାବାଳିକା ପୀଡିତା ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇଅପରାହ୍ନ ୩ଟା ବେଳେ ଘରକୁ ଫେରୁଥିଲା ବେଳେ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତ ନାବାଳିକାକୁ ବାଇକରେ ଅପହରଣ କରି ଅନ୍ୟ ଏକ ଯୁବକଙ୍କ ପାଖକୁ ନେଇ ବାହା ହେବାକୁ ବାଧ କରିଥିଲେ ଓ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତ ପରେ ନାବାଳିକାକୁ ମଧ ବାହା ହେବାକୁ ଧମକ ଦେଇଥିଲା । ଏକଥା ଜାଣି ନାବାଳିକଙ୍କ ବାପା ୧୫।୧୨।୨୦୧୬ ତାରିଖରେ ବାପା ହରିଚନ୍ଦନପୁର ଥାନାରେ ଏକ ଲିଖିତ ରିପୋର୍ଟ କରିବା ପରେ ପୋଲିସ ନାବାଳିକାକୁ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରିବା ସହ ତା'ର ବୟାନ ନେଇ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ କେଶ ଦାଖଲ କରିଥିଲା । ବୁଧବାର କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଚିତ୍ତରଞ୍ଜନ କୁ ୩୬୩ ଓ ୩୬୬ ଆଇପିସି ଏବଂ ଗଙ୍ଗାଧର କୁ ୫୦୬ ଆଇପିସି ରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାକୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରକୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ ।

# ଦୁଇ ବ୍ରାଉନସୁଗର ବେପାରୀ ଗିରଫ



ବଅଁରପାଳ, (ସବ୍ୟୁ) : ବିଶେଷ ସୂତ୍ରରୁ ଖବର ପାଇ ଏସପି, ଅନୁଗୋଳଙ୍କ ନିର୍ଦ୍ଦେଶରେ ,ଏଡିପିଓ ଅନୁଗୋଳ ଙ୍କ ତତ୍ତ୍ୱାବଧାନରେ ବଅଁରପାଳ ଥାନା ଅଧିକାରୀ ଏକ ଟିମ ପ୍ରସ୍ତୁତ କରି ବ୍ରାଉନ ସୁଗାର ବିକ୍ରି ଉପରେ ଚଢାଉ କରିବା ପାଇଁ ଏସ୍ ଆଇ ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ଆଲୁମିନିୟମ ପାର୍କ ଅଞ୍ଚଳରେ ଚଢାଉ କରିଥିଲେ । ଏସ ଆଇ ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ସଫଳ ପୂର୍ବକ ଚଢାଉ କରି ଏନ୍ଏଚ୍-୫୫ ଉପରେ ଆଲୁମିନିୟମ ପାର୍କ ବସ ଷ୍ଟାଣ୍ଡ ପାଖରୁ ଦୁଇ ଜଣ ଯୁବକଙ୍କୁ କାବୁ କରି ସେମାନଙ୍କ ପାଖରୁ ୧୫.୨୪୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ବାଲେଶ୍ୱର ଷ୍ଟେସନ ର ଦୁଇଟି ପ୍ଲାଟଫର୍ମ ଟିକେଟ ଓ ଏକ ହଳଦିଆ ରଙ୍ଗର ଲାଇଟର ଓ ଏକ ଓପୋ ମୋବାଇଲ ଫୋନ ଜବତ କରିବାରେ ସକ୍ଷମ ହେଲେ ।

ତଦନ୍ତ ସମୟରେ ସେମାନଙ୍କ ଘର ହେମସରପଡା, ଅନଗୁଳ ଅଞ୍ଚଳ ର ବୋଲି ଜଣା ପଡ଼ିଛି ଏବଂ ସେମାନେ ସମ୍ପର୍କ ରେ ଦଦା ପୁତୁରା ଅଟନ୍ତି । କିଛି ମାସ ହେବ ସେମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବଅଁରପାଳ ଓ ଅନୁଗୁଳ ଅଞ୍ଚଳରେ ଛୋଟ ଛୋଟ ଚିଟ କରି ଚଢା ମୂଲ୍ୟ ରେ ବିକ୍ରି କରୁଥିଲେ । ଗତ ତା ୧୨.୦୮.୨୦୨୫ ରିଖ ସକାଳେ ଦୁହେଁ ଆଲୁମିନିୟମ ପାର୍କ ଆଡକୁ ଯିବାକୁ ଥିବା ରାସ୍ତା ରେ ବସ ରୁ ଓହ୍ଲାଇ ସେଇ ଆଖ ପାଖ ଅଞ୍ଚଳ ରେ କିଛି ଚିଟ ବିକ୍ରି କରି ବଡ ଗ୍ରାହକକୁ ଅପେକ୍ଷା କରିଥିବା ସମୟରେ ପୁଲିସ ହାତରେ ଧରାପଡିଥିଲେ । ଗତକାଲି ସନ୍ଧ୍ୟାରେ ସେମାନଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ରାଜା ବେହେରା (୩୦) ପିତା ବିଷ୍ଣୁ ବେହେରା , ମଣ୍ଟୁ ଗୋଛାୟତ (୧୯) ପିତା ଗର୍ତିଆ ଗୋଛାୟତ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଣ୍ଟି-ରାଗିଂ ସପ୍ତାହ



କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଆଣ୍ଟିଂ-ରାଗିଂ ସପ୍ତାହ ଆରମ୍ଭ ହୋଇଛି । ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ବିଭିନ୍ନ ବିଭାଗର ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଂଶଗ୍ରହଣ କରିବା ସହ ବହୁ ବିଶିଷ୍ଟ ଅତିଥି ଏବଂ ଫାକଲ୍ଟି ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟ୍, ଏନଏସଏସ ୟୁନିଟ୍ ଏବଂ ଏନସିସି ୟୁନିଟ୍ ପକ୍ଷରୁ ମିଳିତ ଭାବରେ ଏହାକୁ ଆୟୋଜନ କରାଯାଇଛି ।

ରାଗିଂକୁ ନେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଶୂନ୍ୟ ସହନଶୀଳତା ନୀତି କିଭଳି ଆଜି ମଧ୍ୟ କଡ଼ାକଡ଼ି ଭାବରେ ପାଳନ କରାଯାଉଛି, ତାହା ପୁରାତନ ଓ ନୂତନ ବିଦ୍ୟାର୍ଥୀମାନଙ୍କୁ ସ୍ମରଣ କରାଇ ଦିଆଯାଇଥିଲା । ଛାତ୍ର କଲ୍ୟାଣ ଡିନ୍ ପ୍ରଧ୍ୟାପକ ଜୟପ୍ରକାଶ ଭଞ୍ଜ ନିଜ ସ୍ୱାଗତ ଅଭିଭାଷଣରେ କହିଥିଲେ, ପୂରା ସପ୍ତାହଟି ବିଶ୍ୱବିଦ୍ୟାଳୟର ଗରିମା ଏବଂ ପାରସ୍ପରିକ ସମ୍ମାନ ପ୍ରଦାନର ସଂସ୍କୃତି ଉଦ୍ଦେଶ୍ୟରେ ସମର୍ପିତ ରହିଛି। ଆଣ୍ଟିଂ-ରାଗିଂ କମିଟିର ପ୍ରତିନିଧି ସୁଶ୍ରୀ ରୁପାଲି ନାୟକ କ୍ୟାମ୍ପସରୁ ରାଗିଂ ହ୍ରାସ କରିବାର ଉପାୟ ଏବଂ ଏହାକୁ ସୁରକ୍ଷିତ ବାତାବରଣରେ ପରିଣତ କରିବା ପାଇଁ ସମସ୍ତଙ୍କର ଦାୟିତ୍ୱ ଥିବା କହିଥିଲେ। ଏନ୍ଏସଏସ ସଦସ୍ୟ ରିତେଶ ନାୟକ ସଚେତନତା ସମ୍ପର୍କରେ ସୂଚନା ଦେଇଥିଲେ। ରୋଭର ଓ ରେଞ୍ଜର ୟୁନିଟ୍ ସଦସ୍ୟା ପ୍ରିୟଙ୍କା ପରିଜାଙ୍କ ନେତୃତ୍ୱରେ ସମସ୍ତେ ସମ୍ମାନଜନକ କ୍ୟାମ୍ପସ ସଂସ୍କୃତି ନେଇ ଶପଥପାଠ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସୌହାର୍ଦ୍ଦ୍ୟ ବାତାବରଣ ବଜାୟ ରଖିବାକୁ ସଂକଳ୍ପ କରିଥିଲେ । ଏନସିସି ୟୁନିଟର ଏଏନ୍ଓ ଡ. ନେହା ଏବଂ ଏନଏସଏସ ୟୁନିଟର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମ୍ବିକା ପ୍ରସାଦ ମିଶ୍ର ମଧ୍ୟ ଏହି ଉଦ୍ୟମ ପ୍ରତି ନିଜ ସମର୍ଥନ ଜଣାଇଥିଲେ । ସହାୟକ ପ୍ରାଧ୍ୟାପକ ଏବଂ ରୋଭର ସ୍କାଉଟ ଲିଡର ଡ. ସନ୍ଦୀପ ରାଉତ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ
# ଦେବଗଡ଼ରୁ ଯୁବକଙ୍କ ପଦଯାତ୍ରା

ବାରଙ୍ଗ ,(ସବ୍ୟୁ) ଦେବଗଡ଼ ମାଟିର ବିକାଶ ପାଇଁ ଦେବଗଡ଼ ଜିଲ୍ଲାର ଜଣେ ଯୁବକ ସଂଘର୍ଷ ଆରମ୍ଭ କରିଛନ୍ତି । ନିଜ ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ପର୍ଯ୍ୟାୟକ୍ରମେ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିନଥିଲା । ଏହାର ପ୍ରତିକାର ପାଇଁ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ବହୁ ଆଶା ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ ବାହାରିଛନ୍ତି ଦେବଗଡ଼ ମାଟିର ଅର୍ଣ୍ଣବ ପଣ୍ଡା ନାମକ ୪୨ବର୍ଷୀୟ ଯୁବକ । ସେ ପୁଣି କୌଣସି କାର କି ମଟର ସାଇକେଲ ନୁହେଁ ବରଂ ପାଦରେ ଚାଲିଚାଲି ବାହାରିଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ । ଗତ ୬ ତାରିଖରୁ ସେ ଦେବଗଡ଼ରୁ ବାହାରି ବୁଧବାର ଦିନ ବାରଙ୍ଗରେ ପହଂଚିଛନ୍ତି । ଏହା ଭିତରେ ସେ ପାଖାପାଖି ୨୭୦ କିଲୋମିଟର ବାଟ ଅତିକ୍ରମ କରିସାରିଲେଣି। ଯେଉଁଠି ରାତି ଅଧିକ ହେଉଛି ସେଠାରେ ସୁବିଧା ଦେଖି ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା ଆରମ୍ଭ କରୁଛନ୍ତି। ଏବେ ଚାଲିଚାଲି ପାଦରେ ବଡ଼ବଡ଼ ଫୋଟୋକା ହୋଇଗଲାଣି । ଏହାସହ ଗୋଡ଼ ଫୁଲିଗଲାଣି। ତଥାପି ତାଙ୍କର ଯାତ୍ରା ଜାରି ରଖିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ତାଙ୍କର ମୁଖ୍ୟ ଦାବି ବୋଲି ଅର୍ଣ୍ଣବ କହିଛନ୍ତି ।



# ରୁଷ କବଜାରେ ୟୁକ୍ରେନର ୧୯% ଅଞ୍ଚଳ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଆଲାସ୍କାରେ ହେବାକୁ ଥିବା ବୈଠକ ଉପରେ ସାରା ଦୁନିଆର ନଜର ରହିଛି । ତେବେ ଏହି ବୈଠକରୁ କିଛି ନିଷ୍କର୍ଷ ବାହାରିବ ବୋଲି ଆଶା କରାଯାଉନାହିଁ । କାରଣ ବୈଠକରେ ଶାନ୍ତି ସ୍ଥାପନ ଆଶା ସେତେବେଳେ ସମ୍ଭବ ହୋଇପାରିବ, ଯେତେବେଳେ ପୁଟିନଙ୍କ ସର୍ତ୍ତକୁ ସ୍ୱୀକାର କରାଯିବ । ପୁଟିନଙ୍କ ସର୍ତ୍ତ ଯେ କବଜାରେ ଥିବା ୟୁକ୍ରେନ ଅଞ୍ଚଳରୁ ରୁଷରେ ସାମିଲ କରିବେ । ଟ୍ରମ୍ପ ଏହା ଉପରେ ଏକପ୍ରକାର ରାଜି ଅଛନ୍ତି । ଖୋଲାଖୋଲି ଭାବରେ କହିଥିଲେ ଯେ ୟୁକ୍ରେନ ଓ ରୁଷ ଭୂମି ଛାଡ଼ିବା ଦରକାର, କିନ୍ତୁ ଏହା କିପରି ହେବ ତାର ଜବାବ କାହା ପାଖରେ ନାହିଁ । କାରଣ ଜେଲେନସ୍କିଙ୍କ ପାଖରେ ରୁଷର କୌଣସି ଭୂମି ନାହିଁ । ଏପରି ସ୍ଥଳରେ ଯଦି ଯଥାସ୍ଥିତି ଉପରେ ସହମତି ହୁଏ ତେବେ ୟୁକ୍ରେନ ନିଜର ଏକ ବଡ଼ ଅଞ୍ଚଳ ହରାଇ ବସିବ ଏବଂ ବଦଳରେ କିଛି ପାଇବ ନାହିଁ ।

ରୁଷ-ୟୁକ୍ରେନ ଯୁଦ୍ଧର ସଦ୍ୟ ମ୍ୟାପ୍ ଅନୁସାରେ ରୁଷ କବଜାରେ ୟୁକ୍ରେନର ପ୍ରାୟ ୧ ଲକ୍ଷ ୧୪ ହଜାର ୫୦୦ ବର୍ଗ କିଲୋମିଟର ଅଞ୍ଚଳ ରହିଛି । ୟୁକ୍ରେନ କ୍ଷେତ୍ରଫଳ ଆଧାରରେ ଏହା ପ୍ରାୟ ୧୯ ପ୍ରତିଶତ ଅଞ୍ଚଳ । ଏଥିରେ କ୍ରିମିଆ ମଧ୍ୟ ସାମିଲ ଅଛି । ଅନ୍ୟପଟେ ୟୁକ୍ରେନ ପାଖରେ ରୁଷର କୌଣସି ଅଞ୍ଚଳ ନାହିଁ । ମସ୍କୋ ଦାବି କରୁଛି ଯେ ଯୁଦ୍ଧର ଯଥାସ୍ଥିତିକୁ ବଜାଏ ରଖି ଶାନ୍ତି ଆଲୋଚନା ହେବା ଦରକାର ।



୨୦୧୪ରେ ରୁଷ ସେନା କ୍ରିମିଆକୁ ନିୟନ୍ତ୍ରଣ କରିଥିଲା, ଯାହା ଦକ୍ଷିଣ ୟୁକ୍ରେନର କୃଷ୍ଣ ସାଗର ଯାଏ ବ୍ୟାପ୍ତ । ୟୁକ୍ରେନ ଆଜି ବି ଏହାକୁ ନିଜର ବୋଲି ଦାବି କରୁଛି, ଅନ୍ୟପଟେ ରୁଷ ଏହି ଅଞ୍ଚଳକୁ ସୋଭିଏତ୍ ସଂଘ ସମୟରୁ ନିଜର ବୋଲି ଦାବି କରୁଛି । ଏହି ଅଞ୍ଚଳ ୨୭ ହଜାର ବର୍ଗ କିଲୋମିଟର ଯାଏ ବ୍ୟାପ୍ତ । ୟୁକ୍ରେନୀୟ ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ ୧୮ଶହ ଶତାବ୍ଦୀରେ କ୍ୟାଥରିନ୍ ଦି ଗ୍ରେଟ୍ ଜୋରଜବରଦସ୍ତି କ୍ରିମିଆକୁ ରୁଷ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ଏବଂ ସେଭାସ୍ତୋପୋଲରେ ଏକ ନୌସେନା ଜାହାଜ ସ୍ଥାପନ କରିଥିଲେ । ୧୯୨୧ ମସିହାରେ ଏହା ସୋଭିଏତ୍ ୟୁନିଅନର ଅଂଶ ହୋଇଗଲା ।

ପୂର୍ବ ୟୁକ୍ରେନର ଡୋନବାସର ପ୍ରାୟ ୮୮% ଅଞ୍ଚଳ ରୁଷ ନିୟନ୍ତ୍ରଣରେ ରହିଛି । ଏଥିରେ ଲୁହାନସ୍କ ଅଞ୍ଚଳ ଏବଂ ଡୋନେଟେସ୍କ ଅଞ୍ଚଳର ୭୫ ପ୍ରତିଶତ ସାମିଲ । ଏବେ ୟୁକ୍ରେନର ମାତ୍ର ୬ ହଜାର ବର୍ଗ କିଲୋମିଟର ଅଞ୍ଚଳ ବାକି ଅଛି । ସେପଟେ ରୁଷ ଏବେ ଡୋନେଟେସ୍କର ସମ୍ମୁଖ ଭାଗରେ ନିଜରର ଶକ୍ତି ଲଗାଇ ଦେଇଛି ଏବଂ ବାକି ପ୍ରମୁଖ ସହରଗୁଡ଼ିକ ଆଡକୁ ଗତି କରୁଛି । ଡୋନେଟେସ୍କ ଏବଂ ଲୁହାନସ୍କ ଅଞ୍ଚଳରେ ବହୁ ସଂଖ୍ୟକ ରୁଷ-ସମର୍ଥିତ ବିଚ୍ଛିନ୍ନତାବାଦୀ ୟୁକ୍ରେନୀୟ ସରକାରଠାରୁ ଅଲଗା ହୋଇ ନିଜକୁ ସ୍ୱାଧୀନ ଘୋଷଣା କରିସାରିଛନ୍ତି । ୨୦୨୨ ମସିହାରେ ଯୁଦ୍ଧ ପୂର୍ବରୁ, ପୁଟିନ ଏହି ଦୁଇଟି ରାଜ୍ୟକୁ ସ୍ୱାଧୀନ ଭାବରେ ମାନ୍ୟତା ଦେଇଥିଲେ ।

ରୁଷ ସେନା ଦକ୍ଷିଣ-ପୂର୍ବ ୟୁକ୍ରେନର ଜାପୋରିଜିଆ ଓ ଖେରସାନର ୭୪ ପ୍ରତିଶତ ଅଞ୍ଚଳ ଉପରେ ରୁଷର କବଜା ରହିଛି । ୟୁକ୍ରେନ ପାଖରେ ଏହି ଦୁଇ ଅଞ୍ଚଳର ମାତ୍ର ୧୪୫୦୦୦ ବର୍ଗ କିଲୋମିଟର ରହିଛି । ପୁଟିନ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ଯଦି ୟୁକ୍ରେନ ରୁଷର ସହରଗୁଡ଼ିକକୁ ପ୍ରତ୍ୟାହାର କରେ ଏବଂ ନାଟୋରେ ଯୋଗଦାନ ପାଇଁ ଜିଦ୍ ଛାଡିଦିଏ, ତେବେ ସେ ଶାନ୍ତି ପାଇଁ ରାଜି ହେବେ । ୟୁକ୍ରେନର ଖାରକିଭ, ସୁମି, ମାଇକୋଲାଇଭ, ଡ୍ରିପୋପେଟ୍ରୋଭସ୍କ ଏବଂ ସେଭାସ୍ତୋପୋଲ ମଧ୍ୟ ରୁଷ କବଜା କରିଛି । ରୁଷ ସେନା ଏହି ଅଞ୍ଚଳଗୁଡ଼ିକ ମଧ୍ୟରୁ କିଛିରେ ୪୦୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ଦଖଲ କରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ପୁଟିନ ୟୁକ୍ରେନରେ ଟ୍ରମ୍ପଙ୍କ ସହ ଯୁଦ୍ଧବିରତି ଚୁକ୍ତି ପାଇଁ ପ୍ରସ୍ତୁତ, କିନ୍ତୁ ସେ କୌଣସି ପ୍ରମୁଖ ଅଞ୍ଚଳକୁ ଛାଡ଼ିବାକୁ ରାଜି ନୁହନ୍ତି ।

ରୁଷ କହିଛି ଯେ ସେ ଏହାର କୁର୍ସ୍କ ଅଞ୍ଚଳକୁ ୟୁକ୍ରେନ ଆକ୍ରମଣରୁ ରକ୍ଷା କରିବା ପାଇଁ ସୁମିରେ ଏକ ବଫର ଜୋନ୍ କରୁଛି । ରୁଷ ଏହା ମଧ୍ୟ କହି ଆସୁଛି ଯେ କ୍ରିମିଆ, ସେଭାସ୍ତୋପୋଲ୍, ଲୁହାନସ୍କ, ଡୋନେଟସ୍କ, ଜାପୋରିଜିଆ ଏବଂ ଖେରସନ ଅଞ୍ଚଳଗୁଡ଼ିକ ରୁଷ ଫେଡେରେସନର ଅଂଶ । ତେବେ ୟୁକ୍ରେନ କିମ୍ବା ଅନ୍ୟ ଦେଶମାନେ ରୁଷର ଏହି ଦାବିକୁ ଖଣ୍ଡନ କରିଛନ୍ତି । ଜାତିସଂଘ ସାଧାରଣ ମହାସଭା ୨୦୧୪ରେ ଏହି ମିଶ୍ରଣକୁ ଅବୈଧ ଘୋଷଣା କରିଥିଲା ଏବଂ କ୍ରିମିଆ ୟୁକ୍ରେନର ବୋଲି କହିଥିଲା ।

## ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅଛନ୍ତି ଚନ୍ଦ୍ରବାବୁ: ଜଗନ



ଅମରାବତୀ:ନିର୍ବାଚନରେ ଭୋଟ ଚୋରି ପ୍ରସଙ୍ଗ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ପୁଣି ଥରେ ଏପରି ଏକ ମନ୍ତବ୍ୟ ଦେଇଛନ୍ତି ଯାହା ରାଜ୍ୟର ରାଜନୀତିକୁ ଉଷ୍ମ କରିଦେଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆରସିପି ମୁଖ୍ୟ ଜଗନ ମୋହନ ରେଡ୍ଡୀ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେ ପ୍ରଶ୍ନ ଉଠାଇଛନ୍ତି, ଭୋଟ ଚୋରି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ସାରା ଦେଶରେ ସ୍ୱର ଉତ୍ତୋଳନ କରୁଛନ୍ତି, କିନ୍ତୁ ଆନ୍ଧ୍ରପ୍ରଦେଶର ନିର୍ବାଚନ ଅନିୟମିତତା ଉପରେ ସେ କାହିଁକି ଚୁପ୍ ଅଛନ୍ତି? ଜଗନ ମୋହନ ରେଡ୍ଡୀଙ୍କ ଏଭଳି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ରାହୁଲ ଗାନ୍ଧୀ ନିର୍ବାଚନ କମିସନଙ୍କର ସମସ୍ତ ତ୍ରୁଟିକୁ ପ୍ରକାଶ କରି କମିସନଙ୍କର ଭୁଲ୍କୁ ଜନସାଧାରଣଙ୍କ ସାମ୍ନାରେ ରଖିଛନ୍ତି। ଜଗନ ତାଙ୍କ ରାଜ୍ୟରେ ନିର୍ବାଚନ ଅନିୟମିତତା ବିଷୟରେ ଉଲ୍ଲେଖ କରି ଦାବି କରିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ଘୋଷିତ ଫଳାଫଳ ଏବଂ ଗଣତି ଦିନର ଫଳାଫଳ ମଧ୍ୟରେ ୧୨.୫ ପ୍ରତିଶତ ଭୋଟ୍ ପାର୍ଥକ୍ୟ ଥିଲା। ଏହା ଏକ ଗମ୍ଭୀର ବିଷୟ ଯାହା ଉପରେ ରାହୁଲ ଗାନ୍ଧୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଛି। ଜଗନଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆନ୍ଧ୍ର ପ୍ରଦେଶ ପୁଲିସ ୩୫୦୦ କୋଟି ଟଙ୍କାର ମଦ ଦୁର୍ନୀତିରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଯେଉଁଥିରେ ଜଗନଙ୍କ ନାମ ମଧ୍ୟ ସାମିଲ ଅଛି। ଏହି କାରଣରୁ ବିରୋଧୀ ଦଳଗୁଡ଼ିକ ତାଙ୍କ ଅଭିଯୋଗକୁ ଏକ ରାଜନୈତିକ ଅସ୍ତ୍ର ବୋଲି କହିଛନ୍ତି। ଏପରି ସ୍ଥଳେ ୱାଇଏସଆରସିପି ସମର୍ଥକମାନେ କହିଛନ୍ତି ଯେ, ଜଗନ କେବଳ ରାଜ୍ୟରେ ନୁହେଁ ବରଂ ଜାତୀୟ ସ୍ତରରେ ବିରୋଧୀ ରାଜନୀତିର ଦିଗ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ, ରାଜ୍ୟର ରାଜନୈତିକ ସମୀକ୍ଷକଙ୍କ ଅନୁସାରେ ଏହି ମନ୍ତବ୍ୟ ଆଗାମୀ ମାସଗୁଡ଼ିକରେ ଆନ୍ଧ୍ର ଏବଂ ତେଲେଙ୍ଗାନାର ରାଜନୀତିକୁ ଆହୁରି ଜଟିଳ କରିପାରେ। ରାଜନୈତିକ ସମୀକ୍ଷକଙ୍କ ନଜର କଂଗ୍ରେସ ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି) ମଧ୍ୟରେ ହେବାକୁଥିବା ସମ୍ଭାବ୍ୟ ସମୀକରଣ ଉପରେ ମଧ୍ୟ ରହିଛି। ଜଗନ ମୋହନ ରେଡ୍ଡୀଙ୍କ ଏହି ଦାବି ବିଜେପି ଶିବିରରେ ଆଲୋଚନାକୁ ତୀବ୍ର କରିଥିବା ବେଳେ, କଂଗ୍ରେସ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହିଁ।

## ମିଳିବନି କରୋନା କାଳର ୧୮ ମାସର ଡିଏ, ଡିଆର୍



ନୂଆଦିଲ୍ଲୀ: କୋଭିଡ-୧୯ ମହାମାରୀ କାଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରୋକା ଯାଇଥିବା କର୍ମଚାରୀଙ୍କ ୧୮ ମାସର ମହଙ୍ଗା ଭତ୍ତା (ଡିଏ) ଓ ପେନସନରଙ୍କ ବକେୟା ଡିଆର ରାଶି ମିଳିବ ନାହିଁ। ସଂସଦର ମୌସୁମୀ ଅଧିବେଶନରେ ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଏହା ସ୍ପଷ୍ଟ କରିଦେଇଛନ୍ତି। ସେ କହିଛନ୍ତି ଯେ ଆର୍ଥିକ କାରଣ ଯୋଗୁ ଏହି ସମୟର ଏରିୟର ଜାରି କରିବା ସରକାରଙ୍କ ନିମନ୍ତେ ସମ୍ଭବ ନୁହେଁ। ଅର୍ଥ ରାଜ୍ୟମନ୍ତ୍ରୀଙ୍କ ଏହି ସୂଚନା ଦେଶର ଲକ୍ଷଲକ୍ଷ ସରକାରୀ କର୍ମଚାରୀ ଓ ପେନସନରଙ୍କୁ ନିରାଶ କରିଛି।

ଜାନୁୟାରୀ ୨୦୨୦ରୁ ଜୁନ ୨୦୨୧ ପର୍ଯ୍ୟନ୍ତ କେନ୍ଦ୍ର ସରକାର କର୍ମଚାରୀଙ୍କ ୩ଟି ଡିଏ ଓ ଡିଆରକୁ ଫ୍ରିଜ କରିଦେଇଥିଲେ। କରୋନା କାଳର କଠିନ ଆର୍ଥିକ ପରିସ୍ଥିତିକୁ ଧ୍ୟାନରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିଲେ। ଏହି କାଳରେ ସରକର ମୋଟ ୩୪,୪୦୨ କୋଟି ଟଙ୍କା ସଞ୍ଚୟ କରିଥିଲେ। ହେଲେ ଏହି ରାଶି ଏବେବି କର୍ମଚାରୀ ଓ ପେନସନରଙ୍କୁ ମିଳି ନାହିଁ। ଏଣୁ ବିଭିନ୍ନ କର୍ମଚାରୀ ସଙ୍ଗଠନ, ଫେଡେରେସନ ଓ ପେନସନର ଆସୋସିଏସନ ଲଗାତାର ସରକାରଙ୍କ ନିକଟରେ ଏହି ବକେୟା ରାଶି ଜାରି କରିବାକୁ ଦାବି କରୁଛନ୍ତି।

ଏ ନେଇ ଜେସିଏମ ଷ୍ଟାଫ ସାଇଡ, ନ୍ୟାସନାଲ ଜଏଣ୍ଟ କାଉନସିଲ ଅଫ ଆକ୍ସନ (ଏନଜେସିଏ) ଓ ଅଖିଳ ଭାରତୀୟ ରକ୍ଷା କର୍ମଚାରୀ ମହାସଂଘଙ୍କ ଭଳି ପ୍ରମୁଖ ସଂସ୍ଥାମାନେ ଅର୍ଥମନ୍ତ୍ରାଳୟ ଓ କ୍ୟାବିନେଟ୍ ସଚିବଙ୍କୁ ବାରମ୍ବାର ଜ୍ଞାପନ ମଧ୍ୟ ଦେଲେଣି। କର୍ମଚାରୀ ସଙ୍ଗଠନମାନେ ତର୍କ ଦେଉଛନ୍ତି ଯେ ଏହା କେବଳ ସେମାନଙ୍କର ଭତ୍ତା ନୁହେଁ ବରଂ କର୍ମଚାରୀଙ୍କ ବୈଧ ଆୟର ସ୍ରୋତ। ଏହାକୁ ରୋକି ସେମାନଙ୍କ ସହିତ ଅନ୍ୟାୟ କରାଯାଉଛି। ଏ ନେଇ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତିର ଉଦାହରଣ ଦେଇ ଏପରି ମାମଲାରେ ସରକାର କର୍ମଚାରୀଙ୍କୁ ବିଳମ୍ବ ଲାଗି ସୁଧ ସହିତ ପୈଠ କରିବାକୁ ପଡିଥାଏ ବୋଲି ମଧ୍ୟ କହୁଛନ୍ତି।

ତେବେ ସରକାର କହିଛନ୍ତି ଯେ କୋଭିଡ ସମୟରେ ଯେଉଁ ଆର୍ଥିକ ଚାପ ପଡିଥିଲା ସେଥି ପାଇଁ କର୍ମଚାରୀଙ୍କ ଡିଏ ଓ ଡିଆର ଫ୍ରିଜ କରିବା ଆବଶ୍ୟକଥିଲା। ଏଣୁ ଅର୍ଥମନ୍ତ୍ରୀ ଓ ଅର୍ଥ ରାଜ୍ୟମନ୍ତ୍ରୀ ବାରମ୍ବାର ଦୋହରାଉଛନ୍ତି ଯେ ବକେୟା ପୈଠର ପ୍ରଶ୍ନ ହିଁ ଉଠୁନାହିଁ। ସେମାନଙ୍କ ତର୍କ ହେଉଛି ବର୍ତ୍ତମାନ ମଧ୍ୟ ଦେଶର ରାଜକୋଷ ସ୍ଥିତି ଏଫଆରବିଏମ ଅଧିନିୟମର ଅନୁମାନ ସ୍ତରରୁ ଉପରେ ରହିଛି, ଏଣୁ ଏପରି ବ୍ୟୟ ବ୍ୟବହାରିକ ନୁହେଁ।

ତେବେ ଏହି ପ୍ରସଙ୍ଗ ଏବେ ଆର୍ଥିକ ହୋଇ ରହି ନାହିଁ, ବରଂ ରାଜନୈତିକ ଓ ନୈତିକ ଦାୟିତ୍ୱ ସହିତ ଯୋଡି ହୋଇଯାଇଛି। ସାଂସଦ ଆନନ୍ଦ ଭଦୌରିୟାଙ୍କ ଭଳି ନେତାମାନେ ସଂସଦରେ ବାରମ୍ବାର 'ସରକାରୀ ଆର୍ଥିକ ବାଧବାଧକତା ନାମରେ କର୍ମଚାରୀଙ୍କ ହକ କୁ ଅଣଦେଖା କରୁଛନ୍ତି କି?' ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଥିରେ ବିରୋଧୀ ଦଳ ଓ ସରକାରୀ କର୍ମଚାରୀଙ୍କ ସଙ୍ଗଠନ କହୁଛନ୍ତି ଯେତେବେଳେ ସରକାର ଅର୍ଥ ବ୍ୟବସ୍ଥା ସୁଧୁରିଥିବାର କଥା କହୁଛନ୍ତି ନୂଆ ଯୋଜନା ଓ ପ୍ରକଳ୍ପ ବାବଦେ ଖର୍ଚ୍ଚ କରୁଛନ୍ତି ଏଥିରେ କର୍ମଚାରୀଙ୍କୁ ବେକାୟ କାହିଁକି ଦେଉନାହାନ୍ତି? ବୋଲି ପ୍ରଶ୍ନ କରୁଛନ୍ତି।

## ଐତିହାସିକ ଉପଲବ୍ଧି : ପୂର୍ବତଟ ରେଳପଥର ରେକର୍ଡ ସମୟରେ ୧୦୦ ଏମ୍‌ଟି ମାଲ ପରିବହନ

ଭୁବନେଶ୍ୱର, ୧୩ ଅଗଷ୍ଟ, ୨୦୨୫: ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ଭାବରେ ଇତିହାସରେ ନିଜର ନାମ ଲିପିବଦ୍ଧ କରିଛି, ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (MT) ମାଲ ପରିବହନ ରେକର୍ଡ ହାସଲ କରିଛି, ଯାହା ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ବର୍ଷ ତୁଳନାରେ ୧୦.୭% ବୃଦ୍ଧି ଅଟେ । ଏହି ମାଇଲଖୁଣ୍ଟ ୨୦୨୪-୨୫ ରେ ହାସଲ ହୋଇଥିବା ୧୪୮ ଦିନର ପୂର୍ବ ରେକର୍ଡ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ପୂର୍ବତଟ ରେଳପଥ ୧୨ ଅଗଷ୍ଟ ୨୦୨୫ରେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି ଯାହା ଏହାର ନିରନ୍ତର ଅଭିବୃଦ୍ଧି ପଥ ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତାକୁ ପ୍ରତିଫଳିତ କରୁଛି ।

ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ଅବଦାନକାରୀ। ପୂର୍ବତଟ ରେଳପଥ ଚଳିତ ବର୍ଷ 57.734 ନିୟୁତ ଟନ୍ କୋଇଲା ଲୋଡ୍ କରିଛି ଯାହାକି ଗତ ବର୍ଷର ସମାନ ସମୟରେ 55.17 ନିୟୁତ ଟନ୍ ତୁଳନାରେ 4.6% ଅଧିକ ଅଟେ । ସେହିପରି, ଏହା 25.984 ନିୟୁତ ଟନ୍ ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ 21.758 ନିୟୁତ ଟନ୍ ଥିଲା ଯାହା 19.4% ବୃଦ୍ଧିକୁ ପ୍ରତିଫଳିତ କରୁଛି । ସେହିପରି, 0.409 ନିୟୁତ ଟନ୍ ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ 0.308 ନିୟୁତ ଟନ୍ ତୁଳନାରେ 32.8% ପ୍ରଶଂସନୀୟ ବୃଦ୍ଧି ଅଟେ । ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ୍ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ୍ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ୍ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି। ଏହି ମାଇଲଖୁଣ୍ଟ ପୂର୍ବତଟ ରେଳପଥର ରଣନୈତିକ ଯୋଜନା, ମାଲ ପରିବହନ କାର୍ଯ୍ୟର ଦକ୍ଷ କାର୍ଯ୍ୟାନ୍ୱୟନ ଏବଂ ଗ୍ରାହକମାନଙ୍କ ସହିତ ପ୍ରଭାବଶାଳୀ ସମନ୍ୱୟର ଏକ ପ୍ରମାଣ। କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି ଉଚ୍ଚ-ଚାହିଦା କ୍ଷେତ୍ର ଉପରେ ଲକ୍ଷ୍ୟ ଭିତ୍ତିଭୂମି ଏବଂ ସମ୍ବଳର ସର୍ବୋତ୍ତମ



ବ୍ୟବହାର ଏହି ସଫଳତାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି। ଏହି ସଫଳତା ସହିତ, ପୂର୍ବ ତଟ ରେଳପଥ ଭାରତର 17ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, ଦେଶର ଲଜିଷ୍ଟିକ୍ସ ନେଟୱାର୍କକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

## ବିଶ୍ୱର ସବୁଠୁ ଲମ୍ବା ଟ୍ରେନ : ଲାଗିଛି ୮ ଇଞ୍ଜିନ୍, ୬୮୨ ବଗି

ନୂଆଦିଲ୍ଲୀ: ଭାରତୀୟଙ୍କ ପାଇଁ ଟ୍ରେନ୍ ହେଉଛି ଲାଇଫ୍ ଲାଇନ୍ । ଟ୍ରେନ ମାଧ୍ୟମରେ କମ୍ ଖର୍ଚ୍ଚରେ ଅତି ସହଜରେ ଯିବା ଆସିବା କରନ୍ତି ଲୋକେ । ସମସ୍ତେ ପ୍ରାୟ ଅନେକ ପ୍ରକାର ଟ୍ରେନ୍ ଦେଖିଥିବେ । କିନ୍ତୁ ଜାଣନ୍ତି କି ଦୁନିଆର ସବୁଠୁ ବଡ଼ ଟ୍ରେନ୍ କେଉଁଠି ଏବଂ ଏହା କେଉଁଠି ଚାଲିଥାଏ ?

ଭାରତୀୟ ରେଳବାଇ ଦେଶର ସବୁଠାରୁ ଲମ୍ବା ଟ୍ରେନର ନାଁ 'ରୁଦ୍ରସ୍ତ୍ର' । ଏହି ମାଲବାହୀ ଟ୍ରେନର ମୋଟ ଲମ୍ବ ୪.୫ କିଲୋମିଟର ଏବଂ ଏଥିରେ ୩୫୪ଟି ୱାଗନ ଅଛି । ଏହାକୁ ୭ଟି ଇଞ୍ଜିନ ଏକତ୍ର ଟାଣିଥାଏ। 'ରୁଦ୍ରସ୍ତ୍ର' ଗଞ୍ଜଖ୍ୱାଜା ଷ୍ଟେସନରୁ ଆରମ୍ଭ ହୋଇ ପ୍ରାୟ ୨୦୦ କିଲୋମିଟର ଦୂର ଗଢ଼ୱା ରୋଡରେ ପହଞ୍ଚିଥିଲା ଏବଂ ୫ ଘଣ୍ଟାରେ ଏହି ଯାତ୍ରା ଅତିକ୍ରମ କରିଥିଲା।

ତେବେ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ହେଉଛି ଅଷ୍ଟ୍ରେଲିଆରେ ଚାଲୁଥିବା ଅଷ୍ଟ୍ରେଲିୟାନ BHP ଲୁହା ପଥର। ଏହା ମଧ୍ୟ ଏକ ମାଲବାହୀ ଟ୍ରେନ। ଏହି ଟ୍ରେନର ଲମ୍ବ ୭.୩ କିଲୋମିଟର । ଏଥିରେ ୬୮୨ଟି କୋଚ୍ ଅଛି । ତଥ୍ୟ ଅନୁଯାୟୀ ଏଥିରେ ୨୨ଟି ଆଇଫିଲ୍ ଟାୱାର ଫିଟ୍ ହୋଇପାରିବ । ଏତେ ଲମ୍ବା ଟ୍ରେନକୁ ଟାଣିବା ପାଇଁ ଏଥିରେ ଲାଗିଛି ୮ଟି ଇଞ୍ଜିନ ।ଯାହା ଟ୍ରେନକୁ ଏକତ୍ର ଟାଣିଥାଏ। ସମ୍ପୂର୍ଣ୍ଣ ଟ୍ରେନଟିରେ ୫,୬୪୮ ଚକ ଅଛି । ଏହାର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି ।

ଅଷ୍ଟ୍ରେଲିୟ BHP ଲୁହା ପଥର କେବଳ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ଓଜନଦାର ଟ୍ରେନ ଏବଂ ଏହାର ଓଜନ ଏକ ଲକ୍ଷ ଟନ୍ ରୁ ଅଧିକ। ଅଷ୍ଟ୍ରେଲିୟ BHP ଲୁହା ପଥର ଟ୍ରେନ ଲୁହା ପଥର ପରିବହନ ପାଇଁ ବ୍ୟବହୃତ ହୁଏ। ସେଥିପାଇଁ ଏହାକୁ BHP ଲୁହା ପଥର ଟ୍ରେନ କୁହାଯାଏ। ଏହି ମାଲବାହୀ ଟ୍ରେନ ମୋଟ ୯୯, ୭୪୩ ଟନ୍ ଲୁହା ପଥର ବହନ କରେ।BHP ଏହି ଟ୍ରେନକୁ ୨୧ ଜୁନ୍ ୨୦୦୧ ରେ ଆରମ୍ଭ କରିଥିଲା। ୟାଣ୍ଡି ଖଣିରୁ ଅଷ୍ଟ୍ରେଲିଆର ପୋର୍ଟ ହେଡଲ୍ୟାଣ୍ଡ ପର୍ଯ୍ୟନ୍ତ ଚାଲୁଥିବା ଏହି ଟ୍ରେନ ୨୭୫ କିଲୋମିଟର ଦୂରତା ଅତିକ୍ରମ କରେ, ଯାହା ୧୦ ଘଣ୍ଟା ସମୟ ନିଏ। ଏଥିରେ ସଂଲଗ୍ନ ଇଞ୍ଜିନରେ ବସିଥିବା ଲୋକୋ ପାଇଲଟ୍ ଅନ୍ୟ ୭ଟି ଇଞ୍ଜିନକୁ ଏକକାଳୀନ ନିୟନ୍ତ୍ରଣ କରିପାରିବ, ତେବେ ଏହି ଇଞ୍ଜିନଗୁଡ଼ିକ ଟ୍ରେନର ଲମ୍ବରେ ପ୍ରାୟ ଏକ କିଲୋମିଟର ବ୍ୟବଧାନରେ ସ୍ଥାପିତ ହୋଇଥାଏ।

## ଆମେରିକା ସହ ଟାରିଫ ଯୁଦ୍ଧ: ରୁଷ ଯିବେ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ: ଆମେରିକା ସହ ଟାରିଫ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରୁଷ ଗସ୍ତ କରିବେ। ଆସନ୍ତା ଅଗଷ୍ଟ ୨୦-୨୧ ଦୁଇ ଦିନ ଧରି ସେ ରୁଷ ଗସ୍ତରେ ଯିବେ। ଏହି ସମୟରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସେରଗେୟ ଲାଭରୋଭଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ।ରୁଷଠାରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଟାରିଫ ଲଗାଇଛି ଆମେରିକା। ଏହାକୁ ନେଇ ବିବାଦ ତୀବ୍ର ହେଉଥିବା ବେଳେ ଜୟଶଙ୍କର ରୁଷ ଗସ୍ତ କରୁଛନ୍ତି। ଏହାପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ ଯୋଗେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ କଥା ହୋଇଥିଲେ।ଉଭୟ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ କଥା ହୋଇଥିଲେ। ସେହିପରି ଗତ ସପ୍ତାହରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ ଗସ୍ତ କରି ପୁଟିନଙ୍କ ସହ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ବୈଠକ ପରେ ପୁଟିନ ଖୁବଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ସେ ସୂଚନା ଦେଇଥିଲେ।ଏବେ ଜୟଶଙ୍କର ରୁଷ ଯାଇ ବୈଦେଶିକ ମନ୍ତ୍ରୀ ଲାଭରୋଭଙ୍କ ସହ ବୈଠକ କରିବେ। ଏହି ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଠାରୁ ଆରମ୍ଭ କରି ଆମେରିକାର ଟାରିଫକୁ କେମିତି କାଉଣ୍ଟର କରାଯିବ, ସେବିଷୟରେ ମଧ୍ୟ ଦୁଇ ନେତା କଥା ହେବେ ବୋଲି ଜଣାପଡ଼ିଛି।



## ଟ୍ରମ୍ପଙ୍କ ଜାହାଜକୁ ଘଉଡ଼ାଇଲେ ଜିନପିଙ୍ଗ ସେନା

ବେଜିଂ/ୱାଶିଂଟନ:ଦକ୍ଷିଣ ଚୀନ୍ ସାଗରର ସ୍କାରବୋରୋ ଶୋଲ୍ ନିକଟରେ ଚୀନ୍ ଏବଂ ଆମେରିକୀୟ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଖବର ଆସିଛି। ଚୀନ୍ କହିଛି ଯେ, ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଏକ ଆମେରିକୀୟ ବିଧ୍ୱଂସକ ଯାତ୍ରା କରୁଥିଲା, ଯାହାକୁ ଆମେ ଗୁଳି କରି ଘଉଡ଼ାଇ ଦେଇଛୁ। ଆମେରିକା ସ୍କାରବୋରୋ ଶୋଲ୍ରେ ଅନୁପ୍ରବେଶ କରିଥିବା ଚୀନ୍ ଅଭିଯୋଗ କରିଛି। ଫିଲିପାଇନ୍ସର ସ୍କାରବୋରୋ ନିକଟରେ ଦୁଇଟି ଚୀନ୍ ଜାହାଜ ଧକ୍କା ଦେବା ଘଟଣାର ଗୋଟିଏ ଦିନ ପରେ ସ୍କାରବୋରୋ ଶୋଲ୍ରେ ଆମେରିକା ଏବଂ ଚୀନ୍ ମଧ୍ୟରେ ସଂଘର୍ଷ ଘଟିଛି।ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଚୀନ୍ ସେନା କହିଛି ଯେ, ଆମେରିକା ଯେଉଁଭଳି ଭାବରେ ସ୍କାରବୋରୋ ଶୋଲ୍ରେ ଅନୁପ୍ରବେଶ କରୁଛି ତାହା ଅନ୍ତର୍ଜାତୀୟ ଆଇନ ବିରୁଦ୍ଧ। ଆମେରିକା ସ୍କାରବୋରୋ ମାଧ୍ୟମରେ ଚୀନ୍ର ସାର୍ବଭୌମତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ କରିଛି। ଆମେରିକା କହିଛି, ସ୍କାରବୋରୋରେ ପ୍ରବେଶ କରିବା ସମୟରେ ଆମେ ଅନ୍ତର୍ଜାତୀୟ ଆଇନ ପାଳନ କରିଥିଲୁ। ଆମେରିକାର ସପ୍ତମ ନୌବାହିନୀ କହିଛି, ଏହି ଅଭିଯାନ ନୌଚାଳନା ସ୍ୱାଧୀନତା ଏବଂ ସମୁଦ୍ରର ବୈଧ ବ୍ୟବହାର ବଜାୟ ରଖିବା ପାଇଁ ଆମେରିକାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।ସୂଚନାଯୋଗ୍ୟ, ସ୍କାରବୋରୋ ହେଉଛି ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପରୁ ପ୍ରାୟ ୨୨୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଏକ ଅଗଭୀର ଦ୍ୱୀପ। ଏହି ଦ୍ୱୀପକୁ ଦକ୍ଷିଣ ଚୀନ୍ ସାଗରର ସବୁଠାରୁ ବ୍ୟସ୍ତ ବହୁଳ ଦ୍ୱୀପ ବୋଲି କୁହାଯାଏ। ଫିଲିପାଇନ୍ସ, ଚୀନ୍ ଏବଂ ତାଇୱାନ ଏହି ଦ୍ୱୀପକୁ ନିଜର ବୋଲି ଦାବି କରିଥାନ୍ତି।୨୦୧୨ ମସିହାରେ ଚୀନ୍ ଏଠାରେ ନିଜର ସୈନ୍ୟ ମୁତୟନ କରି ଫିଲିପାଇନ୍ସର ପ୍ରବେଶକୁ ପ୍ରତିବନ୍ଧିତ କରିଥିଲା। ଦକ୍ଷିଣ ଚୀନ୍ ସାଗରରେ ନିଜର ସହଯୋଗୀମାନଙ୍କୁ ସୁରକ୍ଷା ଦେବା ପାଇଁ ଆମେରିକା ନିରନ୍ତର ସକ୍ରିୟ ରହିଛି। ଚୀନ୍ ନିୟନ୍ତ୍ରଣକୁ ଚ୍ୟାଲେଞ୍ଜ କରିବା ପାଇଁ ଆମେରିକା ସମୟ ସମୟରେ ସେଠାକୁ ଜାହାଜ ପଠାଇଥାଏ।ଏପରି ଏକ ଅପରେସନ ସମୟରେ ବୁଧବାରନ ସ୍କାରବୋରୋ ଶୋଲ୍ ନିକଟରେ ଉଭୟ ଦେଶର ସେନା ମୁହାଁମୁହିଁ ହୋଇଥିଲେ। ଏପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ କୌଣସି କ୍ଷତି ହୋଇଥିବା ଖବର ନାହିଁ।

## ହର ଘର ତିରଙ୍ଗା: ଜନସାଧାରଣଙ୍କ ଏକ ଉତ୍ସବ

ନୂଆଦିଲ୍ଲୀ: ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଆରମ୍ଭ ହୋଇଥିବା ହର ଘର ତିରଙ୍ଗା ଅଭିଯାନକୁ ଭାରତର ଜାତୀୟ ପତାକା ସହିତ ସମ୍ପର୍କକୁ ଗଭୀର କରିବାର ଏକ ଉପାୟ ଭାବରେ କଳ୍ପନା କରାଯାଇଥିଲା। ଏହି ଧାରଣା ସରଳ କିନ୍ତୁ ଗଭୀର ଥିଲା - ପ୍ରତ୍ୟେକ ନାଗରିକଙ୍କୁ ତିରଙ୍ଗା ଘରକୁ ଆଣିବା, ଏହାକୁ ଗର୍ବର ସହିତ ଉତ୍ତୋଳନ କରିବା ଏବଂ ଭାରତର ସ୍ୱାଧୀନତାକୁ ଏକ ସହଭାଗୀ ଏବଂ ହୃଦୟସ୍ପର୍ଶୀ ଅଭିଜ୍ଞତା ଭାବରେ ପାଳନ କରିବାକୁ ଉତ୍ସାହିତ କରିବା। ସଂସ୍କୃତି ମନ୍ତ୍ରଣାଳୟ ଏହି ଦେଶବ୍ୟାପୀ ପଦକ୍ଷେପକୁ ପରିଚାଳନା କରିବା କ୍ଷେତ୍ରରେ ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରେ।


ଏହାର ଆରମ୍ଭରୁ, ହର ଘର ତିରଙ୍ଗା ଏକ ବାର୍ଷିକ କାର୍ଯ୍ୟକ୍ରମରୁ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି, ଏହା ଦେଶର ପ୍ରତ୍ୟେକ କୋଣରୁ - ବ୍ୟସ୍ତବହୁଳ ସହରରୁ ଦୂରବର୍ତ୍ତୀ ଗ୍ରାମ, କର୍ପୋରେଟ୍ କାର୍ଯ୍ୟାଳୟରୁ ବିଦ୍ୟାଳୟ, ପ୍ରତିରକ୍ଷା ବାହିନୀରୁ ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟନ୍ତ - ଅଭୂତପୂର୍ବ ଅଂଶଗ୍ରହଣ ଆଣିଛି। ଏହି ଅଭିଯାନକୁ ଇ-କମର୍ସ ପ୍ଲାଟଫର୍ମ, ରେଳବାଇ, ବେସାମରିକ ବିମାନ ଚଳାଚଳ, ସଶସ୍ତ୍ର ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ଠାରୁ ସମର୍ଥନ ମିଳିଛି, ଯାହା ନିଶ୍ଚିତ କରୁଛି ଯେ ଦେଶପ୍ରେମର ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚିବ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବୃହତ ପରିମାଣର ପତାକା ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ଯାହା ନିଶ୍ଚିତ କରେ ଯେ ତିରଙ୍ଗା ସମସ୍ତଙ୍କ ପାଇଁ ସହଜରେ ଓ ସୁଲଭରେ ଉପଲବ୍ଧ ହୋଇପାରିବ।




ତିରଙ୍ଗା କେବଳ ଏକ ପତାକା ନୁହେଁ - ଏହା ଭାରତର ଏକତା, ବିବିଧତା ଏବଂ ସ୍ଥିରତାର ଏକ ଜୀବନ୍ତ ପ୍ରତୀକ। ହର ଘର ତିରଙ୍ଗା 2025 ଅଭିଯାନ ପୂର୍ବ ବର୍ଷଗୁଡ଼ିକର ଚମତ୍କାର ସଫଳତା ଉପରେ ଆଧାରିତ। ଏହା ନୂତନ ଶକ୍ତି, ସୃଜନଶୀଳତା ଏବଂ ନାଗରିକମାନଙ୍କୁ ଗଭୀର ବ୍ୟକ୍ତିଗତ ଏବଂ ଗୋଷ୍ଠୀ-ଚାଳିତ ଉପାୟରେ ଜାତୀୟ ପତାକା ସହିତ ଯୋଡ଼ି ହେବାର ସୁଯୋଗ ପ୍ରଦାନ କରୁଛି।

ହର ଘର ତିରଙ୍ଗା ଭାରତର ପତାକା ସଂହିତା ସହିତ ପାଳନ କରାଯାଏ, ଯାହା ନାଗରିକମାନଙ୍କୁ ଜାତୀୟ ପତାକାର ମର୍ଯ୍ୟାଦା, ସମ୍ମାନ ଏବଂ ପ୍ରତୀକକୁ ବୁଝିବା ଏବଂ ବଜାୟ ରଖିବା ପାଇଁ ଉତ୍ସାହିତ କରେ। ପ୍ରତିବର୍ଷ, ଏହି ଦେଶବ୍ୟାପୀ ପଦକ୍ଷେପ ତ୍ରିରଙ୍ଗା ଉତ୍ତୋଳନର ସରଳ କାର୍ଯ୍ୟକୁ ଏକତା ଏବଂ ଦେଶପ୍ରେମର ଏକ ସାମୂହିକ ଉତ୍ସବରେ ପରିଣତ କରେ, କାରଣ ସମଗ୍ର ଭାରତରେ ଘର, ସ୍କୁଲ, ଅଫିସ ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକ ସ୍ପନ୍ଦନଶୀଳ କମଳା, ଧଳା ଏବଂ ସବୁଜ ରଙ୍ଗରେ ସଜ୍ଜିତ ହୋଇଥାଏ।

# ସୁଶୀଲଙ୍କ ଜାମିନ ରଦ୍ଦ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮(ଏଜେନ୍ସି) : ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ବିରୋଧରେ ସାଗର ଧନକରଙ୍କୁ ହତ୍ୟା କରିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଯାହାକୁ ନେଇ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ୍ ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟ ସୁଶୀଲ କୁମାରଙ୍କ ଜାମିନକୁ ଖାରଜ କରିବା ସହ ଏକ ସପ୍ତାହ ମଧ୍ୟରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କୁ ଓକିଲ କହିଛନ୍ତି ପୀଡିତାଙ୍କ ବାପା ଅଶୋକ ଧନକରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୁଶୀଲଙ୍କ ଜାମିନ୍ ଆଦେଶକୁ ଖାରଜ କରିଛନ୍ତି। ସୁଶୀଲ କୁମାର ସମସ୍ତ ସରକାରୀ ସାକ୍ଷୀମାନଙ୍କ ସହ ହେରଫେର କରିଥିଲେ। ଯେଉଁଥି ପାଇଁ ସେମାନେ ସମସ୍ତେ ନିମ୍ନ ଅଦାଲତରେ ନିଜର ବୟାନ୍ ପ୍ରତ୍ୟାହାର କରିଥିଲେ। ଏଥି ସହିତ ତାଙ୍କୁ ଯେଉଁ ଜାମିନ୍ ମିଳିଥିଲା ତାହା ମଧ୍ୟବର୍ତ୍ତୀକାଳୀନ ଜାମିନ୍ ଥିଲା। ଯାହାକି ଆଇନଗତ ନଥିଲା। ସୁଶୀଲ କୁମାର ୨୦୦୪ ମେ ୪ ତାରିଖରେ ଏକ ବିବାଦରେ ଦିଲ୍ଲୀର ଛତ୍ରଶାଳ ଷ୍ଟାଡିୟମ୍‌ରେ ପାର୍କି ସ୍ଥାନରେ ଜୁନିୟର ମଲ୍ଲ ଯୋଦ୍ଧା ସାଗର ଧନକର ଏବଂ ତାଙ୍କ ବନ୍ଧୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ଆହତ ସାଗରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ମଲ୍ଲ ଯୋଦ୍ଧା ମଧ୍ୟ ଆହତ ହୋଇଥିଲେ। ପରେ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରି ପୋଲିସ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା। ଚାର୍ଜସିଟ୍‌ରେ ୧୩ ଜଣଙ୍କ ନାମ ଦିଆଯାଇଥିଲା। ଏହି ମାମଲାରେ ଜଡିତ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଥିରେ ସୁଶୀଲ ଓ ତାଙ୍କ ବନ୍ଧୁ ମାଡ ମାରୁଥିବା ଦେଖାଯାଇଥିଲା।

# ସୁରେଶ ରାଇନାଙ୍କୁ ଇଡି ସମନ୍

ନୂଆଦିଲ୍ଲୀ,୧୩।୮(ଏଜେନ୍ସି) : ବେଟିଂ ଆପ୍ ମାମଲାରେ ପୂର୍ବତନ କ୍ରିକେଟ୍‌ର ସୁରେଶ ରାଇନାଙ୍କୁ ସମନ ହୋଇଛି। ଦିଲ୍ଲୀର ଇଡି ଅଫିସରରେ ହାଜର ହେବା ପାଇଁ ତାଙ୍କୁ ସମନ ହୋଇଛି। ୱାନ୍ ଏକ୍ସ ବେଡ୍ ବେଟିଂ ଆପ୍ ମାମଲାର ଖୋଳତାଡ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏହି ତଦନ୍ତ ଦିଲ୍ଲୀର ଇଡି ମୁଖ୍ୟାଳୟ ହେବ। ସୁରେଶ ରାଇନା ହାଜର ହେବାକୁ ନୋଟିସ୍ ହୋଇଛି। ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର। ବେଟିଂ ଆପ୍ ମାମଲାର ଇଡି ମନି ଲଣ୍ଡରିଂର ତଦନ୍ତ କରୁଛି। ସୁରେଶ ରାଇନାର ବ୍ୟତୀତ ଅନେକ କ୍ରିକେଟର ଏବଂ ବଲିଉଡ୍ ସେଲିବ୍ରେଟି ଇଡିର ନଜରରେ ଅଛନ୍ତି। ହାଇଦ୍ରାବାଦର ମିୟାପୁର ପୋଲିସ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବେଟିଂ ଆପ୍ ପ୍ରଚାର କରିବା ପାଇଁ ୨୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଅଭିନେତାଙ୍କ ମଧ୍ୟରେ ରାଣା, ପ୍ରକାଶ ରାଜ, ମଞ୍ଜୁ ଲକ୍ଷ୍ମୀ ଏବଂ ନିଧି ଅଗ୍ରୱାଲଙ୍କ ନାମ ଅନ୍ତର୍ଭୁକ୍ତ। ପୂର୍ବରୁ ମାର୍ଚ୍ଚ ୧୭ରେ ହାଇଦ୍ରାବାଦର ପଶ୍ଚିମ ଜୋନ୍ ପୋଲିସ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବେଟିଂ ଆପ୍ ପ୍ରଚାର କରିବା ପାଇଁ ୩ ଜଣ ମହିଳାଙ୍କ ସମେତ ମୋଟ ୧୧ ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିଥିଲା। ଏହି ଆପଗୁଡିକ ଜୁଆ ଆଇନ୍ ଓ ନିୟମାବଳୀଙ୍କୁ ସିଧାସଳଖ ଉଲ୍ଲଙ୍ଘନ କରୁଛି।



# ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ଦ୍ୱିତୀୟ ସ୍ଥାନରେ ରୋହିତ




ନୂଆଦିଲ୍ଲୀ, ୧୩।୮(ଏଜେନ୍ସି) : ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟର ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛନ୍ତି। ସେ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକାଇଛନ୍ତି। ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲ୍ ଦିନିକିଆରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପ୍ରଥମେ ୫ ଜଣ ବ୍ୟାଟ୍ସ ମ୍ୟାନଙ୍କ ମଧ୍ୟରେ ତୃତୀୟ ଭାରତୀୟ ଭାବେ କୋହଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ରୋହିତଙ୍କ ରେଟିଂ ପଏଣ୍ଟ ୭୫୬ ଓ କୋହଲିଙ୍କ ରେଟିଂ ପଏଣ୍ଟ ୭୩୬। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ପାକିସ୍ତାନର ବାବର ଭଲ ପ୍ରଦର୍ଶନ ନକରିବା ଯୋଗୁଁ ରୋହିତ ଫାଇଦାରେ ରହିଛନ୍ତି। ଆଗାମୀ ଅକ୍ଟୋବରରେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଉଭୟ ଦେଶ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ପ୍ରଥମ ୧୫ ଜଣଙ୍କ ମଧ୍ୟରେ ଶ୍ରେୟାଶ ଆୟର ଓ ଲୋକେଶ ରାହୁଲ ରହିଛନ୍ତି। ଶ୍ରେୟାସ ଅଷ୍ଟମ ସ୍ଥାନ ଓ ରାହୁଲ ୧୫ ତମ ସ୍ଥାନରେ ରହିଛନ୍ତି।


## ଏସିଆ କପ୍

# ବୈଭବଙ୍କୁ ଡାକରା




ନୂଆଦିଲ୍ଲୀ, ୧୩।୮(ଏଜେନ୍ସି) : ଆଉ କିଛି ଦିନର ଅପେକ୍ଷା ପରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏହି ବଡ ପ୍ରତିଯୋଗିତା ପୂର୍ବରୁ ଏକ ଭଲ ଖବର ଆସିଛି। ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇନାହିଁ। କିନ୍ତୁ ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏସିଆ କପ୍ ଲାଗି ଯୁବ ଖେଳାଳିଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଛି। ଏଥର ଦମ୍ ଦେଖାଇବେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ବିସିସିଆଇର ଡାକରା ପରେ ବୈଭବ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ତାଙ୍କୁ ଭାରତୀୟ ଦଳରେ ପ୍ରବେଶ କରିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। ଆଇପିଏଲ୍‌ରେ ବୈଭବ ନିଜର ସୁପରସୋ ଦେଖାଇଥିଲେ। ଚୌକା ଛକାର ବର୍ଷା କରି ଚର୍ଚ୍ଚାକୁ ଆସିଥିଲେ। ଡେବ୍ୟୁ ମ୍ୟାଚରେ ଏତେ ଭଲ କରିନଥିଲେ ବି ଛକାରୁ କ୍ୟାରିୟର ଆରମ୍ଭ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଦ୍ରୁତତମ ଶତକ ହାସଲ କରି ଏକାଧିକ ରେକର୍ଡ ଭାଙ୍ଗିଥିଲେ। ରାତାରାତି ଜିରୋରୁ ସେ ହିରୋ ବନିଥିଲେ। ତେଣୁ ତାଙ୍କ ଭବିଷ୍ୟତ ଆଇପିଏଲରୁ ଚମକି ଥିଲା। ବିସିସିଆଇ ମଧ୍ୟ ଏହି କୁନି ପ୍ରତିଭାଙ୍କ ଉପରେ ନଜର ରଖିଥିଲା। ଗତ ଇଂଲଣ୍ଡ ଗସ୍ତରେ ବୈଭବଙ୍କ ଚମକପ୍ରଦ ଇନିଂସ ତାଙ୍କୁ ଭାରତୀୟ ଦଳରେ ଏଣ୍ଟ୍ରି କରିବାର ବାଟ ପରିଷ୍କାର କରିଛି। ତେଣୁ ଏସିଆ କପ୍ ପୂର୍ବରୁ ବୈଭବଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି।

# ଫ୍ରାନ୍ସରେ ବାନ୍ଧବୀଙ୍କ ସହ ଯଶସ୍ୱୀ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପରେ ଭାରତୀୟ ଦଳର ଅଧିକାଂଶ ସଦସ୍ୟ ଫେରିଆସିଛନ୍ତି। କିନ୍ତୁ ଓପନର ଯଶସ୍ୱୀ ଜୟସ୍ୱାଲ ଭାରତ ନଫେରି ଫ୍ରାନ୍ସରେ ବୁଲୁଛନ୍ତି। ରିପୋର୍ଟ ମୁତାବକ ମ୍ୟାଡି ହେମଲିଟନ୍‌ଙ୍କ ସହ ଯଶସ୍ୱୀ ଫ୍ରାନ୍ସ ଯାଇଛନ୍ତି। ଯଶସ୍ୱୀ ତାଙ୍କ ସୋସିଆଲ ମିଡିଆରେ ଆକାଉଣ୍ଟରେ ଫ୍ରାନ୍ସ ଭ୍ରମଣର ଫଟୋ ସେୟାର କରିଛନ୍ତି। ଅବଶ୍ୟ ଏହି ଫଟୋରେ ମ୍ୟାଡିଙ୍କୁ ଦେଖିବାକୁ ମିଳିନାହିଁ। ମ୍ୟାଡି ଓ ଯଶସ୍ୱୀ ଦୀର୍ଘ ଦିନ ହେବ ପରସ୍ପରକୁ ଡେଟ୍ କରୁଛନ୍ତି। ୩ ବର୍ଷ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଛି। ଇଂଲଣ୍ଡର ବାସିନ୍ଦା ମ୍ୟାଡି ନ୍ୟୁଟ୍ରିସନ୍ ଏକ୍ସପର୍ଟ ଭାବେ କାର୍ଯ୍ୟ କରନ୍ତି। ମ୍ୟାଡିଙ୍କ ଭାଇ ହେନେରି ଓ ଯଶସ୍ୱୀ ଭଲ ବନ୍ଧୁ। ୨୦୧୮ରେ ହେନେରି ପ୍ରଥମ ଥର ଯଶସ୍ୱୀଙ୍କ ସହ ଫଟୋ ସେୟାର କରିଥିଲେ। ସେବେଠାରୁ ଉଭୟଙ୍କ ବନ୍ଧୁତା ରହିଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଯଶସ୍ୱୀ ୧୦ ଟି ଇନିଂସରେ ୪୧୧ ରନ୍ କରିଥିଲେ। ଏଥିରେ ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ଟେଷ୍ଟ କ୍ରିକେଟ୍‌ରେ ଯଶସ୍ୱୀ ୬ ଟି ଶତକ ମାରିଛନ୍ତି।

# ପାକିସ୍ତାନକୁ ଧୂଳି ଚଟାଇଲା ଇଣ୍ଡିଜ୍

କରାଚ, ୧୩।୮(ଏଜେନ୍ସି) : ପାକିସ୍ତାନ ମାଟି କାମୁଡିଛି। ଅତ୍ୟନ୍ତ ଲଜ୍ଜାଜନକ ପରାଜର ସାମ୍ନା କରିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚରେ ପାକିସ୍ତାନ ଧରାସାୟୀ ହୋଇଛି। ପାକିସ୍ତାନକୁ ୨୦୧ ରନ୍ ବ୍ୟବଧାନରେ ଇଣ୍ଡିଜ ପରାଜିତ କରି ଐତିହାସିକ ଶୃଙ୍ଖଳା ଜିତିଛି। ଦ୍ରୁତ ବୋଲର ଜୟଦିନ ସେଲ୍ସଙ୍କ ଘାତକ ବୋଲିଂ ଯୋଗୁଁ ତ୍ରିନିଦାଦଜ ଇଣ୍ଡିଜ୍ ଟିମ୍ ବିଜୟ ସ୍ୱାଦ ଚାଖିଛି। ସେଲ୍ସ ଏକାକି ୬ ୱିକେଟ୍ ନେବାରୁ ୨୯୫ ରନର ପିଛା କରୁଥିବା ପାକିସ୍ତାନ ମାତ୍ର ୯୨ ରନରେ ଅଲ୍ ଆଉଟ୍ ହୋଇଥିଲା। ଇଣ୍ଡିଜ୍ ଅଧିନାୟକ ସାଇ ହୋପ୍ ଅପରାଜିତ ଶତକ (୧୨୦ ରନ୍) ବଳରେ ୬ ୱିକେଟ୍ ହରାଇ ୨୯୪ ରନ କରିଥିଲା। ପାକିସ୍ତାନ କେବଳ ୯୨ ରନ କରିପାରିଥିଲା। ତେଣୁ ଇଣ୍ଡିଜ୍ ୨-୧ ବ୍ୟବଧାନରେ ଦିନିକିଆ ଶୃଙ୍ଖଳା କବ୍‌ଜା କରିନେଇଛି। ୧୯୯୧ ପରେ ପାକିସ୍ତାନ ବିପକ୍ଷରେ ଇଣ୍ଡିଜ୍ ଦିନିକିଆ ଶୃଙ୍ଖଳା ଜିତିବାର ସୌଭାଗ୍ୟ ଅର୍ଜନ କରିଛି। ପୂର୍ବରୁ ଟି-୨୦ ଶୃଙ୍ଖଳାରେ ପାକିସ୍ତାନ ଠାରୁ ହାରିଥିଲା ଇଣ୍ଡିଜ୍। ସେହିପରି ଅଷ୍ଟ୍ରେଲିଆ ଠାରୁ ୩-୦ରେ ଟେଷ୍ଟ ଓ ୫-୦ରେ ଟି-୨୦ ଶୃଙ୍ଖଳା ପରାଜିତ ହୋଇଥିଲା ଇଣ୍ଡିଜ୍। ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ପାକିସ୍ତାନ ବିପକ୍ଷରେ ଇଣ୍ଡିଜ୍ ଶୃଙ୍ଖଳା ଜିତିବାରୁ ଘରୋଇ ଦଳର ଶିବିରରେ ନୂଆ ଉତ୍ସାହ ଭରିଯାଇଛି। ଏ କଥା ମ୍ୟାଚ ପରେ ସାଇ ହୋପ୍ କହିଛନ୍ତି।



# ସାତକୋଶିଆ ଫୁଟବଲ ଆସୋସିଏସନ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ସାପ୍ତାହିକ ହାଟ ପାଖ ମିନି ଷ୍ଟାଡିୟମରେ ସାତକୋଶିଆ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ପ୍ରକାଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ୧୩ ତାରିଖ ଆରମ୍ଭ ହୋଇ ସ୍ୱାଧୀନତା ଦିବସ ଅବସରରେ ୧୫ ତାରିଖ ଦିନ ଉଦଯାପିତ ହେବ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ମୁଣ୍ଡା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢେଇ, ସମିତି ସଭ୍ୟା ପିନିମଣି କୁଲୁଆ, ମହୁଲଡିହା ଲ୍ୟାମ୍ପ ର ସଭାପତି ଦିଲ୍ଲିପ କୁମାର ନାୟକ, ସାତକୋଶିଆ ବନପାଳ ବିଜୟ କୁମାର ମହାନ୍ତ, ବନରକ୍ଷୀ ସନତ କୁମାର ମହାନ୍ତ, ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ସମାଜସେବୀ ଅଭିରାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୮ ଟି ଦଳ ଭାଗ ନେଇଥିବା ବେଳେ ତିନି ଦିନ ବ୍ୟାପୀ ହେବାକୁଥିବା ମାରାଥନ ଫୁଟବଲ ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଖେଳିବେ। ପ୍ରଥମ ଦିନର ପ୍ରଥମ ଖେଳ କାଶୀବାହାଲି ଏକାଦଶ ବନାମ ଢ଼ାବା ସାହି (ଚିଆବେଡା) ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଖେଳକୁ କପ୍ତିପଦାର ରେଫରୀ ରାଜେନ୍ଦ୍ର ଦେହୁରୀ ପରିଚାଳନା କରିଥିବା ବେଳେ ବାରିପଦାର ମହିଳା ଭାସ୍ୟକାର ସୁଭଦ୍ରା ହେମ୍ବ୍ରମ ଧାରା ବିବରଣୀ ପ୍ରଦାନ କରିଥିଲେ। ସାତକୋଶିଆ ଫୁଟବଲ ଆସୋସିଏସନର ସଭାପତି କାଳିଆ ନାୟକ, ସମ୍ପାଦକ ହରିହର ନାୟକ ଓ ଶିବପ୍ରସାଦ ନାୟକ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ସ୍କୁଲ କ୍ରିକେଟ ପାଇଁ ଶ୍ରେୟାଂଶୁ ମନୋନୀତ

ଭଦ୍ରକ,(ସବ୍ୟୁ): :ନିକଟରେ ଅନୁଷ୍ଠିତ ହୋଇଯାଇଥିବା ମଣ୍ଡଳସ୍ତରୀୟ ସିବିଏସ୍‌ଇ କ୍ରିକେଟ୍ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ତଥା ଏସବିଡ଼ି. ଇଣ୍ଟରନ୍ୟାସନାଲ୍ ସ୍କୁଲର ଯୁକ୍ତ ୨ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଶ୍ରେୟାଂଶୁ ଶେଖର ପାତ୍ର ଜାତୀୟସ୍ତରୀୟ ସ୍କୁଲ କ୍ରିକେଟ୍ ପାଇଁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ସେପେଟମ୍ବର ମାସରେ ଦିଲ୍ଲୀଠାରେ ହେବାକୁ ଥିବା ପ୍ରତିଯୋଗିତରେ ଭାଗ ନେବେ। ପୂର୍ବରୁ ସେ ଗତ ୬ଅଗଷ୍ଟରୁ ଆରମ୍ଭ ହୋଇ ୧୦ଅଗଷ୍ଟରେ କେଟି ଗ୍ଲୋବାଲ ସ୍କୁଲ,ଖୋର୍ଦ୍ଧାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶାରିରୀକ କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୧୭ବର୍ଷରୁ କମ୍ ବିଭାଗରେ ଅଂଶ ଗ୍ରହଣ କରିଥିଲେ। ଏହି ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ୪ଟି ରାଜ୍ୟର ବିଭିନ୍ନ ସିବିଏସ୍‌ଇ ସ୍କୁଲରୁ ମୋଟ ୫୬ଗୋଟି ସ୍କୁଲ ଅଂଶ ଗ୍ରହଣ କରିଥିଲେ। ପଶ୍ଚିମବଙ୍ଗ,ଆସାମ,ଛତିଶଗଡ଼ ଏବଂ ଓଡ଼ିଶାର ୮୦୦ରୁ ଉର୍ଦ୍ଧ୍ୱ ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାଟି ସିବିଏସ୍‌ଇ ପ୍ରଥମଥର ଏସ୍‌ଜିଏଫଆଇ ସହିତ ଅନୁବନ୍ଧିତ କରି ଆରମ୍ଭ କରିଅଛି। ଏହି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରର୍ଦଶନ କରିଥିବା ୧୮ ଜଣ ଖେଳାଳୀଙ୍କୁ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯିବା ସହିତ ଜାତୀୟସ୍ତରକୁ ଚୟନ କରାଯାଇଛି। ଏହି ଜାତୀୟସ୍ତରର ପ୍ରତିଯୋଗିତା ସେପେଟମ୍ବର ମାସ ଦିଲ୍ଲୀ ସ୍ଥିତ ନୋଏଡ଼ାରେ ଅନୁଷ୍ଠିତ ହେବ। ଶ୍ରେୟାଂଶୁଙ୍କ ଘର ଜଗନ୍ନାଥପୁର,ଭଦ୍ରକ। ତାଙ୍କ ମାତାଙ୍କ ନାମ ସୁମିତ୍ରା ନାଥ ଏବଂ ପିତାଙ୍କ ନାମ ହିମାଂଶୁ ଶେଖର ପାତ୍ର। ସେ ବର୍ତ୍ତମାନ ଭଦ୍ରକ ଇଲେକଟ୍ରି ବିଭାଗରେ (ଟିପିଏନଓଡ଼ିଏଲ୍) ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ। ଏହି ସଫଳତା ହାସଲ କଲାପରେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା,ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍,ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍,ଟ୍ରଷ୍ଟିର ସମସ୍ତ ସଦସ୍ୟ,ବିଦ୍ୟାଳୟର ସମସ୍ତ ଶିକ୍ଷକଗଣ ଏବଂ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।



# ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା !




ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଭାରତକୁ ପୁଣି ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ଅଧିକାର ମିଳିପାରେ। ପାଖାପାଖି ୨୦ ବର୍ଷ ପରେ ଭାରତ ଆଉ ଥରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହୋଇଥିଲା। ଭାରତୀୟ ଅଲିମ୍ପିକ୍ସ ସଂଘ ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛି। ୨୦୨୩ରେ ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବା ପାଇଁ ପ୍ରସ୍ତାବ ପଠାଯାଇଥିଲା। ବର୍ତ୍ତମାନ ଭାରତକୁ ଅଗଷ୍ଟ ୩୧ ସୁଦ୍ଧା ଚୂଡାନ୍ତ ବିଡ୍ ଦାଖଲ ପାଇଁ କୁହାଯାଇଛି। ଭାରତୀୟ ଅଲିମ୍ପିକ୍ସ ସଂଘ ଯୁଗ୍ମ ସମ୍ପାଦକ କଲ୍ୟାଣ ଚୌବେ ସ୍ୱତନ୍ତ୍ର ସାଧାରଣ ବୈଠକରେ କହିଛନ୍ତି ଯେ, ଭାରତର ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ସର୍ବସମ୍ମତି କ୍ରମେ ଅନୁମୋଦନ ପାଇଛି। ଏବେ ଭାରତ ଏଥିପାଇଁ ପ୍ରସ୍ତୁତି କରିବ। ୨୦୩୦ରେ ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଗୁଜରାଟର ରାଜଧାନୀ ଅହମ୍ମଦା ବାଦରେ ଆୟୋଜିତ ହୋଇପାରେ। ଭାରତ ସହିତ କାନାଡା ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବାକୁ ଆବେଦନ କରିଥିଲା। କିନ୍ତୁ ଏହି ଦେଶକୁ ବାଦ୍ ଦିଆଯିବା ପରେ ଭାରତ ନାଁରେ ମୋହର ଲାଗିଛି। କାର୍ଯ୍ୟନିର୍ବାହୀ ପରିସର ସଦସ୍ୟ ରୋହିତ ରାଜପାଲ କହିଛନ୍ତି ଯେ, ଯେଉଁଥିରେ ଭାରତୀୟ ଖେଳାଳିଙ୍କ ପଦକ ଜିତିବାରେ ଅଧିକ ସମ୍ଭାବନା ଥିବ ସେ ସବୁ କ୍ରୀଡାକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯିବ। ରୋହିତ ରାଜପାଲ ଆହୁରି କହିଛନ୍ତି ୨୦୨୬ରେ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହେବ ଯେଉଁଥିରେ ହକି, କୁସ୍ତି, ବ୍ୟାଡମିଣ୍ଟନ ଓ ସୁଟିଂରେ ସାମିଲ କରାଯାଇନାହିଁ। ଆଉ ଏହା ପଛରେ କାରଣ ଦର୍ଶାଯାଇଛି ଯେ, ଏଗୁଡିକର ଲୋକପ୍ରିୟତା କମ୍, ଦାମ୍ ଅଧିକ। ଟୁର୍ଣ୍ଣାମେଣ୍ଟରେ ଖେଳଗୁଡିକୁ ତିନୋଟି ଗ୍ରୁପରେ ରଖାଯାଇଛି। ପ୍ରଥମତଃ ଯେଉଁ ଖେଳଗୁଡିକ ସର୍ବଦା ଅନୁଷ୍ଠିତ ହୋଇଆସୁଛି। ଦ୍ୱିତୀୟତଃ ଆୟୋଜକ ଦେଶ ବାଛିପାରିବ। ତୃତୀୟତଃ ଅତିରିକ୍ତ ଖେଳ, ଯେଉଁଥିରେ ପାରମ୍ପରିକ ସ୍ୱଦେଶୀ ଖେଳ ଅନ୍ତର୍ଭୁକ୍ତ ହୋଇପାରିବ। ୨୦୧୦ରେ ମଧ୍ୟରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିନ କରିଥିଲା। ନୂଆଦିଲ୍ଲୀରେ ଆୟୋଜନ ହୋଇଥିଲା। ୨୦ ବର୍ଷ ପରେ ପୁଣି ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବାକୁ ଯାଉଛି।

ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି